


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-20 •MONDAY •14 JULY 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୨୦ •ସୋମବାର •୧୪ ଜୁଲାଇ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ରାଜ୍ୟରେ 'ନିର୍ଯାତନା' ନିଆଁ


■ **ଭୁବନେଶ୍ୱର/ବାଲେଶ୍ୱର, ୧୩।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ନିର୍ଯାତନା ନିଆଁରେ ସାରା ଓଡ଼ିଶା ଜଳୁଛି। ନିର୍ଯାତନାର ଶିକାର ଛାତ୍ରୀ ସରକାର, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ, ସ୍ଥାନୀୟ ସାଂସଦ, କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ କେହି କର୍ଣ୍ଣପାତ କଲେନାହିଁ। ଫଳରେ ସେ ଆତ୍ମଦାହ ପରି ଚରମ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ଶରୀରର ୯୫ ଭାଗରୁ ଊର୍ଦ୍ଧ୍ୱ ପୋଡ଼ି ଯାଇଛି ଓ ସେ ଏମ୍‌ସରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ତାଙ୍କର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

### ଫେରାଦ ହେବାକୁ ରାଷ୍ଟ୍ରପତିଙ୍କୁ ସମୟ ମାଗିଲେ ବିଜେଡି, କଂଗ୍ରେସ

### ଏମ୍‌ସରେ ସୌମ୍ୟାଶ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମୁଖ୍ୟମନ୍ତ୍ରୀ

ଏହି ଘଟଣାରେ ଅଭିଯୁକ୍ତ ଅଧ୍ୟାପକଙ୍କୁ ଗିରଫ କରାଯାଇଛି ଓ ଅଧ୍ୟକ୍ଷଙ୍କୁ ନିଲମ୍ବିତ କରାଯାଇଛି । ମାତ୍ର କେଉଁ କାରଣ ପାଇଁ କଲେଜ କର୍ତ୍ତୃପକ୍ଷ ଓ ସରକାର ଏହି ଘଟଣାକୁ ଗୁରୁତ୍ୱହୀନ ମନେ କରି ନିରବ ରହିଲେ ତାହା ଏବେ ସମସ୍ତଙ୍କ ପାଇଁ ଚିନ୍ତା ଓ ଉଦ୍‌ବେଗର ବିଷୟ ହୋଇଛି। ଜଣେ ଛାତ୍ରୀଙ୍କୁ କଲେଜର ଜଣେ ଅଧ୍ୟାପକ ଯୌନ ଅନୁଗ୍ରହ ଦାବି କରିବା ଓ ପରୀକ୍ଷାରେ ବ୍ୟାକ୍ ଲଗାଇବାର ଧମକ ଦେବାପରି ସ୍ପର୍ଶକାତର ଘଟଣାକୁ କିପରି ବିଭାଗ ଗୁରୁତ୍ୱ ଦେଲା ନାହିଁ, ତାହା ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମ୍ପୃକ୍ତ ଛାତ୍ରୀ ବିଜେପିର ଛାତ୍ରଶାଖା ଏବିଭିପିର ସଦସ୍ୟା ▶ପୃଷ୍ଠା-୭

## ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ



■ **ଭୁବନେଶ୍ୱର, ୧୩।୭ (ସମିସ):** ଆତ୍ମାହୁତି ଉଦ୍ୟମ କରି ଏମ୍‌ସରେ ଚିକିତ୍ସିତ ହେଉଥିବା ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ଜୀବନରକ୍ଷା ପ୍ରଣାଳୀ ମାଧ୍ୟମରେ ତାଙ୍କର ଚିକିତ୍ସା ଚାଲିଛି। ମାତ୍ର ସେ ଭୟଙ୍କର ରକ୍ତ ସଂକ୍ରମଣର ଶିକାର ହୋଇଛନ୍ତି ଓ ତାଙ୍କର କିଡ୍‌ନୀ କାମ କରୁନାହିଁ। ତେଣୁ ଦିଲ୍ଲୀ ଏମ୍ସର ବରିଷ୍ଠ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁସାରେ ତାଙ୍କର ଡାଏଲିସିସ୍ କରାଯାଇଥିବା ଏମ୍‌ସର ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବିଭାଗ ମୁଖ୍ୟ ସଞ୍ଜୟ ଗିରି ସୂଚନା ଦେଇଛନ୍ତି।

### ଭୟାନକ ରକ୍ତ ସଂକ୍ରମଣ ସହ କିଡନୀ ଅଚଳ


### ଦିଲ୍ଲୀ ଏମ୍‌ସ ପରାମର୍ଶକ୍ରମେ ଡାଏଲିସିସ୍

### ଚିକିତ୍ସା ପାଇଁ ଏମ୍‌ସର ୧୦ ଜଣିଆ କମିଟି

ଡାକ୍ତର ଶ୍ରୀ ଗିରି କହିଛନ୍ତି ଯେ ନିୟମିତ ବ୍ୟବଧାନରେ ପୀଡ଼ିତାଙ୍କର ରକ୍ତ ପରୀକ୍ଷା କରାଯାଉଛି। ରକ୍ତରେ ପୋଟାସିୟମ୍ ସ୍ତର ▶ପୃଷ୍ଠା-୭

**ଉଦ୍‌ବେଗ ପ୍ରକାଶ କଲେ ନବୀନ**

## ରାଜ୍ୟପାଳ ହସ୍ତକ୍ଷେପ କରନ୍ତୁ



**ଛାତ୍ରୀଙ୍କୁ ନ୍ୟାୟ ସୁନିଶ୍ଚିତ ଦାବି**

**ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା**

■ **ଭୁବନେଶ୍ୱର, ୧୩।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାରେ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଛାତ୍ରୀଜଣଙ୍କ କଲେଜ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ବାରମ୍ବାର ତାଙ୍କ ଅଭିଯୋଗ ଜଣାଇବା ସତ୍ତ୍ୱେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଏପରି ଏକ ସମ୍ବେଦନଶୀଳ ଘଟଣାରେ ରାଜ୍ୟପାଳ ହସ୍ତକ୍ଷେପ କରିବା ସହ ଛାତ୍ରୀଙ୍କୁ ନ୍ୟାୟ ଦେବାକୁ ନବୀନ ଦାବି କରିଛନ୍ତି। ରବିବାର ସୋସିଆଲ ମିଡ଼ିଆ ଆକାଉଣ୍ଟ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଓଡ଼ିଶାର ଅନ୍ୟତମ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଜଣେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା ମୋତେ ▶ପୃଷ୍ଠା-୭

**ଡିଜିଙ୍କୁ ଜାତୀୟ ମହିଳା କମିଶନଙ୍କ ନିର୍ଦ୍ଦେଶ**

## ୩ ଦିନରେ ରିପୋର୍ଟ ଦିଅ

■ **ଭୁବନେଶ୍ୱର, ୧୩।୭ (ସମିସ):** ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ମାମଲାରେ ଜାତୀୟ ମହିଳା କମିଶନ ହସ୍ତକ୍ଷେପ କରିଛନ୍ତି। ନିଜ ଆଡ଼ୁ ମାମଲା ରୁଜୁ କରି ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କୁ ଅନୁସନ୍ଧାନ କରି କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଛନ୍ତି। ତଦନ୍ତରେ କ'ଣ କାର୍ଯ୍ୟାନୁଷ୍ଠାନ ନେଲେ ସେନେଇ ରିପୋର୍ଟ ୩ ଦିନ ଭିତରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଡିଏସ୍‌ପି କହିଛନ୍ତି ଯେ ବାଲେଶ୍ୱର ଏଫ୍‌ଏମ୍ କଲେଜ ମାମଲାରେ ଆଜି କ୍ରାଇମବ୍ରାଞ୍ଚ ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁର ୨ ଜଣିଆ ଟିମ୍ ତଦନ୍ତ ଆରମ୍ଭ କରିଛନ୍ତି। କ୍ରାଇମବ୍ରାଞ୍ଚ ଡିଜିଙ୍କ ନିର୍ଦ୍ଦେଶରେ ନିଜ ପକ୍ଷରୁ ନିରୀକ୍ଷଣ ପାଇଁ ପହଞ୍ଚି ଘଟଣା ଉପରେ ଅନୁଧ୍ୟାନ କରିବୁ ବୋଲି ଡିଏସ୍‌ପି କହିଛନ୍ତି।

**ଭୋଟର ତାଲିକା ଯାଞ୍ଚ**

## ସାରା ଦେଶରେ ବିହାର ଢାଞ୍ଚା

■ **ନୂଆଦିଲ୍ଲୀ, ୧୩।୭ (ଏଜେନ୍ସି):** ବିହାର ପରେ ଏବେ ସାରା ଦେଶରେ ଭୋଟର ତାଲିକା ଯାଞ୍ଚ୍ ହେବ ବୋଲି ନିର୍ବାଚନ କମିଶନ କହିଛନ୍ତି। ତେଣୁ ଦେଶରେ ସ୍ପେଶାଲ ଇନ୍‌ଟେନ୍‌ସିଭ ରିଭିଜନ (ଏସ୍‌ଆଇଆର) କରିବାକୁ କମିଶନ ଲକ୍ଷ୍ୟ ରଖିଛନ୍ତି। ଏହାଦ୍ୱାରା ଭୋଟର ତାଲିକାର ସମସ୍ତ ତଥ୍ୟକୁ ଗମ୍ଭୀରତାର ସହ ଯାଞ୍ଚ କରାଯିବ। ଅଗଷ୍ଟ ମାସରୁ ଏହି ପ୍ରକ୍ରିୟା ଆରମ୍ଭ ହେବ। ଏ ସଂକ୍ରାନ୍ତରେ ନିର୍ବାଚନ କମିଶନ ସବୁ ରାଜ୍ୟରେ ଥିବା ନିଜର ନିର୍ବାଚନ ମେସିନାରୀ ତଥା କମିଶନକୁ ଆକ୍ଟିଭ କରିଛି।

ଜୁଲାଇ ୧୦ରେ ବିହାରରେ ଏସ୍‌ଆଇଭି ଜାରି ରଖିବାକୁ ସୁପ୍ରିମକୋର୍ଟ ଅନୁମତି ଦେବା ପରେ ନିର୍ବାଚନ କମିଶନ ଏହି ନିଷ୍ପତ୍ତି ନେଇଛନ୍ତି। ସୁପ୍ରିମକୋର୍ଟ ଏହି ପ୍ରକ୍ରିୟାକୁ ସାମ୍ବିଧାନିକ ବୋଲି ଅବିହିତ କରିଥିଲେ। ତେବେ ଦେଶରେ ଏକାଧିକ ରାଜନୈତିକ ଦଳ ତଥା ସଂଗଠନ ଏହି ରିଭିଜନ ବିରୋଧରେ ଏବେ ମଧ୍ୟ ନିଜର ଆଭିମୁଖ୍ୟକୁ ଜାରି ରଖିଛନ୍ତି ଓ ସୁପ୍ରିମକୋର୍ଟରେ ଏହାକୁ ଚ୍ୟାଲେଞ୍ଜ ମଧ୍ୟ କରିଥିଲେ। ଏହି ସ୍ପେଶାଲ ଇନ୍‌ଟେନସିଭ ରିଭିଜନ ଦ୍ୱାରା ଯୋଗ୍ୟ ନାଗରିକମାନେ ମଧ୍ୟ ନିଜ ଭୋଟଦାନ ଅଧିକାରରୁ ବଞ୍ଚିତ ହେବେ ବୋଲି ଏହି ଦଳଗୁଡ଼ିକ ଅଭିଯୋଗ ଆଣିଥିଲେ। ଜୁଲାଇ ୨୮ ପରେ ଏ ସଂକ୍ରାନ୍ତରେ କମିଶନ ଅନ୍ତିମ ନିଷ୍ପତ୍ତି ନେବ ବୋଲି କହିଛି। ଅବଶ୍ୟ ବିହାର ଏସ୍‌ଆଇଆର ରିଭିଜନ ମାମଲାରେ ସୁପ୍ରିମକୋର୍ଟର ଦ୍ୱିତୀୟଥର ପାଇଁ ଶୁଣାଣି ହେବାର କାର୍ଯ୍ୟକ୍ରମ ରହିଛି। ସେପଟେ କିଛି ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ନିଜ ରାଜ୍ୟରେ ଗତ ଏସ୍‌ଆଇଆର ପରେ ପ୍ରକାଶ ପାଇଥିବା ଭୋଟର ତାଲିକାକୁ ଜାରି କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବିହାରର ଭୋଟର ତାଲିକାରେ ନେପାଳ ଓ ବାଂଲାଦେଶ ନାଗରିକଙ୍କ ନାମ ରହିଛି ବୋଲି ନିର୍ବାଚନ ଅଧିକାରୀମାନେ ଦାବି କରିଛନ୍ତି। ତାଲିକାରେ ପୁନଃନିରୀକ୍ଷଣ ପାଇଁ ଘରଘର ବୁଲିଛୁ ଓ ତାଲିକାରେ ନେପାଳ, ▶ପୃଷ୍ଠା-୭

## ବାଲେଶ୍ୱରରେ ଖୋଳତାଡ଼

**ଏଫ୍‌ଏମ୍ କଲେଜରେ ଉଚ୍ଚଶିକ୍ଷା ବିଭାଗ ଓ କ୍ରାଇମ୍‌ବ୍ରାଞ୍ଚ ଟିମ୍**







### ନିଲମ୍ବିତ ଅଧ୍ୟକ୍ଷ ଓ ଆଇସିସି କମିଟି ସଦସ୍ୟଙ୍କୁ ଜେରା

### ପକ୍ଷ ରଖିବାକୁ ପୀଡ଼ିତାଙ୍କ ଭାଇକୁ ଦେଲେନି ସୁଯୋଗ

### ବିପଦ ଥିବା ଦର୍ଶାଇ ସୁରକ୍ଷା ଲୋଡ଼ିଲେ ନିଲମ୍ବିତ ଅଧ୍ୟକ୍ଷ

■ **ବାଲେଶ୍ୱର, ୧୩।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ସାରା ରାଜ୍ୟ ଉତ୍ତୁଙ୍ଗିପଡୁଛି। ଏମ୍‌ସରେ ତାଙ୍କ ଚିକିତ୍ସା ଚାଲିଥିବା ବେଳେ ଅବସ୍ଥା ଏବେ ବି ସଂକଟାପନ୍ନ ରହିଛି। ଏପରି ସ୍ଥିତିରେ ଆଜି ଉଚ୍ଚଶିକ୍ଷା ବିଭାଗ ଓ କ୍ରାଇମବ୍ରାଞ୍ଚର ଦୁଇ ପୃଥକ୍ ଟିମ୍ ମହାବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। ଏହି ତଦନ୍ତରେ ସାମିଲ ହେବା ପାଇଁ ସୌମ୍ୟାଶ୍ରୀଙ୍କ ଭାଇ ସୌମ୍ୟରଞ୍ଜନ ମଧ୍ୟ କଲେଜକୁ ଆସିଥିଲେ। ହେଲେ ତାଙ୍କୁ ପରେ ଡକାଯିବ ବୋଲି କହି ଫେରାଇ ଦିଆଯାଇଥିଲା। ସେହିପରି କଲେଜର ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଏସ୍‌ପିଙ୍କୁ ପୁଲିସ୍ ସୁରକ୍ଷା ମାଗିଛନ୍ତି। ଏହାଛଡ଼ା ସେ ତଦନ୍ତରେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବେ ବୋଲି କହିଛନ୍ତି। ଅପରପକ୍ଷେ, ସୌମ୍ୟାଶ୍ରୀଙ୍କୁ ବଞ୍ଚାଇବାକୁ ଯାଇ ଗୁରୁତର ଆହତ ହୋଇଥିବା ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କ ଅଧିକ ଚିକିତ୍ସା ଲାଗି ଆଜି ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଭାଗର ଯୁଗ୍ମ ସଚିବ ମୌସୁମୀ ନାୟକ ଓ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରଫେସର୍ ଝୁମୁକି ରଥଙ୍କୁ ନେଇ ୩ଜଣିଆ ଏକ କମିଟି କଲେଜରେ ପହଞ୍ଚି ବିଭିନ୍ନ ଦିଗରୁ ଘଟଣାର ତଦନ୍ତ କରିଛନ୍ତି। କେଉଁ ପରିସ୍ଥିତିରେ ସୌମ୍ୟାଶ୍ରୀ ଆତ୍ମାହୁତି ▶ପୃଷ୍ଠା-୭

## ଓଡ଼ିଶା ସରକାର ଓ ବିଜେପିକୁ ଘେରିଲା ଟିଏମ୍‌ସି

■ **କୋଲକାତା, ୧୩।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନିର୍ଯାତନା ପରେ ଜଣେ ଛାତ୍ରୀଙ୍କ ଆତ୍ମଦାହ ଉଦ୍ୟମ ଘଟଣାକୁ କଟୁ ଶବ୍ଦରେ ନିନ୍ଦା କରିଛି ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ।

ଦଳ ପକ୍ଷରୁ କହାଯାଇଛି ଯେ ଓଡ଼ିଶାରେ ପ୍ରତିଦିନ ଭିନ୍ନଭିନ୍ନ ଘଟଣା ଘଟୁଛି। ବାଲେଶ୍ୱରରେ ଜଣେ କଲେଜ ଛାତ୍ରୀ ବିଭାଗୀୟ ମୁଖ୍ୟଙ୍କ ନିର୍ଯାତନାର ଶିକାର ହୋଇ ନିଜକୁ ଜାଳିଦେବାକୁ ବାଧ୍ୟ ହୋଇଛନ୍ତି। ତାଙ୍କ ଶରୀରର ୯୫% ଜଳି ଯାଇଛି ଓ ସେ ଜୀବନ ସହ ସଂଘର୍ଷ କରୁଛନ୍ତି । ଛାତ୍ରୀଙ୍କୁ ବଞ୍ଚାଇବାକୁ ଯାଇଥିବା ତାଙ୍କର ଜଣେ ସହପାଠୀ ମଧ୍ୟ ୭୦ ପ୍ରତିଶତ ଜଳିଯାଇଛନ୍ତି। ମାତ୍ର ଏହି ଘଟଣାରେ ଓଡ଼ିଶା ସରକାର ଓ ବିଜେପି ଅତ୍ୟନ୍ତ ଲଜ୍ଜାଜନକ ଭାବରେ ନିରବ ରହିଛନ୍ତି। ଓଡ଼ିଶାରେ 'ବେଟି ପଢ଼ାଓ-ବେଟି ବଚାଓ' ଏକ ଫାର୍ସରେ ପରିଣତ ହୋଇଛି ବୋଲି ତୃଣମୂଳ କଂଗ୍ରେସ କହିଛି।

**ଗଦାଗଦା ଅଭିଯୋଗକୁ ଚାପି ବସିଛି ଉଚ୍ଚଶିକ୍ଷା ବିଭାଗ**

## ନ୍ୟାୟ ଅପେକ୍ଷାରେ ୧୪ ନିର୍ଯାତିତ ଛାତ୍ରୀ

■ **ଭୁବନେଶ୍ୱର, ୧୩।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ନିର୍ଯ୍ୟାତନା ସହି ନ ପାରି ଜଣେ ଛାତ୍ରୀଙ୍କ ଆତ୍ମଦାହ ଉଦ୍ୟମ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ପୀଡ଼ିତା ଛାତ୍ରୀ ଜୀବନ ସହ ସଂଗ୍ରାମ କରୁଥିବାବେଳେ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବହୁ ଅଧ୍ୟାପକଙ୍କ ବିରୋଧରେ ଶାରୀରିକ ଓ ମାନସିକ ନିର୍ଯ୍ୟାତନାର ଅଭିଯୋଗ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଗତ କେଇ ମାସ ମଧ୍ୟରେ ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରୁ ପ୍ରାୟ ୧୪ଟି ନିର୍ଯ୍ୟାତନା ଅଭିଯୋଗ ଆସିଥିଲେ ମଧ୍ୟ ସବୁ ଅଭିଯୋଗକୁ ଉଚ୍ଚଶିକ୍ଷା ବିଭାଗ ଚାପି ରଖିଛି। କାର୍ଯ୍ୟନୁଷ୍ଠାନ ତ ଦୂର କଥା, ଏ ସମ୍ପର୍କରେ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦିଆଯାଇ ନାହିଁ।

୨୦୨୪ ମସିହା ଡିସେମ୍ବରରେ ଖୋଦ୍ ରାଜଧାନୀରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ତତ୍କାଳୀନ କମ୍ପ୍ୟୁଟର୍ ବିଭାଗ ମୁଖ୍ୟ ଶାରୀରିକ ନିର୍ଯ୍ୟାତନା ଦେଇଥିବା ଅଭିଯୋଗ ହୋଇଥିଲା। ସିସିଟିଭି ଭିଡିଓ ଆଧାରରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଉଚ୍ଚଶିକ୍ଷା ବିଭାଗକୁ ବଦଳି କରି ପୁରସ୍କୃତ କରାଗଲା। ମାତ୍ର ଏଯାଏ ତଦନ୍ତ ସରୁନାହିଁ କି ଚୂଡ଼ାନ୍ତ ରିପୋର୍ଟ ଆସିନାହିଁ। ସେହିପରି ବିଜେବି କଲେଜର ଓଡ଼ିଆ

**ବାଲେଶ୍ୱର ଘଟଣା ପରେ ଚେତିବେ କି ରାଜ୍ୟ ସରକାର !**

ବିଭାଗ ମୁଖ୍ୟଙ୍କ ବିରୋଧରେ ମଧ୍ୟ ନିର୍ଯ୍ୟାତନା ଅଭିଯୋଗ ଥିଲେ ମଧ୍ୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇନି। ରାଜଧାନୀର ଅନ୍ୟଏକ ଏକ ପ୍ରତିଷ୍ଠିତ ଉଚ୍ଚ ଶିକ୍ଷାନୁଷ୍ଠାନ ରାଜଧାନୀ ମହାବିଦ୍ୟାଳୟର ଇଂରାଜୀ ଏବଂ ପଦାର୍ଥ ବିଜ୍ଞାନ ଅଧ୍ୟାପକଙ୍କ ବିରୋଧରେ ଆସିଥିବା ଅଭିଯୋଗ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ମାଡ଼ି ବସିଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ସର୍ବାଧିକ ୪ଜଣ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀଙ୍କୁ ନିର୍ଯ୍ୟାତନା ଅଭିଯୋଗ ରହିଛି। ପଦାର୍ଥ ବିଜ୍ଞାନ ବିଭାଗର ୩ଜଣ ଅଧ୍ୟାପକ ଓ ରସାୟନ ବିଜ୍ଞାନ ଅଧ୍ୟାପକଙ୍କ ବିରୋଧରେ ଆସିଥିବା ନିର୍ଯ୍ୟାତନା ଅଭିଯୋଗ ସମ୍ପର୍କରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ପୂର୍ବରୁ ଅନଗୁଳ ଜିଲ୍ଲା ଆଠମଲ୍ଲିକ ମହାବିଦ୍ୟାଳୟ ଅର୍ଥନୀତି ଅଧ୍ୟାପକ, ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ଓ ଇଂରାଜୀ ଅଧ୍ୟାପକ, ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ହିନ୍ଦୀ, ଭୌତିକ ବିଜ୍ଞାନ ଓ ଜୀବବିଜ୍ଞାନ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ ଉଚ୍ଚଶିକ୍ଷା ବିଭାଗ ନିକଟରେ ପହଞ୍ଚିଛି। ମାତ୍ର କୌଣସି ଘଟଣାରେ କିଛି ବି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ତେଣୁ ଏଫ୍‌ଏମ୍ କଲେଜ୍ ପରି ସମସ୍ତ ଛାତ୍ରୀ ଆତ୍ମାହୁତି ଉଦ୍ୟମ କରିବା ପରେ ଯାଇ ସରକାର କାର୍ଯ୍ୟାନୁଷ୍ଠାନ ନେବେ କି ବୋଲି ପ୍ରଶ୍ନ ଉଠିଛି।




## ଫକୀରମୋହନ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣା

# ରାଜ୍ୟବ୍ୟାପୀ ଆକ୍ରୋଶ, ପ୍ରତିବାଦ


ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ କୁଶପୁତ୍ତଳିକା ଦାହ


ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିବାକୁ ବିଜୁ ଯୁବ ଓ ଛାତ୍ର ଜନତା ଦଳର ରାଲି


ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ପୁଲିସ-ଯୁବ କଂଗ୍ରେସ କର୍ମୀ ମୁହାଁମୁହିଁ

## ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ, ଛାତ୍ର ବିଜେଡି

ଭୁବନେଶ୍ୱର, ୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ ଘଟଣାରେ ରାସ୍ତାକୁ ଓହ୍ଲାଇଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ। ଏହି ଘଟଣାରେ କଲେଜ କର୍ତ୍ତୃପକ୍ଷ ଓ ପୁଲିସ୍‌ର ନିଷ୍କ୍ରିୟତା ସରକାରର ଅସଲମୁଖା ଖୋଲି ଦେଇଥିବା ନେଇ ଦଳ ଅଭିଯୋଗ କରିଛି। ଏଥିସହ ଛାତ୍ରୀଙ୍କୁ ନ୍ୟାୟ ଓ ରାଜ୍ୟରେ ମହିଳା ଓ ଛାତ୍ରୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ସରକାର ବିପକ୍ଷରେ ଯୁବ ଓ ଛାତ୍ର ବିଜେଡିର କାର୍ଯ୍ୟକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିଛନ୍ତି। ଏହାସହ ଏଭଳି ଘଟଣା ପାଇଁ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି।



ବିଧାୟକ ଡଃ ବ୍ୟୋମକେଶ ରାୟ, ଦେବୀ ରଂଜନ ତ୍ରିପାଠୀଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଶତାଧିକ ବିଜୁ ଯୁବ ଓ ଛାତ୍ର ଜନତା ଦଳର ନେତୃତ୍ୱମାନେ ଧସେଇ ଆସିଥିଲେ। ପୁଲିସ୍ ସେମାନଙ୍କୁ ବାଧା ଦେବାରୁ ଧସ୍ତାଧସ୍ତି ଭଳି ସ୍ଥିତି ଉତ୍ପନ୍ନ ହୋଇଥିଲା।

ଦଳ ପକ୍ଷରୁ କୁହାଯାଇଛି ଯେ ଲୋକଙ୍କ ସରକାର କହୁଥିବା ବିଜେପି ଶାସନରେ ସାଧାରଣ ଜନତା ଅସୁରକ୍ଷିତ। 'ବର୍ଷ ଏକ ଉପଲବ୍ଧି ଅନେକ'ର ନାରା ଦେଉଥିବା ସରକାରରେ ମହିଳା ଓ ଛାତ୍ରୀ ସଂପୂର୍ଣ୍ଣ ଅସୁରକ୍ଷିତ। ଫକୀରମୋହନ ମହାବିଦ୍ୟାଳୟରେ ଗତକାଲି ଘଟିଥିବା ଏହି ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଛି। ଅନ୍ୟ ଘଟଣା ଓ ମାମଲା ବେଳକୁ ବିଜେପି ସମର୍ଥିତ ଛାତ୍ର ସଂଗଠନ ଏବିଭିପି ଆନ୍ଦୋଳନ କରି ରାଜରାସ୍ତାକୁ ଆସୁଥିଲା ବେଳେ ଏଫ୍.ଏମ୍ କଲେଜରେ ଘଟିଥିବା ସଂଗୀନ ଘଟଣାକୁ ନେଇ କାହିଁକି ତତ୍ପରତା ପ୍ରକାଶ କରୁନାହିଁ ବୋଲି ଦଳ ପ୍ରଶ୍ନ କରିଛି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି, ବିଜେପି ସରକାର ନିଜର ଦୋଷ ତ୍ରୁଟିକୁ ତରବରିଆ ଭାବେ ଚାପିଦେବାକୁ ଚେଷ୍ଟା କରୁଛି।

ଦଳ ପକ୍ଷରୁ କୁହାଯାଇଛି ଯେ ଉକ୍ତ ମହାବିଦ୍ୟାଳୟର ଜଣେ ଅଧ୍ୟାପକ ତାଙ୍କଠାରୁ ଶାରୀରିକ ଅନୁଗ୍ରହ ଚାହୁଁଥିବା ନେଇ ଛାତ୍ରୀଜଣକ ଗତ ୧ ତାରିଖରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ହେଲେ ଅଧ୍ୟକ୍ଷ ଏହି ଅଭିଯୋଗକୁ ଗୁରୁତ୍ୱ ନ ଦେଇ କୌଣସି ତ୍ୱରିତ ପଦକ୍ଷେପ ନ ନେବାରୁ ଛାତ୍ରୀଜଣଙ୍କ ବାଧ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରେ ମଧ୍ୟ ନ୍ୟାୟ ପାଇବାରେ ବିଫଳ ହେବାରୁ ସେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ସାକ୍ଷାତ କରି ତାଙ୍କ ଦୁଃଖ ଜଣାଇଥିଲେ, ଯାହାକୁ ଶ୍ରୀ ଷଡ଼ଙ୍ଗୀ ଗଣମାଧ୍ୟମରେ ସ୍ୱୀକାର ମଧ୍ୟ କରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଶ୍ରୀ ଷଡ଼ଙ୍ଗୀ ଛାତ୍ରୀ ଜଣଙ୍କୁ ନ୍ୟାୟ ଦେବା ପାଇଁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ।

ଆହୁରି ମଧ୍ୟ ଛାତ୍ରୀଜଣଙ୍କ ବାରମ୍ବାର ସୋସିଆଲ ମିଡିଆରେ ବିଭାଗୀୟ ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏଭଳି ବଡ଼ ଘଟଣାକୁ ହାଲୁକା ଭାବେ ନେବା ଦ୍ୱାରା ଦୀର୍ଘ ୧୨ଦିନ ଧରି ନ୍ୟାୟ ପାଇଁ ସଂଘର୍ଷ କରିବା ପରେ ଛାତ୍ରୀଜଣଙ୍କ ବାଧ ହୋଇ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଛନ୍ତି। ଛାତ୍ରୀଜଣଙ୍କ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ଜଣେ ସଦସ୍ୟା ହୋଇଥିଲେ ମଧ୍ୟ ତାଙ୍କୁ ରାଜ୍ୟ ସରକାର ସୁରକ୍ଷା ଓ ନ୍ୟାୟ ଦେଇପାରିଲେ ନାହିଁ। ହେଲେ ଜଣେ ସାଧାରଣ ଛାତ୍ରୀ ଏହି ସରକାରଠାରୁ ସୁରକ୍ଷା ଓ ନ୍ୟାୟ କିଭଳି ଆଶା କରିବ ବୋଲି ଦଳ ପ୍ରଶ୍ନ କରିଛି। ଛାତ୍ରୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଲଢ଼େଇ ଜାରି ରଖିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି ଘେରଉରେ ଅନ୍ୟମାନଙ୍କ ମଧ୍ୟରେ ଧୃତିରଂଜନ ମାର୍ଥା, ଏଲିନା ଦାସ, ବିଜୟ କେତନ ସାହୁ, ଜ୍ୟୋତ୍ସ୍ନାମୟୀ ପରିଡ଼ା, ଶୁଭ୍ରାଂଶୁ ନାରାୟଣ ମିଶ୍ର, ତାରିଣୀ ପ୍ରସାଦ ନାୟକ, ଇପ୍ସିତା ସାହୁ, ରଶ୍ମିରେଖା ମଲ୍ଲିକଙ୍କ ସମେତ ବହୁ ଛାତ୍ର ଓ ଯୁବ ନେତା ଅଂଶଗ୍ରହଣ କରିଥିଲେ।

## ଗର୍ଜିଲା ଯୁବ ଓ ଛାତ୍ର କଂଗ୍ରେସ

ଭୁବନେଶ୍ୱର,୧୩।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ଉଦ୍ୟମ ଘଟଣାରେ ଆଜି ପ୍ରଦେଶ ଯୁବ କଂଗ୍ରେସ ଓ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ମିଳିତ ଭାବେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରାଯାଇଛି। ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ କର୍ମୀ ଏବଂ ପୁଲିସ ମଧ୍ୟରେ ପ୍ରାୟ ଘଣ୍ଟାଏ କାଳ ଧସ୍ତାଧସ୍ତି ହେବାପରେ ପୁଲିସ ବ୍ୟାରିକେଡକୁ ଆନ୍ଦୋଳନକାରୀମାନେ ଭାଙ୍ଗି ଦେଇଥିଲେ। ପୁଲିସ ସେଠାରୁ ଭ୍ୟାନ ଯୋଗେ ଆନ୍ଦୋଳନକାରୀମାନଙ୍କୁ ଉଠାଇ ନେଇଥିଲା।



ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଥିଲେ ଯେ ବାଲେଶ୍ୱର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ଉଦ୍ୟମ ଘଟଣାରେ ସଂପୂର୍ଣ୍ଣ ଭାବେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପୋଲିସ ପ୍ରଶାସନ ଦାୟୀ। ଅନ୍ୟପକ୍ଷରେ, ଉଚ୍ଚଶିକ୍ଷା ବିଭାଗକୁ ପରିଚାଳନା କରିବାରେ ବିଫଳ ଅଯୋଗ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଏ ସମଗ୍ର ଘଟଣା ପାଇଁ ଦାୟୀ ଏବଂ ସେ ତୁରନ୍ତ ଇସ୍ତଫା ଦେବା ଦରକାର।

ସେହିଭଳି ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ଉଦିତ ପ୍ରଧାନ କହିଲେ ଯେ ମୋହନ ସରକାର ଏକ ଛାତ୍ରବିରୋଧୀ ସରକାର। ପୀଡ଼ିତା ସୌମ୍ୟାଶ୍ରୀ ବିଶି ନ୍ୟାୟ ପାଇବା ପାଇଁ କଲେଜର ଅଧ୍ୟକ୍ଷ, ଥାନା, ବାଲେଶ୍ୱର ସାଂସଦ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀ ସମସ୍ତଙ୍କୁ ଯୋଗାଯୋଗ କରିଛନ୍ତି। କିନ୍ତୁ ତାଙ୍କୁ ନ୍ୟାୟ ମିଳିନାହିଁ। ଶେଷରେ ହତାଶ ହୋଇ ସେ ଆତ୍ମଦାହ କରିବାପାଇଁ ନିଷ୍ପତ୍ତି ନେଲେ। ଏବିଭିପି ଛାତ୍ର ସଂଗଠନଙ୍କର ସେ ଜଣେ ସଭ୍ୟା ଥାଇ ମଧ୍ୟ ତାଙ୍କ ନିଜ ସଂଗଠନ ଓ ସରକାର ତାଙ୍କୁ ସୁରକ୍ଷା ଦେଇପାରିଲେ ନାହିଁ। ତେଣୁ ଓଡ଼ିଶାର ସମସ୍ତ କ୍ୟାମ୍ପସରେ ଛାତ୍ରୀମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଭୁବନେଶ୍ୱର ଲୋକସଭା କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କହିଲେ ଯେ ଏହି ଘଟଣାରେ ଏବିଭିପି ଛାତ୍ର ସଂଗଠନର ଅସଲ ମୁଖା ଖୋଲିଯାଇଛି। ସୌମ୍ୟାଶ୍ରୀ ଆତ୍ମହତ୍ୟା ଘଟଣାରେ ଓଡ଼ିଶା ସରକାରଙ୍କର ସମସ୍ତ ସିଷ୍ଟମ ନିଷ୍କ୍ରିୟ ଓ ବଫଳ ବୋଲି ପ୍ରମାଣିତ। ସୁତରାଂ ଶିକ୍ଷାମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେ କହିଛନ୍ତି।

## 'ନାରୀଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ'

ଭୁବନେଶ୍ୱର,୧୩।୭(ସମିସ): ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ମହିଳା କଂଗ୍ରେସ। ରବିବାର ଏହି ପ୍ରସଙ୍ଗରେ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ଏକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ପୀଡ଼ିତା ଏବେ ଗୁରୁତର ହୋଇ ଏମ୍ସ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏହି ଘଟଣା ଓଡ଼ିଶାର ଶିକ୍ଷା, ପ୍ରଶାସନ ଓ ନାରୀ ସୁରକ୍ଷା ବ୍ୟବସ୍ଥାର ସମ୍ପୂର୍ଣ ବିଫଳତା ପ୍ରମାଣ କରୁଛି। ତେଣୁ ଉଚ୍ଚ ଶିକ୍ଷାମନ୍ତ୍ରୀ ଏହି ଘଟଣାରେ ଇସ୍ତଫା ଦେବା ସହ ଭାରାପ୍ରାପ୍ତ ଅଧ୍ୟକ୍ଷଙ୍କ ଗିରଫ ଓ ଜଣେ ଅଭିଜ୍ଞ ମହିଳା ବିଚାରପତିଙ୍କ ଦ୍ୱାରା ମାମଲାର ନ୍ୟାୟିକ ତଦନ୍ତ କରାଯାଉ ବୋଲି ଶ୍ରୀମତୀ ବାହୀନିପତି ଦାବି କରିଛନ୍ତି।




ଏହାସହିତ ପୀଡ଼ିତାଙ୍କୁ ଭେଟିବା ପାଇଁ ମହିଳା କଂଗ୍ରେସ ତରଫରୁ ଯାଇଥିବା ପ୍ରତିନିଧି ଦଳକୁ ଏବିଭିପିର ଜଣେ ରାଜ୍ୟ ସଦସ୍ୟା ଅଶାଳୀନ ବ୍ୟବହାର ପ୍ରଦର୍ଶନ ପୂର୍ବକ ଭିତରକୁ ଯିବା ପାଇଁ ଦେଉନଥିଲେ। ଏହା କ'ଣ ଏବିଭିପିର ଶିଷ୍ଟାଚାର ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାସହ ଆତ୍ମାହୁତି ଉଦ୍ୟମ କରିଥିବା ଛାତ୍ରୀଜଣଙ୍କ ତାଙ୍କ ଉପରେ ହୋଇଥିବା ନିର୍ଯାତନା ପ୍ରସଙ୍ଗରେ ସାଂସଦ, ବିଧାୟକ ଏବଂ ପୁଲିସକୁ ଜଣାଇଥିଲେ ବି କେହି ଏହାକୁ ଗୁରୁତ୍ୱର ସହ କାହିଁକି ନେଲେ ନାହିଁ ବୋଲି ନାରୀ ନ୍ୟାୟ ବାହିନୀ ଅବାହାକ ପ୍ରଫେସର ଗାୟତ୍ରୀ ବିଶ୍ୱାଳ ଉଦବେଗ ପ୍ରକାଶ କରିଛନ୍ତି। ଏହାସହ ସିଏମଓ, କେନ୍ଦ୍ର ଉଚ୍ଚ ଶିକ୍ଷାମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ମହିଳା କମିଶନଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ ସୁଦ୍ଧା ସେମାନେ ମଧ୍ୟ ଏହାକୁ ଗୁରୁତ୍ୱର ସହ ନେଇନାହାନ୍ତି ତେଣୁ କଂଗ୍ରେସ ଦଳ ଏହାକୁ ଦୃଢ଼ ନିନ୍ଦା କରୁଛି ବୋଲି ପିସିସି ମୁଖପାତ୍ର ସୋନାଲି ସାହୁ କ୍ଷୋଭ ପ୍ରକାଶ କରିଥିଲେ। ଡବଲ ଇଞ୍ଜିନ ସରକାରରେ ମହିଳାମାନେ ସୁରକ୍ଷିତ ନୁହନ୍ତି। ଯେଉଁମାନେ ନ୍ୟାୟ ପାଇଁ ଦାବି କରନ୍ତି ସେମାନେ ଦମନର ଶିକାର ହୁଅନ୍ତି ବୋଲି ମୁଖପାତ୍ର ଡଃ ମନୀଷା ଦାଶପଟ୍ଟନାୟକ କହିଛନ୍ତି।

## ଆଜି ବାଲେଶ୍ୱର ଗସ୍ତ କରିବ ପିସିସି ତଥ୍ୟ ଅନୁଧ୍ୟାନ କମିଟି

ଭୁବନେଶ୍ୱର,୧୩।୭ (ସମିସ): ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାର ଅନୁଧ୍ୟାନ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ନାରୀ ନ୍ୟାୟ ବାହିନୀର ଆବହକ ପ୍ରଫେସର ଗାୟତ୍ରୀ ବିଶ୍ୱାଳ, ବିଧାୟକ ସୋଫିଆ ଫିର୍ଦ୍ଦୋସ, ପିସିସି ସାଧାରଣ ସମ୍ପାଦିକା ମଧୁସ୍ମିତା ସେଠୀ, ପ୍ରଦେଶ ମହିଳା କଂଗ୍ରେସ ଉପସଭାନେତ୍ରୀ ପ୍ରଣତି ମିଶ୍ର, ପିସିସି ମୁଖପାତ୍ର ଜୟଶ୍ରୀ ପାତ୍ର, ପିସିସି ସମ୍ପାଦିକା ଡା. ଦେବସ୍ମିତା ଶର୍ମା ଓ ମହିଳା କଂଗ୍ରେସ ନେତ୍ରୀ ସୁସ୍ମିତା ଘୋଷାଲ ପ୍ରମୁଖ ସଭ୍ୟ ରହିଛନ୍ତି। ଉକ୍ତ କମିଟି ସୋମବାର ବାଲେଶ୍ୱର ଗସ୍ତ କରି ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବାକୁ ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।


## ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ: ବିଜେଡି

ଭୁବନେଶ୍ୱର,୧୩।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାରେ ରାଜ୍ୟ ସରକାରଙ୍କ ଭୂମିକା ସନ୍ଦେହଜନକ। କେବଳ କିଛି କାର୍ଯ୍ୟାନୁଷ୍ଠାନ ନେଇ ଘଟଣାକୁ ରଫା ଦଫା କରିବାକୁ ସରକାର ଅପଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ କରିଛି ବିଜୁ ଜନତା ଦଳ।

ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି ଯେ ଛାତ୍ରୀ ଜଣକ ଜଣେ ଅଧ୍ୟାପକଙ୍କ ଦ୍ୱାରା ନିର୍ଯ୍ୟାତିତ ହେଉଥିବା ନେଇ ଜୁଲାଇ ୧ ତାରିଖ ଦିନ ସାମାଜିକ ଗଣମାଧ୍ୟମ 'ଏକ୍ସ' ରେ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ସେ ଶନିବାର ଆତ୍ମାହୁତି ପରି ଚରମ ପଦକ୍ଷେପ ନେଲେ। ତେଣୁ କେଉଁ ରହସ୍ୟମୟ କାରଣ ପାଇଁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଛାତ୍ରୀଙ୍କ ଅଭିଯୋଗକୁ କଲେ ତାହା ସନ୍ଦେହସୃଷ୍ଟି କରିଛି। ଘଟଣାକୁ ପୂର୍ବରୁ ଅବହେଳା କରିଥିବା ରାଜ୍ୟ ସରକାର ଏବେ ଏହାକୁ ଚାପି ଦେବାକୁ ଉଦ୍ୟମ କରୁଛନ୍ତି। ପୀଡିତା ଚିକିତ୍ସିତ ହେଉଥିବା ଏମ୍ସ ହସ୍ପିଟାଲରେ ପୀଡିତାଙ୍କୁ ବିଜେପି ଯୁବ କର୍ମୀମାନେ ଘେରି ରହିଛନ୍ତି। ପୀଡିତା ଛାତ୍ରୀ ଓ ତାଙ୍କ ପରିବାରକୁ ଭେଟିବା ପାଇଁ ଯାଉଥିବା ବିଭିନ୍ନ ସଂଗଠନର ବ୍ୟକ୍ତି ମାନଙ୍କୁ ଦୁର୍ବ୍ୟବାହାର ପ୍ରଦର୍ଶନ କରୁଛନ୍ତି। ଦୁର୍ବ୍ୟବହାର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ରାଜ୍ୟ ସରକାର ଏହି ଘଟଣାରେ ସମ୍ପୂର୍ଣ୍ଣ ଭାବେ ଦାୟୀ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଏହି ଘଟଣାର ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦିଅନ୍ତୁ ବୋଲି ଡଃ ମହାନ୍ତି ଦାବି କରିଛନ୍ତି।

## ରାଷ୍ଟ୍ରପତିଙ୍କୁ ଫେରାଦ ହେବ ବିଜୁ ମହିଳା ଜନତା ଦଳ

ଭୁବନେଶ୍ୱର,୧୩।୭(ସମିସ): ଓଡ଼ିଶାରେ ମହିଳାମାନେ ଅସୁରକ୍ଷିତ। ପ୍ରତିଦିନ ରାଜ୍ୟର କେଉଁଠି ନା କେଉଁଠି ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଖବର ଆସୁଛି। ନାରୀ ନିର୍ଯାତନା ଓ ମହିଳା ବିରୋଧୀ ହିଂସା ସାଧାରଣ ଘଟଣା ପାଲଟିଛି। ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମାହୁତି ଘଟଣା ଏହାର ସଦ୍ୟତମ ଉଦାହରଣ ପାଲଟିଛି। ଏ ସମ୍ପର୍କରେ ବିଜୁ ମହିଳା ବିଜେଡି ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିବା ସହ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବାକୁ ସମୟ ମାଗିଛି।



ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତ୍ରୀ ତଥା ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ଟୁକୁନି ସାହୁ ପ୍ରମୁଖ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଘଟିଥିବା ଘଟଣାକୁ ନେଇ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ଏହି ସମ୍ବେଦନଶୀଳ ଓ ସ୍ପର୍ଶକାତର ଘଟଣାରେ ରାଜ୍ୟ ସରକାରଙ୍କ ଭୂମିକା ସନ୍ଦେହଜନକ। ନ୍ୟାୟ ପାଇଁ ପୀଡିତା ଛାତ୍ରୀ କଲେଜ କର୍ତ୍ତୃପକ୍ଷଙ୍କ ସହ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ଭାବେ ଭେଟ ତାଙ୍କୁ ସହାୟତା କରିବାକୁ ଅନୁରୋଧ କରିଥିଲେ। ମାତ୍ର ତାଙ୍କୁ ନ୍ୟାୟ ମିଳିଲା ନାହିଁ ଓ ଆତ୍ମାହୁତି ପରି ଚରମ ପଦକ୍ଷେପ ପାଇଁ ସେ ନିଷ୍ପତ୍ତି ନେଲେ। ବିଜେପିର ଛାତ୍ର ଶାଖା ଏବିଭିପିର ସଦସ୍ୟ ଥିବା ସତ୍ତ୍ୱେ ତାଙ୍କୁ ନ୍ୟାୟ ମିଳିଲା ନାହିଁ ବୋଲି ପ୍ରମିଳା କହିଛନ୍ତି।

ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ କଲେଜ ଅଧ୍ୟକ୍ଷ ପୀଡିତା ଛାତ୍ରୀଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଅଭିଯୁକ୍ତ ଅଧ୍ୟାପକଙ୍କ ସମ୍ମୁଖରେ ଅଭିଯୋଗ ପ୍ରତ୍ୟାହାର ସମ୍ପୃକ୍ତ ଛାତ୍ରୀଙ୍କୁ ନିର୍ଦ୍ଦେଶ ଦେବା ଚରମ ଲଜ୍ଜା ଓ କ୍ଷୋଭର ବିଷୟ। ଚିକିତ୍ସାଧୀନ ପୀଡିତା ଛାତ୍ରୀଙ୍କୁ ଏମ୍‌ସରେ ବିଜେପିର ଗୁଣ୍ଡାଶ୍ରେଣୀୟ ଯୁବକମାନେ ଜଗି ରହିଛନ୍ତି। ପୀଡ଼ିତାଙ୍କୁ ଭେଟିବାକୁ ଯାଉଥିବା ବିଭିନ୍ନ ସଙ୍ଗଠନର ବ୍ୟକ୍ତିମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କ ସହିତ ଭେଟିବାରେ ରୋକୁଛନ୍ତି। ସେହିପରି ଟୁକୁନି ସାହୁ କହିଛନ୍ତି ଯେ କେବଳ ଏହି ଘଟଣା ନୁହେଁ ବରଂ ରାଜ୍ୟରେ ଗତ ୧୩ ମାସର ବିଜେପି ଶାସନରେ ମହିଳା ଓ ଛାତ୍ରୀମାନେ ଅସୁରକ୍ଷିତ ହୋଇ ପଡିଛନ୍ତି। ଓଡ଼ିଶାରେ ନାରୀ ସୁରକ୍ଷା ନେଇ ଆମେରିକାର ରାଷ୍ଟ୍ରପତିଙ୍କ ଟିପ୍ପଣୀ ଓଡିଶାକୁ ଦେଶ ବିଦେଶରେ ଲଜ୍ଜିତ ଓ ନିନ୍ଦିତ କରିଛି। ଗୋଟିଏ ପରେ ଗୋଟିଏ ଲଜ୍ୟାଜନକ ଘଟଣା ସାମ୍ନାକୁ ଆସୁଥିଲେ ମଧ୍ୟ ସରକାର ନିଦାବିଷ୍ଟ। ତେଣୁ ମହାମହିମ ରାଷ୍ଟ୍ରପତି ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଥିବାରୁ, ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ତାଙ୍କୁ ଭେଟି ରାଜ୍ୟରେ ବିପର୍ଯ୍ୟସ୍ତ ମହିଳା ସୁରକ୍ଷା ପ୍ରସଙ୍ଗରେ ତାଙ୍କ ସହିତ ଆଲୋଚନା ନିମନ୍ତେ ଅନୁରୋଧ କରାଯାଇଛି ବୋଲି ଶ୍ରୀମତୀ ସାହୁ କହିଛନ୍ତି।

### ସାମ୍ବାଦିକ ସମ୍ମିଳନୀରେ ଗର୍ଜିଲା ବିଜେଡି

## ଆଜି କଲେଜ, ଡିଆଇଜି ଅଫିସ ଆଗରେ ବିକ୍ଷୋଭ



ବାଲେଶ୍ୱର,୧୩।୭(ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଘଟିଥିବା ଘଟଣା ସାରା ଓଡ଼ିଶାର ପ୍ରତ୍ୟେକ କଲେଜ ଛାତ୍ରୀଙ୍କ ପାଇଁ ଅପମାନ। ନ୍ୟାୟ ନ ମିଳିବାରୁ ମହାବିଦ୍ୟାଳୟର ଛାତ୍ରୀ ଆତ୍ମାହୁତି ଉଦ୍ୟମ କରି ଏବେ ମୃତ୍ୟୁ ସହ ଲଢ଼ୁଛନ୍ତି। ବିଜେପି ସରକାର ଆସିବା ପରଠୁ ମହିଳାମାନଙ୍କ ଉପରେ ନିର୍ଯାତନା ଓ ଅତ୍ୟାଚାର ବଢ଼ିବାରେ ଲାଗିଛି। କେବଳ ଏହି ଘଟଣା ନୁହେଁ, ଗୋପାଳପୁର ଗଣଦୁଷ୍କର୍ମ ଘଟଣା ପରି ଅନେକ ଏବଂ ନିକଟରେ ବିଜେଡିର ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ନୀଳଗିରି ବିଧାୟକଙ୍କ ଅପମାନଜନକ ମନ୍ତବ୍ୟ ମହିଳାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟରେ ନାରୀଙ୍କୁ ଅପମାନ ଓ ବଢୁଥିବା ନାରୀ ବିରୋଧୀ ଅତ୍ୟାଚାରର ପ୍ରତିବାଦରେ ବିଜୁ ଜନତା ଦଳ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ସରକାର ଉପରେ ବର୍ଷିଛି। ଏଥିରେ ଯୋଗଦେଇ ବିଜେଡିର ରାଜ୍ୟ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ନାରୀଙ୍କୁ ଅପମାନ ଏବଂ ନିର୍ଯାତନାକୁ ନେଇ ସବୁବେଳେ ସ୍ୱର ଉତ୍ତୋଳନ କରିଛି ବିଜେଡି। ଆଗକୁ ମଧ୍ୟ ଏହି ଆନ୍ଦୋଳନ ମଜଭୁତ ହେବ। ଏହାର ପ୍ରତିବାଦରେ ଆସନ୍ତାକାଲି (ସୋମବାର) କଲେଜ ଏବଂ ଡିଆଇଜି ଅଫିସ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ ହେବ। ଏଥିସହ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ସ୍ଥାନୀୟ ଉଦ୍ୟୋଗ ଭବନଠାରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଡ. ବ୍ୟୋମକେଶ ରାୟ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଡ. ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ବିଜେପି ସରକାର ଉପରେ ବର୍ଷିଥିଲେ। ଶେଷରେ ସିମନ ଦାସ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ତାପସ ପାଣିଗ୍ରାହୀ, ତାପସ ପରିଡା, ଜୟରାମ ଦାସ ପ୍ରମୁଖ ମଧ୍ୟ ମଞ୍ଚାସୀନ ଥିଲେ।

## ଫକୀରମୋହନ କଲେଜରେ ଛାତ୍ରୀ ଆତ୍ମାହୁତି ଘଟଣା

# ଆଭ୍ୟନ୍ତରୀଣ କମିଟିର ନିରପେକ୍ଷତା ଉପରେ ପ୍ରଶ୍ନ

**ବାଲେଶ୍ୱର, ୧୩।୭(ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ ବିଶି ଦୀର୍ଘ ୬ମାସ ଧରି ଶିକ୍ଷା ବିଭାଗର ଏଚ୍‌ଓଡି ସମୀର କୁମାର ସାହୁଙ୍କ ନିର୍ଯାତନା ସହି ନ ପାରି ଆତ୍ମାହୁତି ଉଦ୍ୟମ ଭଳି ଚରମ ନିଷ୍ପତ୍ତି ନେବା ଘଟଣା ପୂରା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଛି। ପୀଡ଼ିତା ଛାତ୍ରୀ ଏବେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଏହି ଘଟଣା ଏବେ ବିଭିନ୍ନ ଦିଗକୁ ଇଙ୍ଗିତ କରୁଛି। ଛାତ୍ରୀଜଣଙ୍କ ଆତ୍ମହତ୍ୟା ଉଦ୍ୟମ ପଛରେ କିଏ ଦାୟୀ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ନା କଲେଜ କର୍ତ୍ତୃପକ୍ଷ, ନା ଆଭ୍ୟନ୍ତରୀଣ କମିଟିର ସଦସ୍ୟ, ନା ଛାତ୍ରୀଜଣଙ୍କ ସଂଶ୍ଳିଷ୍ଟ ଛାତ୍ର ସଂଗଠନର ପ୍ରରୋଚନାର ଶିକାର ହେଲେ, ତାହା ଏବେ ସନ୍ଦେହ ଘେରରେ ରହିଛି। ଏହି ଘଟଣାକୁ ନେଇ ଏବେ ସାରା ରାଜ୍ୟ ହୁଲୁସ୍ଥୁଲ ହେଉଥିବା ବେଳେ ଉଚ୍ଚ ଶିକ୍ଷା ବିଭାଗକୁ ଏକ ଶକ୍ତ ଧକ୍କା ଲାଗିଛି।

ଅଧ୍ୟାପକଙ୍କ କେଲେଙ୍କାରୀ ଉପରେ ଘଣ୍ଟ ଘୋଡ଼ାଇବାର ମସୁଧା ହେବାରୁ ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଥିବା କୁହାଯାଉଛି। ତେଣୁ, କଲେଜ କର୍ତ୍ତୃପକ୍ଷ ପକ୍ଷରୁ ଗଠିତ ଆଭ୍ୟନ୍ତରୀଣ କମିଟିର କାର୍ଯ୍ୟଦକ୍ଷତା ଓ ନିରପେକ୍ଷତା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କମିଟିରେ ଥିବା ସଦସ୍ୟମାନେ ଛାତ୍ରୀଙ୍କ ସମ୍ବେଦନଶୀଳ ଅଭିଯୋଗକୁ ଉପରଠାଉରିଆ ଭାବେ ତଦନ୍ତ କରି ରିପୋର୍ଟ ଦେବା ପରେ ଛାତ୍ରୀଜଣଙ୍କ ନିରାଶ ହୋଇପଡ଼ିଥିଲେ। ନ୍ୟାୟ ପାଇବା ପାଇଁ ସେ କଲେଜ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ



କରିଥିଲେ। ସେ ନିଜେ ସଂଶ୍ଳିଷ୍ଟ ଥିବା ଏବିଭିପି ଛାତ୍ର ସଂଗଠନ ପକ୍ଷରୁ ଉକ୍ତ ଘଟଣାର ତଦନ୍ତ କରାଯାଇ ସଂପୃକ୍ତ ଶିକ୍ଷା ବିଭାଗର ବିଭାଗର ଏଚ୍‌ଓଡି ସମୀର କୁମାର ସାହୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ଏପରିକି, ସୌମ୍ୟାଶ୍ରୀ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରିବା ପରେ ସେ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଗତକାଲି ଆଭ୍ୟନ୍ତରୀଣ କମିଟିର ରିପୋର୍ଟ ଅଭିଯୁକ୍ତ ଅଧ୍ୟାପକ ଶ୍ରୀ ସାହୁଙ୍କ ସପକ୍ଷରେ ଆସିବା ପରେ ଛାତ୍ରୀଙ୍କ ଉପରେ ଚାପ ପ୍ରୟୋଗ ଆରମ୍ଭ ହୋଇଥିଲା। ତାଙ୍କ କ୍ୟାରିୟରକୁ ନଷ୍ଟ କରିଦେବାର ଧମକ ଦେଇ ବାରମ୍ବାର ଆପୋଷ ବୁଝାମଣା କରିନେବାକୁ

### ଚରମ ନିଷ୍ପତ୍ତି ନେବାକୁ ଛାତ୍ରୀଙ୍କୁ ପ୍ରବର୍ତ୍ତାଇଲା କିଏ?

କଲେଜ କର୍ତ୍ତୃପକ୍ଷ ଚାପ ପକାଇଥିଲେ। ଗତକାଲି ଶେଷଥର ପାଇଁ କଲେଜ ଅଧ୍ୟକ୍ଷଙ୍କୁ ଭେଟି ସୌମ୍ୟାଶ୍ରୀ ଗୁହାରି କରିବା ପରେ ନିରାଶ ହେବା ପରେ ନିଜ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲେ।

ଅପରପକ୍ଷେ, ଅଧ୍ୟକ୍ଷଙ୍କ ଚାମ୍ବରରୁ ଫେରିବା ପରେ ସୌମ୍ୟାଶ୍ରୀ ନିଜ ଉପରେ ପେଟ୍ରୋଲ ଢାଳିବା ବେଳେ ସେଠାରେ ଥିବା ଅନ୍ୟ ଛାତ୍ରଛାତ୍ରୀମାନେ ତାଙ୍କୁ ବଲବଲ କରି ଅନେଇଥିଲେ। କେହିକେହି ମୋବାଇଲ୍‌ରେ ଏହାର ଭିଡିଓ ମଧ୍ୟ କରିଥିଲେ। କିନ୍ତୁ ତାଙ୍କୁ ଅଟକାଇନଥିଲେ। ଏପରିକି, କଲେଜ କର୍ତ୍ତୃପକ୍ଷ ମଧ୍ୟ ତାଙ୍କୁ ବାରଣ କରିନଥିଲେ। ଫଳରେ ଏପରି ଏକ ବଡ଼ ଅଘଟଣ ଘଟିଗଲା ବୋଲି କୁହାଯାଉଛି। ତେଣୁ ଏହା ପଛରେ ଷଡ଼୍‌ଯନ୍ତ୍ରର ଗନ୍ଧ ବାରି ହେଉଛି।

ସୌମ୍ୟାଶ୍ରୀ ୪ବର୍ଷ ଧରି ଏବିଭିପିର କାର୍ଯ୍ୟକର୍ତ୍ତା ରହିଥିଲେ। ଏପରିକି ଛାତ୍ର ସଂଗଠନର ସମସ୍ତ କାର୍ଯ୍ୟରେ ନେତୃତ୍ୱ ନେଉଥିଲେ। ଏହି ଘଟଣା ଘଟିବା ପରେ ସଙ୍ଗଠନ ତାଙ୍କ ପଛରେ ରହିଥିବା ବେଳେ ବିଭିନ୍ନ ପ୍ରକାର କାର୍ଯ୍ୟ କରୁଥିଲେ। ହେଲେ ଛାତ୍ରୀଜଣଙ୍କ ସାଙ୍ଗରେ ପେଟ୍ରୋଲ ସହ ଦିଆସିଲି ଆଣି ନିଆଁ ଲଗାଇଥିବା ବେଳେ ଏହି ସଙ୍ଗଠନର ସହଯୋଗୀମାନେ କିପରି ଭାବେ ତାହା ଜାଣିପାରିଲେ ନାହିଁ? ତେଣୁ ସୌମ୍ୟାଶ୍ରୀଙ୍କୁ ଏପରି ଚରମ ପଦକ୍ଷେପ ନେବାକୁ କିଏ ପ୍ରବର୍ତ୍ତାଇଥିଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅପରପକ୍ଷେ, ସୌମ୍ୟାଶ୍ରୀଙ୍କୁ ବିକଳ୍ପ ଆଇନଗତ ପଦକ୍ଷେପ ଓ ନ୍ୟାୟ ପ୍ରଦାନର ସୁନିଶ୍ଚିତତା କରାନଯିବାରୁ ଘଟଣା ଏଭଳି ଏକ ଚରମ ନିଷ୍ପତ୍ତି ଆଡ଼କୁ ମୁହାଁଇଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କଲେଜରେ ବିଗତ କିଛିଦିନ ଧରି ଚାଲିଆସୁଥିବା କେଲେଙ୍କାରୀର ପର୍ଦ୍ଦାଫାସ ପାଇଁ ନିରପେକ୍ଷ ତଦନ୍ତ ହେଲେ ଆଗାମୀ ଦିନରେ ଫକୀରମୋହନ ମହାବିଦ୍ୟାଳୟର ବିଶ୍ୱସନୀୟତା ବଜାୟ ରହିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ନ୍ୟାୟିକ ତଦନ୍ତ ଦାବିକଲା ଏବିଭିପି

**ଭୁବନେଶ୍ୱର, ୧୩।୭(ସମିସ):** ଏଫ୍‌ଏମ୍ କଲେଜ ଘଟଣାରେ କଲେଜ ଅଧ୍ୟକ୍ଷ ଓ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ସମସ୍ତ ସଦସ୍ୟଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଦାବି କରିଛି। ବହୁ ପୂର୍ବରୁ ଛାତ୍ରୀଙ୍କ ସମର୍ଥନରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ମଧ୍ୟ ଅଧ୍ୟକ୍ଷ ଅବହେଳା କରିଥିଲେ। ଏପରିକି ଆଇସିସି କମଟି ଘଟଣା ଚାପିବାକୁ ଉଦ୍ୟମ କରିଥିବା ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଏବିଭିପି ପକ୍ଷରୁ ୪ଟି ପ୍ରମୁଖ ଦାବି କରାଯାଇଛି। କଲେଜର ଅଧ୍ୟକ୍ଷଙ୍କୁ ତୁରନ୍ତ ଗିରଫ କରିବା ସହ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ନ୍ୟାୟିକ ତଦନ୍ତ, ସମସ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନରେ ଆଇସିସିର କାର୍ଯ୍ୟକାରୀ ହେଉଛି ନା ନାହିଁ ତାର ତଦନ୍ତ କରିବାକୁ ଏବିଭିପି ଦାବି କରିଛି।

## ତଦନ୍ତ କମିଟି ସଦସ୍ୟାଙ୍କୁ ନେଇ ଉଠିଲା ପ୍ରଶ୍ନ

**ଭୁବନେଶ୍ୱର, ୧୩।୭(ସମିସ):** ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାର ତଦନ୍ତ ପାଇଁ ଉଚ୍ଚଶିକ୍ଷା ବିଭାଗ ୩ ଜଣିଆ କମିଟି ଗଠନ କରିଛି। ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ରଙ୍କ ସମେତ ଯୁଗ୍ମ ସଚିବ ମୌସୁମୀ ନାୟକ ଓ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଝୁମକି ରଥ ଏହି କମିଟିରେ ସ୍ଥାନ ପାଇଛନ୍ତି। ମାତ୍ର ବିଜେବି କଲେଜ ଅଧ୍ୟକ୍ଷାଙ୍କୁ ଏହି କମିଟିରେ ସାମିଲ କରିବାକୁ ପ୍ରଶ୍ନ ଉଠାଇଛନ୍ତି ଅନେକ ଅଭିଭାବକ ଓ ଛାତ୍ର। ବିଜେବି କଲେଜ ତତ୍କାଳୀନ କମ୍ପ୍ୟୁଟର୍ ସାଇନ୍ସ ବିଭାଗ ମୁଖ୍ୟଙ୍କ ବିରୋଧରେ ଛାତ୍ରୀଙ୍କୁ ଅସଦାଚରଣ ଓ ଶାରୀରିକ ନିର୍ଯ୍ୟାତନା ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ସମ୍ପୃକ୍ତ କଲେଜ ଅଧ୍ୟକ୍ଷା ଆତ୍ମାହୁତି ଉଦ୍ୟମ ଘଟଣାରେ କି ପ୍ରକାର ତଦନ୍ତ କରିବେ ବୋଲି ଅନେକ ପ୍ରଶ୍ନ କରିଛନ୍ତି।

ଗତ ଡିସେମ୍ବର ମାସରେ ତତ୍କାଳୀନ କମ୍ପ୍ୟୁଟର୍ ବିଭାଗ ମୁଖ୍ୟଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାନୁଆରୀ ୧୫ ତାରିଖରେ କଲେଜ ଅଧ୍ୟକ୍ଷାଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଦୁଇମାସ ପରେ ମଧ୍ୟ ତଦନ୍ତ ରିପୋର୍ଟ ଦାଖଲ ନ କରିବାରୁ ମାର୍ଚ୍ଚ ୧୯ ତାରିଖରେ ଆଉଥରେ ପୁନଃ ଚିଠି କରି ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହାକୁ ପ୍ରାୟ ୪ମାସ ବିତିଥିଲେ ମଧ୍ୟ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି କି ତଦନ୍ତ ସରିନାହିଁ। ଏହି ସମୟରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଶିକ୍ଷାଦାନର ବିରତ କରାଯାଇ ଉଚ୍ଚଶିକ୍ଷା ବିଭାଗରେ ପ୍ରଶାସନିକ କାର୍ଯ୍ୟରେ ନିୟୋଜିତ କରାଯାଇ ପୁରସ୍କୃତ କରାଯାଇଛି । ଏହି ପରିପ୍ରେକ୍ଷୀରେ ତଦନ୍ତ କମିଟି ସଦସ୍ୟା ତଥା ବିଜେବି ଅଧ୍ୟକ୍ଷା କି ପ୍ରକାର ତଦନ୍ତ କରିବେ ବୋଲି ପ୍ରଶ୍ନ ଉଠିଛି ।

## ରାଷ୍ଟ୍ରପତିଙ୍କୁ ଭେଟିବାକୁ ସମୟ ମାଗିଲେ ଭକ୍ତ

**ଭୁବନେଶ୍ୱର,୧୩।୭ (ସମିସ):** ବାଲେଶ୍ୱର ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ପିସିସି ସଭାପତି ଭକ୍ତ ଚରଣ ଦାସ ରାଷ୍ଟ୍ରପତିଙ୍କୁ ଭେଟିବାକୁ ସମୟ ମାଗିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପତ୍ର ଲେଖିଛନ୍ତି। ତାଙ୍କ ସହ ପ୍ରଦେଶ କଂଗ୍ରେସ କମିଟିର ୪ ଜଣ ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକଙ୍କ ସମେତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମଧ୍ୟ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିବେ ବୋଲି ସେ ଚିଠିରେ ଅବଗତ କରାଇଛନ୍ତି।

# ଏମ୍ସରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୩।୭ (ସମିସ):** ଏମ୍ସରେ ଚିକିତ୍ସିତ ହେଉଥିବା ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ଦିଲ୍ଲୀରୁ ଫେରିବା ପରେ ସେ ଭୁବନେଶ୍ୱର ବିମାନ ବନ୍ଦରରୁ ସିଧାସଳଖ ଏମ୍ସକୁ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏମ୍ସ ନିର୍ଦ୍ଦେଶକ ଓ ଚିକିତ୍ସା କରୁଥିବା ଡାକ୍ତରୀ ଦଳଙ୍କ ସହ ଆଲୋଚନା କରିଥିଲେ।

ମୁଖ୍ୟମନ୍ତ୍ରୀ ଏନେଇ ପ୍ରତିକ୍ରିୟା ରଖି କହିଛନ୍ତି ଯେ ପୀଡ଼ିତାଙ୍କ ଅବସ୍ଥା ବର୍ତ୍ତମାନ ଜଟିଳ ଅଛି। ଏକ ଡାକ୍ତରୀ ଟିମ୍ ଗଠନ କରାଯାଇ ତାଙ୍କର ଚିକିତ୍ସା କରାଯାଉଛି। ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍ସ ପରି ଚିକିତ୍ସା ସେବା ଏଠାରେ ପ୍ରଦାନ କରାଯାଉଛି। ଆଗାମୀ ୨୪ ଘଣ୍ଟା ପୀଡ଼ିତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହାକୁ ନଜରରେ ରଖାଯାଇ ଦିଲ୍ଲୀ ଏମ୍ସର ଏକ ଟିମ୍ ସହ ଭର୍ଚୁଆଲ ମିଟିଂ ହେବ। ସେମାନଙ୍କ ପରାମର୍ଶ ଆଧାରରେ ତାଙ୍କୁ ସର୍ବୋତ୍କୃଷ୍ଟ ଚିକିତ୍ସା ସେବା ଯୋଗାଇ ଦିଆଯିବ। ଆବଶ୍ୟକ ହେଲ ତାଙ୍କୁ ଏୟାର ଲିଫ୍ଟ କରାଯାଇ ଦିଲ୍ଲୀ ଏମ୍ସ ନିଆଯିବ। ମାତ୍ର ଦିଲ୍ଲୀକୁ ନେବା ଭଳି ପରିସ୍ଥିତି ଏବେ ତାଙ୍କର ନାହିଁ। ପରିସ୍ଥିତିରେ ସୁଧାର ଆସିଲେ ଏନେଇ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ପୀଡ଼ିତା ଆଣିଥିବା ଅଭିଯୋଗ ସମ୍ପର୍କରେ ଉତ୍ତର ଦେଇ ତଦନ୍ତ ରିପୋର୍ଟ ଅନୁସାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ବାଲେଶ୍ୱର ଘଟଣାକୁ ଗୁରୁତ୍ୱର ଭାବେ ନିଆଯାଇଛି ବୋଲି ବିମାନବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ କହିଥିଲେ। ଆଗାମୀ ଦିନରେ ଏଭଳି ଘଟଣା କୌଣସି ଶିକ୍ଷାନୁଷ୍ଠାନରେ ନ ଘଟୁ, ସେଥିପାଇଁ ସ୍ୱତନ୍ତ୍ର ଭାବରେ ସରକାର ପ୍ରସଙ୍ଗକୁ ଗୁରୁତ୍ୱର ଭାବେ ନେଇଛନ୍ତି। ଉଚ୍ଚ ସ୍ତରୀୟ ତଦନ୍ତ କରି ଯେମିତି ଆଗୁଆ ପଦକ୍ଷେପ ନେଇ ହେବ, ତା'ଉପରେ ସରକାର ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।

## ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ବିଜେଡି ଟିମ୍



**ଭୁବନେଶ୍ୱର,୧୩।୭ (ସମିସ):** ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲ ଗସ୍ତ କର ଫକୀରମୋହନ ମହାବିଦ୍ୟାଳୟ ଆତ୍ମାହୁତି ଉଦମ୍ୟ କରିଥିବା ପୀଡିତାଙ୍କ ଚିକିତ୍ସା ବାବଦରେ ବୁଝିଛନ୍ତି। ମେଡିକାଲ ସୁପରିଟେଣ୍ଡେଣ୍ଟ ଦିଲୀପ ପରିଡା ଓ ଚିକିତ୍ସା କରୁଥିବା ଡାକ୍ତରୀ ଟିମ୍ ସହିତ ବିଜେଡି ନେତୃମଣ୍ଡଳୀ ଆଲୋଚନା କରିଛନ୍ତି। ଏହାସହିତ ପୀଡ଼ିତାଙ୍କ ପିତାମାତାଙ୍କୁ ସେମାନେ ଭେଟି ସମବେଦନା ଜଣାଇଛନ୍ତି। ଡଃ ଦିଲୀପ ପରିଡାଙ୍କ ସୂଚନା ଅନୁଯାୟୀ ପୀଡିତାଙ୍କୁ ଯଥାଚିତ ଉତ୍ତମ ଚିକିତ୍ସା ପ୍ରଦାନ କରିବା ପାଇଁ ସର୍ବୋଚ୍ଚ ଉଦ୍ୟମ କରାଯାଉଛି। ଲାଇଫ୍ ସପୋର୍ଟରେ ରଖାଯାଇ ବର୍ତ୍ତମାନ ସେ କିଭଳି ଭାବରେ ସାଧାରଣ ଅବସ୍ଥାକୁ ଫେରିପାଇବେ ତାହା ଚେଷ୍ଟା କରାଯାଉଛି। କିଡନୀ, ହାର୍ଟ, ଲଙ୍ଗସ, ଏବଂ ଶ୍ୱାସନଳୀ ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ ହୋଇଛି। ଆଗାମୀ ୪୮ ଘଣ୍ଟାର ଅବଧି ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ମେଡିକାଲ ସୁପରିଟେଣ୍ଡେଣ୍ଟ ଡଃ ଦିଲୀପ ପରିଡା ସୂଚନ ପ୍ରଦାନ କରିଛନ୍ତି। ପିତାମାତାଙ୍କୁ ଭେଟି ଆଶ୍ୱାସନା ଦେଇ ଉତ୍ତମ ଚିକିତ୍ସା ପାଇଁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବିଷୟରେ ବିଜେଡି ଟିମ୍ ଜଣାଇଛି। ଏହି ପ୍ରତିନିଧୀ ଦଳରେ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ସୁଲୋଚନା ଦାସ, ମଞ୍ଜୁଲତା କହଁର, ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ଲେଖାଶ୍ରୀ ସାମନ୍ତସିଂହାର, ସରୋଜ ମେହେର, ପ୍ରୀତିନନ୍ଦା ରାଉତରାୟ, ମାନସୀ ସୁନ୍ଦର ରାୟ, ଭାରତୀ ସିଂହ, ପ୍ରଭାସିନି ମହାନ୍ତି, ପୂଜା ମହାରଣା, ମିହିର ରାଉତଙ୍କ ସମେତ ଅନେକ ଯୁବ ନେତା ଓ ନେତ୍ରୀ ସାମିଲ ଥିଲେ।

## ଆଜି ଏମ୍ସ ଆସିବ ୬୬୨ କଲେଜ ସଂଘ

**ଭୁବନେଶ୍ୱର, ୧୩।୭(ସମିସ):** ଏଫ୍‌ଏମ୍ କଲେଜ ଛାତ୍ରୀ ନିର୍ଯ୍ୟାତନା ଘଟଣାରେ ପିଡ଼ିତା ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ତାଙ୍କ ପରିବାରବର୍ଗଙ୍କ ସହ ଆଲୋଚନା କରିବା ପାଇଁ ଆସନ୍ତାକାଲି ଅର୍ଥାତ୍ ସୋମବାର ଏମ୍ସ ହସ୍ପିଟାଲ୍‌କୁ ଆସିବ ୬୬୨ କଲେଜ ସଂଘ। ପିଡିତାଙ୍କ ବାପା ୬୬୨ କଲେଜର ଜଣେ କର୍ମଚାରୀ ଏବଂ ସଂଘର ଜଣେ ସକ୍ରିୟ ସଦସ୍ୟ। ତାଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ସଂଘ ପକ୍ଷରୁ ନିନ୍ଦା କରିବା ସହ ଏକ ୭ଜଣିଆ ପ୍ରତିନିଧି ଦଳ ଏମ୍ସ ଆସିବ। ସଭାପତି ଗୋଲକ ନାୟକଙ୍କ ନେତୃତ୍ୱାଧୀନ ଟିମ୍ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ଅଧ୍ୟକ୍ଷଙ୍କୁ ଗିରଫ୍ ଏବଂ ସମସ୍ତ ଚିକିତ୍ସା ସୁବିଧା ଯୋଗାଇବା ପାଇଁ ମଧ୍ୟ ଦାବି କରିବ।

# ପ୍ରଜାକୋର୍ଟରେ ପୁଣି ବଳଦ ଦଣ୍ଡ

**ନାରାୟଣପାଟଣା, ୧୩।୭ (ସମିସ):** ଦୁହେଁ ଦୁହିଁଙ୍କୁ ଭଲ ପାଉଥିଲେ। ବିବାହ କରି ପରିବାର ଡରରେ ଗାଁ ଛାଡି ଆନ୍ଧ୍ରପ୍ରଦେଶ ପଳାଇଥିଲେ। କିଛି ଦିନ ଗାଁକୁ ଫେରିବା ପରେ ବିବାହକୁ ସ୍ୱୀକୃତି ମିଳିନଥିଲା। ଏକ ବୈଠକ ଆୟୋଜନ କରି ଗାଁ ଲୋକେ ପ୍ରେମୀଯୁଗଳଙ୍କୁ ଡାକିଥିଲେ। କିନ୍ତୁ ଗାଁରେ ପହଞ୍ଚିବା ପରେ ଉଭୟଙ୍କ ବେକରେ ଜୁଆଳି ପକାଇ ଗାଁ ଦାଣ୍ଡରେ ହଳ କରାଯାଇଥିଲା। ଶହଶହ ଗ୍ରାମବାସୀଙ୍କ ଉପସ୍ଥିତିରେ ପ୍ରେମୀଯୁଗଳ ବଳଦ ସାଜି ହଳ କରିଥିଲେ। ଏହା ପରେ ତାଙ୍କୁ ଘରେ ରହିବାକୁ ସ୍ୱୀକୃତି ମିଳିଥିଲା। କିଛି ଦିନ



ପୂର୍ବେ ରାୟଗଡ଼ା ଜିଲ୍ଲା ଭଳି କୋରାପୁଟ ଜିଲ୍ଲାରେ ମଧ୍ୟ ଆଜି ଅନୁରୂପ ଘଟଣା ଦେଖିବାକୁ ମିଳିଛି। କୋରାପୁଟ ଜିଲ୍ଲା ନାରାୟପାଟଣା ବ୍ଲକ ବୋରିଗି ପଞ୍ଚାୟତ ଅନ୍ତର୍ଗତ ପେଦାଇଟିକି ଗାଁର ଏହି ଘଟଣା ପୁଣି ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଆଜି ଅପରାହ୍ଣ ସମୟରେ ପେଦାଇଟିକି ଗାଁର ନରେନ୍ଦ୍ର ପିଡିକା (୨୨) ଓ ପାଖ ନାରୀମିଟିଂ ଗ୍ରାମର ଜଣେ ଯୁବତୀ ଆଶ ପୀଡ଼ିକା ରଥଯାତ୍ରାରେ ଉଭୟ ପରସ୍ପରକୁ ଭଲ ପାଇ ଗାଁ ଛାଡ଼ି ଆନ୍ଧ୍ରପ୍ରଦେଶକୁ ଚାଲି ଯାଇଥିଲେ। କିଛିଦିନ ପରେ ଘରକୁ ଫେରିଥିଲେ। ପରିବାର ଲୋକମାନେ ଏମାନଙ୍କର ଭଲପାଇବାକୁ ସ୍ୱୀକୃତି ଦେଇନଥିଲେ। ଦୁଇ ଗାଁର ଭଦ୍ରଲୋକ ଓ ପରିବାରର ଲୋକଙ୍କୁ ନେଇ ଏକ ବୈଠକ ବସିଥିଲା ଆଦିବାସୀ ପ୍ରଥା ପରମ୍ପରା ଅନୁସାରେ, ଧରଣୀ ପେନୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ହଳ-ଲଙ୍ଗଳ ମଗା ଯାଇଥିଲା। ପରେ ଉଭୟ ପ୍ରେମିକ-ପ୍ରେମିକାଙ୍କ ବେକରେ ରଶି ଓ ହଳ-ଲଙ୍ଗଳ ଲଗାଇ ସାତ ଘେରା ବୁଲାଇଥିଲେ। ପରେ ଯୁବକଜଣଙ୍କ ତା'ର ପ୍ରେମିକାକୁ ଧରି ନିଜ ଘରକୁ ଆସି ଆଶ୍ରୟ ନେଇଛନ୍ତି। ତେବେ ଘଟଣା ସମ୍ପର୍କରେ ପ୍ରଚାରିତ ହେବା ପରେ ସ୍ଥାନୀୟ ପୁଲିସ ଗାଁକୁ ଯାଇ ଲୋକଙ୍କୁ ଏନେଇ ପଚରାଉଚରା କରିଛନ୍ତି। ପ୍ରେମୀଯୁଗଳଙ୍କୁ ଥାନାକୁ ଆଣି ପୁଲିସ୍ ପଚରାଉଚରା କରୁଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, କୋରାପୁଟ ଜିଲ୍ଲାରେ ଭିନ୍ନ ଏକ ଆଦିବାସୀ ପରମ୍ପରା ରହିଛି। ଯଦି ଗୋଟିଏ ବଂଶ, ଗୋଟିଏ ଜାତିରେ ପୁଅ-ଝିଅ ପ୍ରେମ ବିବାହ କରନ୍ତି, ଗ୍ରାମର ବିଭିନ୍ନ କ୍ଷତି ହୋଇଥାଏ। ଫସଲ ନଷ୍ଟ ହୁଏ, ଚାଷ ଉଜୁଡ଼ି ଯାଏ ଏବଂ ବର୍ଷା ହୁଏ ନାହିଁ। ତେଣୁ ଧରଣୀ ପେନୁଙ୍କୁ ସନ୍ତୁଷ୍ଟ ଏବଂ ଦମ୍ପତିଙ୍କ ଭଲ ପାଇଁ ଗାଁ ମୁଣ୍ଡରେ ଆଦିବାସୀ ରୀତିନୀତିରେ ପୁଅ-ଝିଅଙ୍କୁ ବଳଦ ସଜାଇ ଦାଣ୍ଡରେ ଜୁଆଳି ପକାଇ ଗାଁ ମୁଣ୍ଡରେ ୭ଘେରା ବୁଲାଯାଏ।

### ୮ ମାସ ହେଲା ମହିଳା କମିଶନ ଅଧ୍ୟକ୍ଷା ପଦ ଖାଲି

# ନ୍ୟାୟ ଅପେକ୍ଷାରେ ନିର୍ଯାତିତା

**ଭୁବନେଶ୍ୱର, ୧୩।୭ (ସମିସ):** ରାଜ୍ୟରେ ୮ ମାସ ହେବ ମହିଳା କମିଶନ ଅଧ୍ୟକ୍ଷା ପଦ ଖାଲି। ଫଳରେ ବିଗତ ଦିନ ହେବ ବିଭିନ୍ନ ପ୍ରକାର ନିର୍ଯାତନାର ଶିକାର ହେଉଥିବା ପୀଡ଼ିତା ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟରେ ଅଧ୍ୟକ୍ଷ ପଦ ଖାଲି ପଡ଼ିଥିବା ରାଜ୍ୟ ପ୍ରଶାସନର ସ୍ଥାଣୁତା ଆଡ଼କୁ ଅଙ୍ଗୁଳି କରିଚି।

ଦିନକୁ ଦିନ ରାଜ୍ୟରେ ବଢ଼ି ଚାଲିଛି ମହିଳା ହିଂସା। ନିକଟରେ ଗୋପାଳପୁର ବେଳାଭୂମିରେ ଘଟିଥିବା ଘଟଣା ମନରୁ ଲିଭିନଥିବା ବେଳେ ବାଲେଶ୍ୱର ଏଫଏମ୍ କଲେଜରେ ଘଟିଥିବା ଘଟଣା କେବେଳ ଓଡ଼ିଶା ନୁହେଁ ସାରା ଭାରତବର୍ଷରେ ଚହଳ ପକାଇଛି। ନିଜର ସୁରକ୍ଷା କଲେଜ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ପୁଲିସ, ପ୍ରଶାସନ ଏମିତିକି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଟ୍ୱିଟ ଯୋଗେ ଅବଗତ କରିଥିଲେ ସୁଦ୍ଧା ଉକ୍ତ ଛାତ୍ରୀଙ୍କ ସମସ୍ୟା ଏବଂ ଅଭିଯୋଗକୁ ଗୁରୁତ୍ୱ ଦିଆଯାଇ ନ ଥିଲା। ଫଳସ୍ୱରୂପ ସେ ଆତ୍ମାହୁତି ଦେଇ ହସ୍ପିଟାଲରେ ଜୀବନ ସହ ସଂଗ୍ରାମ କରୁଛନ୍ତି। କାର୍ଯ୍ୟକ୍ଷେତ୍ର ହେଉ ଅବା ଶିକ୍ଷାନୁଷ୍ଠାନ ସବୁଠି ମହିଳାଙ୍କ ପ୍ରତି ହିଂସା ବଢ଼ୁଛି । ରାଜ୍ୟରେ ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରର ସମାଧାନ କରାଯିବାକୁ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନସ୍ଥ ମହିଳା କମିଶନ ଅଧ୍ୟକ୍ଷାଙ୍କୁ ବି ପଦରୁ ହଟାଯାଇଛି। ନୂତନ ଅଧ୍ୟକ୍ଷା ଭାବେ କାହାରିକୁ ନିଯୁକ୍ତ କରାଯାଇ ନାହିଁ ଓ ବିଭାଗୀୟ ସଚିବ ଏବେ ଅସ୍ଥାୟୀ ଦାୟିତ୍ୱରେ ଅଛନ୍ତି। ମାତ୍ର ନିୟମିତ ବହୁ ସଂଖ୍ୟାରେ ମହିଳାମାନେ ତାଙ୍କୁ ଭେଟି ନ ପାରି ଫେରିଯାଉଥିବା ମଧ୍ୟ ଅଭିଯୋଗ ହୋଇଛି ।

ମହିଳାଙ୍କ ଅଧିକାର କ୍ଷୁର୍ଣ୍ଣ ହେବା ଭଳି କୌଣସି ଘଟଣାର ସଠିକ୍ ତଦନ୍ତ ହେଉଛି କି ନାହିଁ ତାହାକୁ ତଦାରଖ କରିବା ଦାୟିତ୍ୱ ମହିଳା କମିଶନଙ୍କର। ଆଇନଗତ ବ୍ୟବସ୍ଥା ଅନୁସାରେ ଘଟଣାର ଅଭିଯୋଗ ରିପୋର୍ଟ ଠାରୁ ଆରମ୍ଭ କରି ଆବଶ୍ୟକୀୟ ସମସ୍ତ ହସ୍ତାବିଜ୍ ସଂଗ୍ରହ କରିବା ସହ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗ ଉପରେ ମଧ୍ୟ ତଦାରଖ କରିବା ଉଚ୍ଚ ପଦସ୍ଥ ପୁଲିସ ଅଧିକାରୀଙ୍କୁ ମଧ୍ୟ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି। ଏପରି କ୍ଷେତ୍ରରେ ମହିଳା କମିଶନଙ୍କ ନିଯୁକ୍ତି କରା ନ ଯିବା ସରକାରୀ ବ୍ୟବସ୍ଥା ପ୍ରତି ଅଙ୍ଗୁଳିନିର୍ଦ୍ଦେଶ କରିଛି। ଆତ୍ମଦାହ ଉଦ୍ୟମ କରିଥିବା ଛାତ୍ରୀ ଦେଇଥିବା ଅଭିଯୋଗ ପରେ ଶିକ୍ଷାନୁଷ୍ଠାନର ଆଇସି କମିଟି ପକ୍ଷରୁ କ'ଣ ତଦନ୍ତ କରାଯାଇଛି, ଏହାର ରିପୋର୍ଟ କଲେଜର କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବା ସହ ଅଭିଯୁକ୍ତ ଏବଂ ଅଭିଯୋଗକାରୀଙ୍କ ମଧ୍ୟରେ କ'ଣ ଆଲୋଚନା ହୋଇଥିଲା ତାହା ବି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଆସୁଛି ବଡ଼ ବର୍ଷା

**ଭୁବନେଶ୍ୱର,୧୩।୭(ସମିସ):** ଯୋଡ଼ା ଲଘୁଚାପ ପ୍ରଭାବରେ ରାଜ୍ୟରେ ପୁଣି ଆରମ୍ଭ ହୋଇଛି ବର୍ଷା। ବର୍ତ୍ତମାନ ଉତ୍ତର ମଧ୍ୟପ୍ରଦେଶର ମଧ୍ୟ ଭାଗ ଏବଂ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ବେଳେ ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ଅନ୍ୟ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଦୁଇଟି ପୃଥକ୍ ଲଘୁଚାପ କ୍ଷେତ୍ର ଯୋଗୁଁ ରାଜ୍ୟରେ ଦୁଇ ଦିନ ଯାଏଁ ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷାର ପ୍ରଭାବ ମୁଖ୍ୟତଃ ଉପକୂଳବର୍ତ୍ତୀ ଜିଲ୍ଲାରେ ରହିବାକୁ ଥିବା ବେଳେ କିଛି କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆକଳନ କରାଯାଇଛି।

ଏହି ଲଘୁଚାପ ଯୋଗୁଁ ସୋମବାର ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡା ଓ ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ଅନୁଗୋଳ, ଢେଙ୍କାନାଳ, କଟକ, ନୟାଗଡ଼, ବୌଦ୍ଧ, ସୋନପୁର, ନୟାଗଡ଼, ଦେବଗଡ଼, ବଲାଙ୍ଗିର, କନ୍ଧମାଳ ଓ କଳାହାଣ୍ଡି , ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା ,ଗଞ୍ଜାମ ଓ ଗଜପତି ଜିଲ୍ଲା ପାଇଁ ପାଣିପାଗ ବିଭାଗ ୟେଲୋ ଆଲର୍ଟ ଜାରି କରିବା ସହ ପ୍ରବଳ ବର୍ଷା ଏବଂ ବିଜୁଳି, ଘଡ଼ଘଡିର ଚେତାବନୀ ଦେଇଛି। ସେହିପରି ୧୫,୧୬,୧୭ ତାରିଖ ପାଇଁ ମଧ୍ୟ ରାଜ୍ୟର ଅନେକ ଜିଲ୍ଲାକୁ ୟେଲୋ ଆଲର୍ଟ ସହ ବର୍ଷା ନେଇ ସତର୍କ ସୂଚନା ଜାରି ହୋଇଛି। ଲଘୁଚାପ ଯୋଗୁଁ ସମୁଦ୍ର ଅଶାନ୍ତ ରହିବ ତେଣୁ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି। ଗତ ୨୪ଘଣ୍ଟାରେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବା ବେଳେ କଳାହାଣ୍ଡିର ଥୁଆମୂଳ ରାମପୁର ଠାରେ ୬୫ମିମି ବର୍ଷା ରେକର୍ଡ ହୋଇଛି ଏବଂ କଟକ କଣ୍ଟାପଡ଼ାରେ ୬୨ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ବଜ୍ରାଘାତରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ସମ୍ବଲପୁର, ଯାଜପୁର, ଭଦ୍ରକ ଓ ଜଗତସିଂହପୁର ଜିଲ୍ଲାରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି।

### ରାଷ୍ଟ୍ରପତିଙ୍କ ଏମ୍ସ ଗସ୍ତ

# ଓପଡ଼ାଗଲା ଶହେ ଗଛ

**ଭୁବନେଶ୍ୱର, ୧୩।୭ (ସମିସ):** ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଓପାଡ଼ିଦେଲେ ଗଛ। ଗୋଟିଏ କି' ଦୁଇଟି ନୁହେଁ, ଏକ କିଲୋମିଟର ବ୍ୟାପି ଅଞ୍ଚଳରେ ଲାଗିଥିବା ପ୍ରାୟ ଶହେ ଗଛ ଉପରେ ପ୍ରଶାସନ ବୁଲ୍‌ଡୋଜର୍ ଚଲାଇଦେଲା। ଗଛଗୁଡ଼ିକୁ ମୂଳରୁ ଓପାଡ଼ିଦେବା ପରେ ସେହି ସ୍ଥାନରେ କବର ଦେଇଦେଲା। ରାଷ୍ଟ୍ରପତିଙ୍କ ଗସ୍ତ ବେଳେ ସୁରକ୍ଷା ସୁନିଶ୍ଚିତ କରିବାକୁ ବର୍ଷକ ତଳେ ଲଗାଇଥିବା ଏହି ଗଛଗୁଡ଼ିକ ଉପୁଡ଼ା ଯାଇଥିବା କୁହାଯାଉଛି। ଭୁବେନଶ୍ୱର ଏମ୍ସ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପ୍ରଶାସନର ଏପରି ମନମୁଖୀ କାର୍ଯ୍ୟକୁ ନେଇ ପରିବେଶବିତ୍ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅପରପକ୍ଷେ, ଏପରି କରି ପ୍ରଶାସନ ଉକ୍ତ ସ୍ଥାନରେ ଜବରଦଖଲକାରୀଙ୍କୁ ଜବରଦଖଲ ପାଇଁ ସୁଯୋଗ ଦେଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ରାଷ୍ଟ୍ରପତି ସୋମବାର ଏମ୍ସ ଗସ୍ତରେ ଆସିବେ। ଏଥିପାଇଁ ଏମ୍ସ ଅଣ୍ଡରପାସ୍‌ରୁ ଏମ୍ସ ମଧ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯିବା ସହ ସଫେଇକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ସୁରକ୍ଷା ଏବଂ ସଫେଇ ଆଳରେ ପ୍ରାୟ ୧ କିଲୋମିଟର ବ୍ୟାପୀ



ଏହି ରାସ୍ତାକଡ଼ରେ ଲାଗିଥିବା ଶହେରୁ ଊର୍ଦ୍ଧ୍ୱ ଗଛକୁ ବୁଲଡୋଜର୍ ଜରିଆରେ ଉପାଡ଼ି ଦିଆଯାଇଛି। ବଡ଼ କଥା ହେଲା, ପ୍ରଶାସନ ପକ୍ଷରୁ ବର୍ଷେ ତଳେ ଏହି ଗଛଗୁଡ଼ିକ ପୋତା ଯାଇଥିଲା। ଏମ୍ସ ପାଖାପାଖି ଅଞ୍ଚଳରେ ସବୁଜିମା ସୃଷ୍ଟି ଲାଗି ସରକାରଙ୍କ ଏହି ପଦକ୍ଷେପକୁ ନେଇ ଅଞ୍ଚଳବାସୀ ପ୍ରଶଂସା କରିଥିଲେ। ବର୍ଷେ ଭିତରେ ଗଛଗୁଡ଼ିକର ଉଚ୍ଚତା ୬ରୁ ୮ ଫୁଟ୍ ହୋଇଯାଇଥିଲା। ଗଛଗୁଡ଼ିକର ସୁରକ୍ଷା ପାଇଁ ବିଏମ୍‌ସି ପକ୍ଷରୁ ପ୍ଲାଷ୍ଟିକ୍ ବ୍ୟାରିକେଡିଂ କରାଯାଇଥିଲା। ଏହି ବ୍ୟାରିକେଡ୍‌ରେ ସବୁଜ ଭୁବନେଶ୍ୱର, ଆହ୍ୱାନ ବୃକ୍ଷରୋପଣର ବୋଲି ପୋଷ୍ଟର ବି ଲାଗିଥିଲା। ହେଲେ ବିଏମ୍‌ସିର 'ଆହ୍ୱାନ ବୃକ୍ଷରୋପଣର' ନାରା ଏବଂ ପରିଶ୍ରମ ଗୋଟିଏ ବର୍ଷ ମଧ୍ୟରେ ଫସର ଫାଟିଗଲା। ଚଳିତବର୍ଷ ଠିକ୍ ବର୍ଷା ସମୟରେ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସେହି ଗଛକୁ ପ୍ରଶାସନ ଓପାଡ଼ି ଦେଇଛି।

ବିଏମ୍‌ସିର ପରିବେଶ ବିଭାଗ ପ୍ରତ୍ୟେକ ଗଛର ରକ୍ଷଣାବେକ୍ଷଣ ପାଇଁ ୯ ହଜାର ଟଙ୍କା ଖର୍ଚ୍ଚ କରୁଛି। ଏହି ଗଛଗୁଡ଼ିକ ପାଇଁ ବିଏମ୍‌ସି ଏ ପର୍ଯ୍ୟନ୍ତ ପ୍ରାୟ ୯ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲାଣି। କିନ୍ତୁ ରାଷ୍ଟ୍ରପତିଙ୍କ ସୁରକ୍ଷା ଏବଂ ସଫେଇ ଆଳରେ ୯ ଲକ୍ଷ ଏବେ ସ୍ୱାହା ହୋଇଗଲା। ଏପରିକି, ଗଛ କ'ଣ ପାଇଁ ଉପୁଡ଼ାଗଲା, ବିଏମ୍‌ସିର ବିଭାଗୀୟ ଅଧିକାରୀଙ୍କ ପାଖରେ ଖବର ବି ନାହିଁ। ଏ ସମ୍ପର୍କରେ ବିଏମ୍‌ସିର ବିଭାଗୀୟ ଅଧିକାରୀ ଅତିରିକ୍ତ କମିସନର କୈଳାସ ଚନ୍ଦ୍ର ଦାସ କହିଛନ୍ତି କେଉଁ କାରଣ ପାଇଁ ଗଛ ଓପଡ଼ା ଯାଇଛି, ତାହା ସ୍ପଷ୍ଟ ହୋଇନାହିଁ।

ଅପରପକ୍ଷେ, ରାସ୍ତାକଡ଼ ବୃକ୍ଷରୋପଣ ଦ୍ୱାରା ରାଜଧାନୀରେ ସବୁଜବଳୟ ସୃଷ୍ଟି ହେବା ସହ ସରକାରୀ ଜମି ଜବରଦଖଲମୁକ୍ତ ରହୁଛି। ଏହି ରାସ୍ତାରେ ଗଛ ଲାଗିବା ଦ୍ୱାରା ସରକାରୀ ଜମି ଜବରଦଖଲ ହୋଇପାରୁନଥିଲା। ଏବେ କିନ୍ତୁ ଏହି ସ୍ଥାନଗୁଡ଼ିକରୁ ଗଛ ମୁକ୍ତ ହେବା ଯୋଗୁଁ ଏଠାରେ ଜବରଦଖଲ ବଢ଼ିବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

### ରହୁନାହାନ୍ତି ଫାଣ୍ଡି ଅଧିକାରୀ

# ଏସ୍‌ପିଙ୍କୁ ଅଭିଯୋଗ କଲେ ଅଞ୍ଚଳବାସୀ

ବଇଣ୍ଡା, ୧୩।୭ (ସମିସ)



ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଟାପଢୋଲ ଫାଣ୍ଡିରେ ଅଧିକାରୀ ରହୁ ନ ଥିବା ଅଭିଯୋଗ ହୋଇଛି। ଫାଣ୍ଡିରେ କେବଳ କନଷ୍ଟେବଳ ଥିବା ବେଳେ ଅଧିକାରୀଙ୍କୁ ନ ପାଇ ଅଞ୍ଚଳବାସୀ ୧୭ କିମି ଦୂର ଠାକୁରଗଡ଼ ଥାନାକୁ ଯିବାକୁ ପଡୁଛି। ଏହି ସମସ୍ୟା ଏକ ବର୍ଷ ହେବ ଲାଗି ରହିଥିଲେ ମଧ୍ୟ ଜିଲ୍ଲା ପୁଲିସ ପ୍ରଶାସନ ସମାଧାନ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଟାପଢୋଲ ଅଞ୍ଚଳବାସୀ ଶନିବାର ଅନୁଗୋଳ ଏସପିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି ଯେ ଜଙ୍ଗଲ ଅଧ୍ୟୁଷିତ ଏହି ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକୁ ସୁରକ୍ଷା ଯୋଗାଇ ଦେବା ପାଇଁ ଟାପଢୋଲ ଅଞ୍ଚଳରେ ଗୃହ ବିଭାଗ ପକ୍ଷରୁ ପୁଲିସ ଫାଣ୍ଡି ସ୍ଥାପନ ହୋଇଛି। ଏହି ଫାଣ୍ଡି ଉପରେ ଟାପଢୋଲ, କନ୍ତପଡ଼ା, ପାଇକସାହି, ସାପଘରା ଆଦି ୪ ପଞ୍ଚାୟତର ୨୨ ଗ୍ରାମବାସୀ ନିର୍ଭର କରୁଛନ୍ତି। ଅନେକ ଗ୍ରାମ ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳରେ ରହିଛି। ଫାଣ୍ଡିରେ ଜଣେ ଅଧିକାରୀଙ୍କ ସହ ୨ ଜଣ କନଷ୍ଟେବଳ ନିଯୁକ୍ତି ପାଇଛନ୍ତି। ହେଲେ ଅଧିକାରୀ ଜଣକ ଟାପଢୋଲ ପରିବର୍ତ୍ତେ ଠାକୁରଗଡ଼ ଥାନାରେ ରହୁଛନ୍ତି। ଫଳରେ କୌଣସି ଅଭିଯୋଗ ନେଇ ଫାଣ୍ଡିକୁ ଆସୁଥିବା ଲୋକେ ଅଧିକାରୀଙ୍କୁ ନ ପାଇ ଅଯଥା ଖର୍ଚ୍ଚାନ୍ତ ହୋଇ ୧୭ କିମି ଦୂର ଠାକୁରଗଡ଼ ଥାନାକୁ ଯିବାକୁ ବାଧ ହେଉଛନ୍ତି। ଏପରିକି ତଦନ୍ତ ବେଳେ ଫାଣ୍ଡିକୁ ଯିବା ପରିବର୍ତ୍ତେ ଅଭିଯୋଗକାରୀ ଥାନାକୁ ଯାଉଛନ୍ତି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଅଧିକାରୀ ଅନୁପସ୍ଥିତ ରହୁଥିବାରୁ ଅଞ୍ଚଳରେ ମାତ୍ରାଧିକ ଚୋରା କାରବାର ବଢ଼ିବାରେ ଲାଗିଛି। ଗ୍ରାମାଞ୍ଚଳରେ ଚୋରାମଦ ଅବାଧରେ ବିକ୍ରି ହେଉଥିବା ବେଳେ ଏହି ଫାଣ୍ଡି ଦେଇ ଅନେକ ସମୟରେ ଚୋରା ଚାଲାଣ ହେଉଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅନ୍ୟପଟେ ଟାପଢୋଲ ଫାଣ୍ଡିରେ କିପରି ଅଧିକାରୀ ରହିବେ ସେ ନେଇ ପଦକ୍ଷେପ ନିଆଯିବ ବୋଲି ଆଠମଲ୍ଲିକ ଏସଡିପିଓ ସୁଶାନ୍ତ କୁମାର ତାଡ଼ଡିଆ କହିଛନ୍ତି।

### ■ ଫକୀରମୋହନ କଲେଜ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା

# ଛାତ୍ର, ଯୁବ, ମହିଳା ସଂଗଠନଗୁଡ଼ିକର ମିଳିତ ବିକ୍ଷୋଭ




ଅନୁଗୋଳ, ୧୩।୭ (ସମିସ): ଶନିବାର ବାଲେଶ୍ୱର ଫକୀର ମୋହନ କଲେଜ ଶିକ୍ଷା ବିଭାଗର ଜଣେ ଛାତ୍ରୀ କଲେଜ କର୍ତ୍ତୃପକ୍ଷ ବିଶେଷକରି ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ବିଭିନ୍ନ ଭାବେ ନିର୍ଯାତିତ ହେବା ପରେ ମଧ୍ୟ ଅଭିଯୋଗକୁ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ନ ଦେବାରୁ ଆତ୍ମାହୁତି ଉଦ୍ୟମ କରିବା ଘଟଣା ଜନଗଣଙ୍କ ହୃଦୟକୁ ଦୋହଲାଇ ଦେଇଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଏବଂ ଘଟଣାରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସମ୍ପୃକ୍ତ ଦୋଷୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ଦାବିକରି ରବିବାର ପୂର୍ବାହ୍ଣରେ ନାଲକୋନଗର ନିକଟସ୍ଥ ଟାଉନସିପ୍ ଛକରେ ଯୁବ ସଂଗଠନ ଅଲ୍ ଇଣ୍ଡିଆ ଡିୱାଇଓ, ଡିଏସ୍‌ଓ ଏବଂ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ମିଳିତ ବିକ୍ଷୋଭ କରାଯାଇଛି। ଡିୱାଇଓ ରାଜ୍ୟ ସଭାପତି ମାନସ ପାଳଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବିକ୍ଷୋଭରେ ମହିଳା ସାଂସ୍କୃତିକ ସଂଗଠନର ରାଜ୍ୟ ସଭାନେତ୍ରୀ ସ୍ୱୟଂପ୍ରଭା ନାୟକ, ଏଆଇଡିଏସ୍‌ଓ ଅନୁଗୋଳ ଜିଲ୍ଲା ସମ୍ପାଦକ ନାରାୟଣ ନାୟକ ଏବଂ ଡିୱାଇଓର ରାଜ୍ୟ ସମ୍ପାଦକ କେଦାରନାଥ ସାହୁ ପ୍ରମୁଖ ବକ୍ତବ୍ୟ ରଖି ଦୋଷୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା ସହ ଛାତ୍ରୀ ଓ ମହିଳାମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଦାବି କରିଥିଲେ। ପ୍ରଶାସନିକ ତତ୍ପରତା ହୋଇଥିଲେ ଛାତ୍ରୀ ଜଣକ ଚରମ ନିଷ୍ପତ୍ତିରୁ ରକ୍ଷା ପାଇପାରିଥାଆନ୍ତେ ବୋଲି ମତବ୍ୟକ୍ତ କରିଥିଲେ। ଡବଲ୍ ଇଞ୍ଜିନ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ରାଜ୍ୟବ୍ୟାପୀ ଆନ୍ଦୋଳନ ଗଢ଼ିତୋଳିବା ପାଇଁ ଚେତାବନୀ ଦିଆଯାଇଛି।

## ବ୍ରାଉନସୁଗର ଜବତ; ୭ ଗିରଫ




ତାଳଚେର ସହର, ୧୩।୭ (ସମିସ): ସନ୍ଥପଡ଼ା ଛକ ନିକଟରୁ ୫୩ ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ୭ ଜଣଙ୍କୁ ଗିରଫ କରିଛି ତାଳଚେର ଥାନା ପୁଲିସ। ବେପାର କରିବାକୁ କାରରେ ବ୍ରାଉନସୁଗର ଅଣାଯାଉଥିବା ବେଳେ ପୁଲିସ ଚଢ଼ଉ କରିଥିଲା। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୫ ଲକ୍ଷ ୩୦ ହଜାର ଟଙ୍କା ହେବ ବୋଲି ପୁଲିସ କହିଛି। ସୂଚନା ଅନୁସାରେ ରବିବାର ଏକ କାର ଯୋଗେ ବାଲେଶ୍ୱର ଅଞ୍ଚଳରୁ ବିକ୍ରି ଉଦ୍ଦେଶ୍ୟରେ ବ୍ରାଉନସୁଗର ନେଇ ତାଳଚେର ଆସୁଥିବା ବେଳେ ଖବର ପାଇ ପୁଲିସ କାରକୁ ସନ୍ଥପଡ଼ା ଛକରେ ନାକାବନ୍ଦୀ କରି ଯାଞ୍ଚ କରିଥିଲା। କାରରେ ଥିବା ଜଣେ ମହିଳା ସମେତ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୫୩ ଗ୍ରାମ ବ୍ରାଉନସୁଗର ସହ ୧୩ ହଜାର ଟଙ୍କା ଓ ୬ଟି ମୋବାଇଲ ଫୋନ ଜବତ କରିଛି ପୁଲିସ। ତେବେ ଏହି ଘଟଣାରେ ବ୍ୟବସାୟ ପାଇଁ ଡିଲ୍ କରିଥିବା ଆଉ ଦୁଇ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ଗିରଫ ସମସ୍ତ ଅଭିଯୁକ୍ତ ତାଳଚେର ଅଞ୍ଚଳର ବୋଲି ସୂଚନା ମିଳିଛି।

## ପତ୍ନୀକୁ ଟାଙ୍ଗିଆରେ ହାଣି ହତ୍ୟା ଉଦ୍ୟମ

### ■ ଥାନାରେ ଅଭିଯୋଗ

ବଇଣ୍ଡା, ୧୩।୭ (ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ପାପସରା ଗ୍ରାମର ସୁବାସିନୀ ସାହୁ (୩୦)ଙ୍କୁ ତାଙ୍କ ସ୍ୱାମୀ ପଳଉ ପ୍ରଧାନ ଯୌତୁକ ପାଇଁ ଟାଙ୍ଗିଆରେ ହାଣି ହତ୍ୟା ଉଦ୍ୟମ କରିଥିବା ସୁବାସିନୀଙ୍କ ମା' ଚିନା ସାହୁ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ଟାଙ୍ଗିଆ ଚୋଟରେ ସୁବାସିନୀ ଗୁରୁତର ହୋଇ କିଶୋରନଗର ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଚିନାଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ ସୁବାସିନୀ ପଳଉଙ୍କୁ ପ୍ରେମବିବାହ କରିଥିଲେ। ହେଲେ କିଛିମାସ ହେବ ତାଙ୍କୁ ଘରୁ ଯୌତୁକ ଟଙ୍କା ଆଣିବା ପାଇଁ କହିବା ସହ ନିର୍ଯାତନା ଦେଉଥିଲେ। ସୁବାସିନୀ ଯୌତୁକ ଆଣି ନ ପାରିବାରୁ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ।

## ଦେଶୀମଦ ଜବତ; ୩ ଗିରଫ

ବଇଣ୍ଡା, ୧୩।୭ (ସମିସ): ହଣ୍ଡପା ଥାନା ପୁଲିସ ଶନିବାର ବିଭିନ୍ନ ଗ୍ରାମରେ ଚଢ଼ଉ କରି ଚୋରା ମହୁଲି ମଦ ଜବତ କରିଛି। ଏଥିସହ ୩ ଜଣଙ୍କୁ ଗିରଫ କରିଛି। ଚାରଖମଣ ଗ୍ରାମରେ ଚଢ଼ଉ କରି ଅମ୍ବୁଜଙ୍କ ଘରୁ ୬ ଲିଟର ଦେଶୀମଦ ଜବତ କରିଛି। ତାଙ୍କୁ ଗିରଫ କରାଯାଇଛି। ସେ ଘରେ ବେଆଇନ ଭାବେ ମଦ ବିକ୍ରି କରୁଥିବା ଖବର ପାଇ ପୁଲିସ ଚଢ଼ଉ କରିଥିଲା। ସେହିପରି କଣ୍ଟେଇକୋଳିଆ ଗ୍ରାମରେ ଚଢ଼ଉ କରି ଚୈତନ୍ୟ ନାୟକଙ୍କ ଘରୁ ୧୦ ଲିଟର ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ଭେଜିଗୋଠ ଗ୍ରାମରେ ଚଢ଼ଉ କରି ଫୁଲ ପ୍ରଧାନଙ୍କ ଘରୁ ୫ ଲିଟର ଦେଶୀମଦ ଜବତ କରାଯାଇଛି। ତାଙ୍କୁ ଗିରଫ କରାଯାଇଛି। ଏ ନେଇ ଥାନାରେ ୩ଟି ମାମଲା ରୁଜୁ ହୋଇଛି।

## ସ୍କୁଲରେ 'ଜାଦୁଇ ପିଟାରା' ଓ 'ହାଉସ୍ କ୍ଲବ୍ ପିଟାରା' ଉନ୍ମୋଚିତ

ଅନୁଗୋଳ, ୧୩।୭ (ସମିସ)



ଅନୁଗୋଳ ଜିଲ୍ଲା ଅନୁଗୋଳ ବ୍ଲକ ଖମାର କ୍ଲଷ୍ଟର ଗୋପୀନାଥପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଆନୁକୂଲ୍ୟରେ 'ଜାଦୁଇ ପିଟାରା' ଓ 'ସ୍କୁଲ୍ ହାଉସ୍ କ୍ଲବ୍ ପିଟାରା' ଉଦଘାଟିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ବିଶ୍ୱପୂଜ୍ୟା ସ୍ୱାଇଁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଏହା ଏକ ଐତିହାସିକ ପଦକ୍ଷେପ ବୋଲି ପ୍ରଧାନଶିକ୍ଷୟିତ୍ରୀ କହିଥିଲେ। ଜାଦୁଇ ପିଟାରାର ଉଦ୍ଦେଶ୍ୟ ବିଷୟରେ ସହକାରୀ ଶିକ୍ଷୟିତ୍ରୀ ଉଲ୍ଲେଖ କରିବା ସହ ଶିକ୍ଷାକୁ ଆନନ୍ଦଦାୟକ, କ୍ରିୟାଶୀଳ ଓ ଆକର୍ଷଣୀୟ କରିବା ପାଇଁ ଜାଦୁ ପେଡ଼ିର ସାମଗ୍ରୀ କିପରି ସାହାଯ୍ୟ କରିବ ତାହା ବୁଝାଇଥିଲେ। ଏହା କାର୍ଯ୍ୟ ଆଧାରିତ ଶିକ୍ଷା ଧାରାକୁ ପ୍ରୋତ୍ସାହନ ଦେବ ବୋଲି ବିଦ୍ୟାଳୟ ସଭାପତି କହିଥିଲେ। ବିଦ୍ୟାଳୟଗୁଡ଼ିକରେ 'ଶିଶୁ ବାଟିକା' ଶ୍ରେଣୀ ଆରମ୍ଭ ହୋଇଥିଲେ ହେଁ ପିଲାଙ୍କ ଆବଶ୍ୟକତାକୁ ଅନୁଭବ କରି ଜାଦୁ ପେଡ଼ି ନିର୍ମାଣ କରାଯାଇଥିଲା। ପରେ ଅନ୍ୟ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ବିଶ୍ୱପୂଜ୍ୟା ସ୍ୱାଇଁ 'ସ୍କୁଲ୍ ହାଉସ୍ କ୍ଲବ୍ ପିଟାରା'ର ପ୍ରସ୍ତୁତି ନିମନ୍ତେ ବିଦ୍ୟାଳୟ ପରିଚାଳନା ବୈଠକରେ ପ୍ରସ୍ତାବ ଗୃହୀତ କରିଥିଲେ। ଏହା ଦ୍ୱାରା ବିଦ୍ୟାଳୟରେ ବିଭିନ୍ନ କ୍ଲବ କାର୍ଯ୍ୟକଳାପ ତଥା ହାଉସ୍ ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ମୂଳକ ମନୋଭାବ ବିକାଶ କରିପାରିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ବିଶ୍ୱପୂଜ୍ୟା ସ୍ୱାଇଁ କହିଛନ୍ତି। ପ୍ରତି ହାଉସ୍ କ୍ଲବ୍‌ର ଜଣେ ଲେଖାଏଁ ମାର୍ଗଦର୍ଶକ ଶିକ୍ଷୟିତ୍ରୀ ରହିଛନ୍ତି। ହାଉସ୍ କ୍ଲବ୍‌ର ମାର୍ଗଦର୍ଶକ ରୂପେ ଶିକ୍ଷୟିତ୍ରୀ ଚିତ୍ରଲେଖା ସାହୁ ଓ ଗ୍ରୀନ୍ ହାଉସ୍ କ୍ଲବ୍ ମାର୍ଗଦର୍ଶକ ରୂପେ ଶିକ୍ଷୟିତ୍ରୀ ଶୁଭଶ୍ରୀ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଶିକ୍ଷକମାନେ ପିଟାରାର ସାମଗ୍ରୀ ବ୍ୟବହାର କରି କିପରି ଶିକ୍ଷାକୁ ଆକର୍ଷଣୀୟ କରାଯାଇପାରିବ ବିଷୟରେ ଡେମୋ ଦେଖାଇଥିଲେ। ଏହି କାର୍ଯ୍ୟକ୍ରମ ନିପୁଣ ଭାରତ ମିଶନ ଓ ଜାତୀୟ ଶିକ୍ଷାନୀତି-୨୦୨୦ର ଲକ୍ଷ୍ୟ ସାଧନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରୂପେ ଗଣାଯାଉଛି।

## ୨୦୨୪ ଗଣେଶପୂଜାର ଆୟବ୍ୟୟକୁ ନେଇ ଚର୍ଚ୍ଚା

ତାଳଚେରସଦର, ୧୩।୭ (ସମିସ): ତାଳଚେର କେନ୍ଦ୍ରୀୟ ଗଣେଶପୂଜା କମିଟି ପକ୍ଷରୁ ପ୍ରତିବର୍ଷ ତାଳଚେର ସହରର ୧ନମ୍ବର ୱାର୍ଡଠାରୁ ଆରମ୍ଭ କରି ୨୧ନଂ ୱାର୍ଡ ପର୍ଯ୍ୟନ୍ତ ଶହେରୁ ଊର୍ଦ୍ଧ୍ୱ ମେଢ଼ ପୂଜା ପାଇ ଆସୁଥିବା ବେଳେ ବିସର୍ଜନରେ ପ୍ରାୟ ୪୦ରୁ ୫୦ ମେଢ଼ ଭାଗ ନେଇଥାନ୍ତି। ଓଡ଼ିଶା ପ୍ରସିଦ୍ଧ ଗଣପର୍ବ ଗଣେଶପୂଜା ଏଠାରେ ୧୧ଦିନ ବ୍ୟାପୀ ଧୁମାଧାମରେ ପାଳନ କରାଯାଏ। ଏଥିପାଇଁ କିଛି ବଦାନ୍ୟ ବ୍ୟକ୍ତି ସହଯୋଗ କରୁଥିବା ବେଳେ ଆଉ କିଛି ଅନୁଷ୍ଠାନ, ପ୍ରତିଷ୍ଠାନ ଓ ପୂଜାମଣ୍ଡପଗୁଡ଼ିକରୁ କେନ୍ଦ୍ରୀୟ କମିଟିକୁ ଅର୍ଥ ଆସିଥାଏ। କମିଟି ସଭାପତି ତାଳଚେର ଉପଜିଲ୍ଲାପାଳ ରହିଥିବା ବେଳେ ପୂଜାମଣ୍ଡପ କମିଟିର କିଛି ସଦସ୍ୟ, କର୍ମକର୍ତ୍ତାଙ୍କୁ ଚୟନ କରାଯାଏ ଓ ସେମାନେ ପୂଜାରେ ଅଂଶଗ୍ରହଣ କରି ଶାନ୍ତିଶୃଙ୍ଖଳାଠାରୁ ଆରମ୍ଭକରି ପ୍ରତ୍ୟେକ କ୍ଷେତ୍ରରେ ଦାୟିତ୍ୱ ନିର୍ବାହ କରିଥାନ୍ତି। କେନ୍ଦ୍ରୀୟ ଗଣେଶ ପୂଜା କମିଟିର ବାଇଲ ଅନୁଯାୟୀ ପ୍ରତିବର୍ଷ ପୂଜା ଓ ବିସର୍ଜନ ସମାପ୍ତ ହେବାପରେ ସମସ୍ତ କମିଟିର ସଭାପତି ଓ ସମ୍ପାଦକକୁ ନେଇ ବୈଠକ କରି ପୂଜା ଆୟବ୍ୟୟ ହିସାବ ଦେବାର ନିୟମ ରହିଛି। ମାତ୍ର ୨୦୨୪ ଯାଇ ୨୦୨୫ ପୂଜା ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏପର୍ଯ୍ୟନ୍ତ ଆୟବ୍ୟୟ ହିସାବ ଦିଆଯାଇ ନ ଥିବାରୁ କିଛି କମିଟି ମଧ୍ୟରେ ଏ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେଣୁ ତୁରନ୍ତ ଉପଜିଲ୍ଲାପାଳ ତଥା କେନ୍ଦ୍ରୀୟ ଗଣେଶପୂଜା କମିଟି ସଭାପତି ଏଥିରେ ହସ୍ତକ୍ଷେପ କରି ଏହାର ସମାଧାନ କରିବାକୁ ନେଇ ପୂଜାକମିଟି ଦାବି ପକ୍ଷରୁ ହେଉଛି। ଯେଉଁ ସମୟରେ କେନ୍ଦ୍ରୀୟ ଗଣେଶ ପୂଜା କମିଟିର ବୈଠକ ଡକାଯାଉଛି, ସେଥିରେ ସମସ୍ତ ପୂଜାକମିଟି ସଭାପତି, ସମ୍ପାଦକମାନେ ଉପସ୍ଥିତ ରହୁଛନ୍ତି ନା ନ ଜଣାଇ ସେମିତି ବୈଠକ କରି କାମ ଚଳାଇ ଦିଆଯାଉଛି, ତାହାର ତର୍ଜମା କରିବା ନିତାନ୍ତ ଆବଶ୍ୟକ ବୋଲି ଚର୍ଚ୍ଚା ଜୋର ଧରିଛି।

## ଓକିଲ ସଂଘ ପକ୍ଷରୁ ଗୁରୁପୂଜନ ଉତ୍ସବ



ଅନୁଗୋଳ, ୧୩।୭ (ସମିସ): ଅନୁଗୋଳ ଓକିଲ ସଂଘ ପକ୍ଷରୁ ଗୁରୁପୂଜନ ଉତ୍ସବ ପାଳିତ ହୋଇଛି। ଓକିଲ ସଂଘ ସଭାପତି ହିମାଂଶୁ ଭୂଷଣ ସାମଲ (ଟୁକୁନା)ଙ୍କ ନେତୃତ୍ୱରେ ବରିଷ୍ଠ ଆଇନଜୀବୀ ସନ୍ତୋଷ ମହାପାତ୍ର, ଦିଲୀପ ଦାସ, ବସନ୍ତ ପ୍ରଧାନ, ବିନୋଦ ମିଶ୍ର, ମନୋରଞ୍ଜନ ଦାସ, ଜ୍ଞାନ ପଟ୍ଟନାୟକ, ଶମ୍ଭୁନାଥ ବେହେରା, ପାର୍ଥସାରଥି ପ୍ରଧାନ ପ୍ରମୁଖ ବହୁ ଆଇନଜୀବୀ ସଂଘର ବୟୋଜ୍ୟେଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ପୂଜନ କରିବା ସହ ସମ୍ମାନିତ କରିଥିଲେ। ଆଇନଜୀବୀ ମିଶ୍ର କନିଷ୍ଠ ଆଇନଜୀବୀମାନଙ୍କୁ ଆଶୀର୍ବାଦ କରିବା ସହ ଓକିଲାତି ପେସାରେ ସେମାନଙ୍କ ସଫଳତା କାମନା କରିଥିଲେ।

## ହେଲ୍ପଲାଇନ ଘଣ୍ଟପଡ଼ା ପକ୍ଷରୁ ଚାରା ବଣ୍ଟନ

ତାଳଚେର, ୧୩।୭ (ସମିସ): ତାଳଚେର ବ୍ଲକ ହେଲ୍ପ ଲାଇନ ଘଣ୍ଟପଡ଼ା ପକ୍ଷରୁ ୭୬ତମ ବନ ମହୋତ୍ସବ ପାଳନ ଉପଲକ୍ଷେ ଲୋକଙ୍କୁ ଚାରା ବଣ୍ଟନ କରାଯାଇଛି। ହେଲ୍ପ ଲାଇନର ପ୍ରତିଷ୍ଠାତା ମାଳତୀ ସାହୁ ଓ ସମାଜସେବୀ କ୍ଷୀରୋଦ ସାହୁ ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ନେଇ ପ୍ରଥମେ ହାଣ୍ଡିଧୁଆଠାରେ ଦାନ୍ତ ଡାକ୍ତର ଅନିତା ସାହୁଙ୍କୁ ଗୋଟିଏ ଚାରା ଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୨୫ଟି ବିବାହ ଉତ୍ସବରେ ନବଦମ୍ପତିଙ୍କ ସହ ପରିବାରକୁ ନଡ଼ିଆ, ଡାଳିମ୍ବ, ଆମ୍ବ, ଲେମ୍ବୁ, ବିଭିନ୍ନ ଔଷଧୀୟ ବୃକ୍ଷ ସମେତ ଗଙ୍ଗଶିଉଳି ଚାରା ପ୍ରଦାନ କରିଥିଲେ। ଆଗାମୀ ଦିନରେ ଗୃହପ୍ରବେଶ, ଏକୋଇଶିଆ, ଜନ୍ମଦିନ, ବିବାହ ବାର୍ଷିକୀ, ଶୁଦ୍ଧିକ୍ରିୟା, ପ୍ରଥମ ଶ୍ରାଦ୍ଧବାର୍ଷିକୀ ଆଦି କାର୍ଯ୍ୟକ୍ରମରେ ଚାରା ପ୍ରଦାନ କରାଯିବ ବୋଲି ପ୍ରତିଷ୍ଠାତା ସାହୁ କହିଛନ୍ତି।



## ରୋଟାରୀ ରୟାଲର ସ୍ୱାସ୍ଥ୍ୟ ଶିବିର




ଅନୁଗୋଳ, ୧୩।୭ (ସମିସ): ରୋଟାରୀ କ୍ଲବ ଅନୁଗୋଳ ରୟାଲ ଏବଂ ଭାରତୀୟ ଚର୍ମ ଚିକିତ୍ସକ ସଂଘ ପକ୍ଷରୁ ନିଃଶୁଳ୍କ ଚର୍ମ ରୋଗ ଶିବିର ଅନୁଗୋଳ ନିକଟ ଗଡ଼ସନ୍ତ୍ରୀ ଗ୍ରାମରେ ଅନୁଷ୍ଠିତ ହୋଇଛି। କିଛିଦିନ ପୂର୍ବେ ଉଭୟ ରୋଟାରୀ ଇଣ୍ଟରନ୍ୟାସନାଲ୍ ଏବଂ ଭାରତୀୟ ଚର୍ମ ଚିକିତ୍ସକ ସଂଘ ତରଫରୁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ପୂରା ଭାରତରେ ଇଣ୍ଟରନ୍ୟାସନାଲ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇବା ପାଇଁ ଭାରତୀୟ ଚର୍ମ ଚିକିତ୍ସକ ସଂଘ ନିଃଶୁଳ୍କ ଚର୍ମ ରୋଗ ସମ୍ବନ୍ଧୀୟ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସଂକଳ୍ପ ନେଇ ଏହି ଶିବିର ଆୟୋଜନ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଆଇଏମ୍‌ଏ ଅନୁଗୋଳ ଶାଖା ଅଧ୍ୟକ୍ଷ ତଥା ଚର୍ମରୋଗ ବିଶେଷଜ୍ଞ ଡା. ବିଚ୍ଛନ୍ଦ ଚରଣ ପ୍ରଧାନ ଓ ଡା. ବିଶ୍ୱଜିତ ସାମଲ ୧୪୧ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କ୍ଲବ ତରଫରୁ ରୋଟରିଆନ ମୁରାରୀଲାଲ ଅଗ୍ରୱାଲ, ଅମ୍ବିକା ପ୍ରସାଦ ସାହୁ, ରାଜେଶ ସରଳିଆ, ମଧୁସୂଦନ ଶର୍ମା, ଜୟପ୍ରକାଶ ମୋଦି ପ୍ରମୁଖ ସହଯୋଗ କରିଥିଲେ।

### ■ ଶ୍ରାବଣ ମାସର ପ୍ରଥମ ସୋମବାର ଆଜି

# ବୋଲ୍‌ବମ୍ ଶବ୍ଦରେ କମ୍ପୁଛି ରାସ୍ତାଘାଟ

ତାଳଚେରସଦର, ୧୩।୭ (ସମିସ): ଆରମ୍ଭ ହେଲା ଶ୍ରାବଣ ମାସ। ଆସନ୍ତାକାଲି ପ୍ରଥମ ସୋମବାର ଉପଲକ୍ଷେ ଗାଁ ଗଣ୍ଡାରୁ ସହର ପର୍ଯ୍ୟନ୍ତ ସବୁଠି କାଉଡ଼ି ଯାତ୍ରା ଆରମ୍ଭ ହୋଇଛି। ଶ୍ରଦ୍ଧାଳୁମାନେ ବିଭିନ୍ନ ନଦୀ, ଜଳାଶୟରୁ ପବିତ୍ର ଜଳ ଉଠାଇ ତାଳଚେର ଅଞ୍ଚଳର ବିଭିନ୍ନ ଶୈବପୀଠ ଅଭିମୁଖେ ବାହାରିଛନ୍ତି। ବୋଲବମ୍ ଶବ୍ଦରେ କମ୍ପୁଛି ରାସ୍ତାଘାଟ ଓ ଭୋଲାବାବାଙ୍କ ଧାମ। ଭକ୍ତଙ୍କ ଶୃଙ୍ଖଳିତ ଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସୋମବାର ଭୋରରୁ ତାଳଚେର ଅଞ୍ଚଳର ପ୍ରସିଦ୍ଧ ଶୈବପୀଠଗୁଡ଼ିକରେ ହଜାର ହଜାର କାଉଡ଼ିଆ ଜଳାଭିଷେକ କରିବେ। ତେବେ ଶ୍ରଦ୍ଧାଳୁମାନେ ନଦୀରୁ ଜଳ ଉଠାଇବା ବେଳେ ସତର୍କତା ଅବଲମ୍ବନ କରିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଥିସହ ସ୍ଥାନୀୟ ପଶ୍ଚିମେଶ୍ୱର, ଧରମପୁର, ଆଖଣ୍ଡଳମଣି, ପଞ୍ଚମୁଖୀ, ଚକ୍ରଶିଳା ପୀଠଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ପାଇଁ ସମାଜସେବୀଙ୍କ ପକ୍ଷରୁ



# ଏଆଇଡିୱାଇଓ ପକ୍ଷରୁ ଦୁଇଦିନିଆ ଯୁବ ଶିବିର ଉଦ୍‌ଯାପିତ

ଅନୁଗୋଳ, ୧୩।୭ (ସମିସ)




ସମସ୍ତ ବେକାରଙ୍କୁ କର୍ମନିଯୁକ୍ତି, ମହିଳାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା, ମଦ, ଡ୍ରଗ୍ସ ଓ ବ୍ରାଉନସୁଗର ଭଳି ମାରାତ୍ମକ ମାଦକଦ୍ରବ୍ୟ ନିଷିଦ୍ଧ କରିବା ଏବଂ ଅଶ୍ଳୀଳତା ଓ ଅପସଂସ୍କୃତିର ପ୍ରଚାର ପ୍ରସାର ବନ୍ଦ କରିବା ଦାବିରେ ଭାରତବର୍ଷର ଲଢୁଆ ଯୁବ ସଂଗଠନ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ୟୁଥ୍ ଅର୍ଗାନାଇଜେସନ୍ (ଏଆଇଡିୱାଇଓ) ପକ୍ଷରୁ ନାଲକୋନଗରରେ ଦୁଇଦିନିଆ ଯୁବ ଶିବିର ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ସଂଗଠନର କେନ୍ଦ୍ରୀୟ କମିଟି ସମ୍ପାଦକ ଅମରଜିତ୍ କୁମାର ଲାଲ ପତାକା ଉତ୍ତୋଳନ ପରେ କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ ପ୍ରଗତିଶୀଳ ଆନ୍ଦୋଳନରେ ସହିଦ ହୋଇଥିବା ବ୍ୟକ୍ତିବିଶେଷଙ୍କ ସ୍ମୃତିରେ ସହିଦ ବେଦିରେ ମାଲ୍ୟାର୍ପଣ କରିଥିଲେ। ସଂଗଠନର ରାଜ୍ୟ ସଭାପତି ମାନସ ପାଳଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଯୁବ ଶିବିରରେ ରାଜ୍ୟ ସମ୍ପାଦକ କେଦାରନାଥ ସାହୁ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଆମ ଦେଶର ବେକାର ସମସ୍ୟା, ମହିଳାଙ୍କ ସୁରକ୍ଷା ଏବଂ ବିଶ୍ୱବ୍ୟାପୀ ଯୁଦ୍ଧ ସ୍ଥିତି ସମ୍ପର୍କରେ ତିଠା ପ୍ରସ୍ତାବ ଉପସ୍ଥାପନ କରାଯାଇ ବିଭିନ୍ନ ସ୍ଥାନରୁ ଆସିଥିବା ଯୁବ ପ୍ରତିନିଧିମାନଙ୍କ ଦ୍ୱାରା ବ୍ୟାପକ ଚର୍ଚ୍ଚା ଆଲୋଚନା କରାଯାଇଥିଲା। ସଂଗଠନର କେନ୍ଦ୍ରୀୟ କମିଟି ସମ୍ପାଦକ ମଣ୍ଡଳୀ ସଦସ୍ୟ ମଳୟ ପାଲ ଏବଂ ଅଫିସ ସମ୍ପାଦକ ବିଜୟାନନ୍ଦ ମଲ୍ଲିକ ଯୋଗଦେଇ ସାମ୍ପ୍ରତିକ ସମୟରେ ଭାରତବର୍ଷର ଯୁବ ଜୀବନର ସମସ୍ୟା ସମ୍ପର୍କରେ ମତବ୍ୟକ୍ତ କରିବା ସହ ସଂଗଠନର ୬୦ବର୍ଷ ପୂର୍ତ୍ତି ଅବସରରେ ଦେଶବ୍ୟାପୀ ଦୀର୍ଘସ୍ଥାୟୀ ଯୁବ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ସଂଗଠନକୁ ମଜବୁତ୍ କରି ଗଢ଼ି ତୋଳିବାକୁ ଆହ୍ୱାନ କରିଥିଲେ। ଶେଷ ଅଧିବେଶନରେ ଏସ୍‌ୟୁସିଆଇ(ସି)ର କେନ୍ଦ୍ରୀୟ କମିଟି ସଭ୍ୟ ତଥା ଓଡ଼ିଶା ରାଜ୍ୟ ସମ୍ପାଦକ ଶଙ୍କର ଦାଶଗୁପ୍ତ ଯୋଗଦେଇ ସମାଜ ପ୍ରଗତିରେ ଯୁବ ସମାଜର ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହ ପ୍ରଚଳିତ ସମାଜ ବ୍ୟବସ୍ଥାରେ ଯୁବକ ଯୁବତୀମାନଙ୍କୁ ସମସ୍ତ ଦିଗରୁ ପଙ୍ଗୁ କରିଦେବା ପାଇଁ ଶାସକ ଶ୍ରେଣୀର ଚକ୍ରାନ୍ତ ବିରୋଧରେ ସଚେତନ ଓ ସଂଗଠିତ ହେବାକୁ ଆହ୍ୱାନ କରିଥିଲେ। ଅତୀତର ମନିଷୀମାନଙ୍କ ଜୀବନ ସଂଗ୍ରାମରୁ ଶିକ୍ଷା ନେଇ ଯୁବ ଜୀବନକୁ ଶୃଙ୍ଖଳିତ କରିବା ସହ ସାମାଜିକ ଦାୟିତ୍ୱ ବହନ କରିବା କ୍ଷେତ୍ରରେ ଯୁବକମାନେ ଆଗେଇ ଆସିବା ବର୍ତ୍ତମାନ ସମୟରେ ଜରୁରୀ ବୋଲି ସେ କହିଥିଲେ। ସଂଗଠନର ପ୍ରତିଷ୍ଠାତା ଶିବଦାସ ଘୋଷଙ୍କ ଉପରେ ରଚିତ ସଙ୍ଗୀତ ଗାନ ପରେ ଶିବିର ଉଦଯାପିତ ହୋଇଛି।

● ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣା

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ଏଆଇଏସ୍ଏଫ୍

ବାଲେଶ୍ୱର,୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଅଖିଳ ଭାରତ ଛାତ୍ରସଂଘ, ଉତ୍କଳ ମହିଳା ସମିତି ପକ୍ଷରୁ ଇଂଟିଗ୍ରେଟେଡ ବିଇଡି



ଛାତ୍ରୀ ଆତ୍ମଦାହ ଘଟଣାକୁ ନିନ୍ଦା କରି ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। ଏହାଛଡା ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ, ସାଂସଦ, ମନ୍ତ୍ରୀ ଓ ପୁଲିସଙ୍କୁ ପୀଡ଼ିତା ଛାତ୍ରୀ ତାଙ୍କ ଉପରେ ହୋଇଥିବା ନିର୍ଯ୍ୟାତନା ସମ୍ବନ୍ଧରେ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଅଭ୍ୟନ୍ତରୀଣ କମିଟିର ତଦନ୍ତ ନାମରେ ଅଭିଯୋଗକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା। ଫଳରେ ଛାତ୍ରୀଜଣକ ଅସହାୟ ହୋଇ ଏପରି ଚରମ ପଦକ୍ଷେପ ନେବା ସହ ସେ ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ସମ୍ପୃକ୍ତ ଦୋଷୀମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତିବିଧାନ ପାଇଁ ଛାତ୍ରସଂଘ ଦାବି କରିଛି। ଏହି କାର୍ଯ୍ୟକ୍ରମରେ ସ୍ମୃତିରେଖା ସେନାପତି, କାହ୍ନୁଚରଣ ପରିଡ଼ା, ମନୋରଞ୍ଜନ ରାଉତ, ମିର୍ଜା ତୋହିଦ ବେଗ, କାଂଚନ ପରିଡ଼ା, ନମିତା ବାରିକ, ମାନସୀ ନାୟକ, ସୁଲୋଚନା ପାତ୍ର, ବନ୍ଦନା ପାତ୍ର, ଯତୀନ ପାତ୍ର, ଆଶୁତୋଷ ପରିଡ଼ା, ତପନ ସିଟ, ଭାଗବତ ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସିପିଏମ୍ ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଅଭିଯୋଗ

ବାଲେଶ୍ୱର,୧୩।୭ (ସମିସ): ଫକୀରମୋହନ କଲେଜର ବିଇଡି ଛାତ୍ରୀ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ରାଜ୍ୟରେ ଏବେ ଡବଲ ଇଂଜିନ ସରକାରଙ୍କ ନାରୀ ମାନଙ୍କୁ ସୁରକ୍ଷା ଦେବା ଦିଗରେ ବିଫଳତାକୁ ପ୍ରତିଫଳିତ କରିଛି । କିଟ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମହତ୍ୟା, ରାଜ୍ୟର ଅନେକ ସ୍ଥାନରେ ଧର୍ଷଣ ଓ ହତ୍ୟା ଭଳି ଘଟଣା ଏବେ ନିତିଦିନିଆ ହୋଇଗଲାଣି ବୋଲି ଏଠାରେ ସିପିଆଇଏମ ବାଲେଶ୍ୱର ଜିଲ୍ଲା କମିଟି ତରଫରୁ ଅଭିଯୋଗ ଅଣାଯାଇଛି । ଛାତ୍ରୀଟି କଲେଜ କର୍ତ୍ତୃପକ୍ଷ, ଆଭ୍ୟନ୍ତରୀଣ ଅନୁସନ୍ଧାନ କମିଟି ଏବଂ ପୁଲିସ ପ୍ରଶାସନ କୁ ଅଭିଯୋଗ କରିବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଫଳରେ ବାଧ ହୋଇ ଏଭଳି ପଦକ୍ଷେପ ନେଇଛନ୍ତି । ଏକ ସଭ୍ୟ ସମାଜରେ ଏଭଳି ଘଟଣା ଅତ୍ୟନ୍ତ ନିନ୍ଦନୀୟ। ରାଜ୍ୟ ସରକାର ତୁରନ୍ତ ଦୋଷୀକୁ କଠୋର ଦଣ୍ଡ ଦେବା ସହିତ ଏ ଘଟଣା କୁ ଚାପିଦେବା ପାଇଁ ଚେଷ୍ଟିତ ଥିବା କଲେଜ କର୍ତ୍ତୃପକ୍ଷକୁ ମଧ୍ୟ ଦଣ୍ଡ ବ୍ୟବସ୍ଥା କରିବାକୁ ହେବ । ସମ୍ପୃକ୍ତ ଛାତ୍ରୀଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବା ସହିତ ରାଜ୍ୟରେ ବଢିଚାଲିଥିବା ନାରୀ ନିର୍ଯ୍ୟାତନା ବନ୍ଦ କରିବା ଦିଗରେ ତୁରନ୍ତ ପଦକ୍ଷେପ ନ ନେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ସିପିଆଇଏମ ବାଲେଶ୍ୱର ଜିଲ୍ଲା କମିଟି ତରଫରୁ ଜିଲ୍ଲା ସମ୍ପାଦକ ଶିଶିର ହୁଇ ଚେତାବନୀ ଦେଇଛନ୍ତି।

# ଠକିଦେଲା ରିଲାଏନ୍ସ କାରଖାନା

### ଧାରଣାରେ ବସିଲେ ପଲିଷ୍ଟର ଜମିହରା ପ୍ରଜାସଙ୍ଘ

ଢେଙ୍କାନାଳ,୧୩।୭(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ସଦାଶିବପୁର ପଞ୍ଚାୟତ ଝାରଗାଡ଼ିଆସ୍ଥିତ ଓଡ଼ିଶା ସିନ୍ଥେଟିକ୍ସ କାରଖାନା ରିଲାଏନ୍ସ ବାଇଓ ଏନର୍ଜୀ ଲିମିଟେଡ ନାମରେ ପୁଣି ଥରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି। କିନ୍ତୁ କାରଖାନାକୁ ଜମି ଦେଇ ଜମିହରା ପ୍ରଜାମାନଙ୍କୁ ବାରମ୍ବାର ଅଣଦେଖା କରାଯିବାରୁ ସେମାନେ ଗତ ଦୁଇଦିନ ଧରି କାରଖାନା ସମ୍ମୁଖରେ ଧାରଣାରେ ବସିଛନ୍ତି।

୧୯୮୪ ମସିହାରେ ଓଡ଼ାପଡ଼ା ବ୍ଲକ ବଉଳପୁର ଝାରଗାଡ଼ିଆଠାରେ ଓଡ଼ିଶା ସନ୍ଥେଟିକ୍ସ ନାମରେ ଏକ ପଲିଫାଇବର କାରଖାନା ଗଢ଼ିଉଠିଥିଲା। ପ୍ରାୟ ୩ ଶହ ଏକର ଜମିରେ ଏହି କାରଖାନା କାର୍ଯ୍ୟ କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ଜମି ନେଇ କାରଖନା ନିର୍ମାଣ ହୋଇଥିଲା। କାରଖାନାରେ ପ୍ରତ୍ୟକ୍ଷ ଭାବେ ୪୩୦ ଜଣ ସ୍ଥାୟୀ ଏବଂ ୩ ଶହରୁ ଅଧିକ ଶ୍ରମିକ କାର୍ଯ୍ୟ କରୁଥିଲେ। ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ସ୍ଥାନୀୟ ଅଞ୍ଚଳର ଶହ ଶହ ଯୁବକ କାର୍ଯ୍ୟ କରୁଥିବା ବେଳେ ପରୋକ୍ଷ ଭାବେ ଦୋକାନ ବଜାର ଗଢ଼ିଉଠି ଲୋକେ ରୋଜଗାର ପାଉଥିଲେ। କିନ୍ତୁ କ୍ଷତି ଦର୍ଶାଇ ଓଡ଼ିଶା ସିନ୍ଥେଟିକ୍ସ କାରଖାନାକୁ ରିଲାଏନ୍ସ କାରଖାନା ୯୯ ବର୍ଷ ପାଇଁ କିଣି ନେଇଥିଲା। ୨୦୨୨ରେ ରିଲାଏନ୍ସ କାରଖାନା ପୂର୍ବ ଚୁକ୍ତିନାମା ଏବଂ ନୀତିନିୟମ ସହ କାରଖାନାର ଲିଜ୍ ପାଇବା ପରେ ସେଠାରେ ଏକ ବାଇଓ ଏନର୍ଜୀ କାରଖାନା ସ୍ଥାପନ ପାଇଁ ଯୋଜନା କରିଥିଲା। ରିଲାଏନ୍ସ ପଲିଫାଇବର କାରଖାନା ଆ।ନ୍ତର୍ଜାତିକ ବଜାରରେ ପଲିମରର ମୂଲ୍ୟ ହ୍ରାସ ପାଇବାରୁ ୨୦୦୯ରେ କାରଖାନା ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯାଇଥିଲା। ଫଳରେ କାରଖାନାର ୪୩୦ କର୍ମଚାରୀଙ୍କ ସହ ଶ୍ରମିକମାନେ କାର୍ଯ୍ୟ ହରାଇ ଅଳ୍ପକିଛି ପାରିଶ୍ରମିକ ନେଇ ଘରକୁ ଚାଲିଯାଇଥିଲେ। ଦୀର୍ଘ ୧୪ ବର୍ଷ ପରେ ପୁଣି ଥରେ କାରଖାନାକୁ କାର୍ଯ୍ୟକ୍ଷମ କରିବା ପାଇଁ ରିଲାଏନ୍ସ ଯୋଜନା କରିଥିଲା। କାରଖାନାରେ ଏକ ପ୍ରକାର ଘାସରୁ ବାଇଓ ଏନର୍ଜୀ ପ୍ରସ୍ତୁତ କରିବାକୁ ଜଣେ ସ୍ଥାନୀୟ ଠିକାଦାରଙ୍କୁ ମଧ୍ୟ ଦାୟିତ୍ୱ ପ୍ରଦାନ କରାଯାଇଛି। ବର୍ଷବର୍ଷ ଧରି କା।ରଖାନାରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ନିଯୁକ୍ତି ପ୍ରଦାନ କରାଯିବ କି ନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଜମି ଅଧିଗ୍ରହଣ ସମୟରେ ପ୍ରଜାମାନେ ଜମି ହରାଇଥିବା ବେଳେ କାରଖାନା ତରଫରୁ ଜମିର ଧାର୍ଯ୍ୟ ମୂଲ୍ୟ ପ୍ରଦାନ କରିବାକୁ ଦାବି କରିଥିଲେ। ଜମି ହସ୍ତାନ୍ତର ପ୍ରକ୍ରିୟାରେ ସମାନ ସର୍ତ୍ତ ଥିବା ବେଳେ ରିଲାଏନ୍ସ ବର୍ତ୍ତମାନ ସୁଦ୍ଧା ଜମିହରା ପ୍ରଜାମାନଙ୍କୁ ସେମାନଙ୍କ ନାଯ୍ୟ ଦାବି ଦେଇ ନ ଥିବା ଜଣାପଡ଼ିଛି। କାରଖାନା କାର୍ଯ୍ୟକ୍ଷମ ହେଲେ ସ୍ଥାନୀୟ ଜନସାଧାରଣ ଏହାକୁ ସ୍ୱାଗତ କରିବା ସହ ସ୍ଥାନୀୟ ଅଞ୍ଚଳର ବେକାର ଯୁବକ ଯୁବତୀଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଓ ଜମିହରା ପ୍ରଜାମାନଙ୍କ ଦାବି ପୂରଣ କରିବାକୁ ନିବେଦନ କରିଥିଲେ। କିନ୍ତୁ କାରଖାନା କର୍ତ୍ତୃପକ୍ଷ କର୍ଣ୍ଣପାତ ନ କରିବାରୁ କ୍ଷତିଗ୍ରସ୍ତ ପ୍ରଜାସଙ୍ଘ କାରଖାନା ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି।

## ଭରତପୁର ସାଇଲୋରେ ଅଗ୍ନିକାଣ୍ଡ



ତାଳଚେର ସହର/ତାଳଚେର ସଦର,୧୩।୭(ସମିସ): ତାଳଚେର ଭରତପୁର କୋଇଲା ଖଣିର ବଉଳପୁରଠାରେ ଥିବା ଏମସିଏଲର ସାଇଲୋରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଯନ୍ତ୍ରପାତି ପୋଡ଼ି ନଷ୍ଟ ହୋଇଥିବା ସୂଚନା ମିଳିଛି। ସର୍ଟସର୍କିଟରୁ ସାଇଲୋ ବେଲ୍ଟରେ ନିଆଁ ଲାଗିଥିବା ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ଅଗ୍ନିକାଣ୍ଡରେ ବେଲ୍ଟ ଓ ବିଭିନ୍ନ ଯନ୍ତ୍ରାଂଶ ପୋଡ଼ିଯାଇଛି। ସାଇଲରେ ଲାଗିଥିବା ବେଲ୍ଟ ଯୋଗେ କୋଇଲା ପରିବହନ ହେଉଥିବା ବେଳେ ହଠାତ ବେଲ୍ଟରେ ନିଆଁ ଲାଗିଥିବା କିଛି କର୍ମଚାରୀ ଦେଖିଥିଲେ। ପାଖାପାଖି ୫୦ରୁ ୬୦ ମିଟର ବେଲ୍ଟ ଜଳିଯାଇଥିଲା। ନିଆଁ ଲାଗିବାର ପ୍ରାୟ ୨ ଘଣ୍ଟା ପରେ ଘଟଣାସ୍ଥଳରେ ଏମସିଏଲର ୪ଟି ଦମକଳ ଗାଡ଼ି ପହଞ୍ଚି ଦୀର୍ଘ ସମୟ ପରିଶ୍ରମ ପରେ ନିଆଁକୁ ଆୟତ୍ତକୁ ଆଣିଥିଲେ। ଅଗ୍ନିକାଣ୍ଡ ଯୋଗୁଁ ସାଇଲୋରୁ ଟ୍ରେନ ଯୋଗେ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଛି। ଅପର ପକ୍ଷରେ ଭରତପୁର କୋଇଲା ଖଣିରେ ବାରମ୍ବାର ଅଘଟଣ ଘଟୁଥିଲେ ମଧ୍ୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଶ୍ରମିକମାନେ ଅଭିଯୋଗ ଆଣିଛନ୍ତି। ଏପରିକି କିଛି ଶ୍ରମିକ କହିଛନ୍ତି ଗତ ୪ ମାସ ପୂର୍ବରୁ ଭରତପୁର କୋଇଲା ଖଣିରେ ଥିବା ଭରତପୁର ସାଇଲୋରେ ମଧ୍ୟ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ଶ୍ରମିକମାନେ ସଦାସର୍ବଦା ବିପଦରେ କାର୍ଯ୍ୟ କରୁଥିବା କହିଛନ୍ତି। ସେହିଭଳି ସାଇଲୋ କାର୍ଯ୍ୟକ୍ଷମ ହେବା ଦିନଠାରୁ ତାହାର କୌଣସି ରକ୍ଷଣାବେକ୍ଷଣ ହେଉନାହିଁ। ଫଳରେ ଅନେକ ସମୟରେ ଅଘଟଣ ଘଟୁଛି ବୋଲି ଶ୍ରମିକମାନେ କହିଛନ୍ତି। ଖଣି କର୍ତ୍ତୃପକ୍ଷ ସଜାଗ ରହିବାକୁ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଦାବି ହୋଇଛି।

## ପୋଖରୀରେ ବୁଡ଼ି ଶିଶୁ ମୃତ



ବସ୍ତା ବ୍ଲକ, ୧୩।୭ (ସମିସ): ବସ୍ତା ଥାନା ଅନ୍ତର୍ଗତ ମଛଦା ଗ୍ରାମର ଜନୈକା ଶିଶୁ କନ୍ୟା ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଜଣା ପଡିଛି। ରବିବାର ଅପରାହ୍ନ ରେ ଏହି ଗ୍ରାମର ରାଜେଶ ମୈକାପଙ୍କ ୩ ବର୍ଷ ର ଝିଅ ପ୍ରତିଜ୍ଞା ପରିବାର ଲୋକଙ୍କ ଅଜାଣତରେ ନିକଟରେ ଥିବା ଗଡିଆକୁ ଯାଇ ବୁଡି ଯାଇଥିଲା। ଝିଅକୁ ପରିବାର ଲୋକେ ଖୋଜାଖୋଜି କରି ଗାଡିଆ ରୁ ଉଦ୍ଧାର କରି ବସ୍ତା ହସ୍ପିଟାଲକୁ ଆଣିଥିଲେ। ମାତ୍ର ଡାକ୍ତର ପିଲାଟିକୁ ମୃତ ଘୋଷଣା କରିଥିଲେ।

## ମନହର ଲାଲ୍ ପାଲା ତରଫରୁ ରକ୍ତଦାନ ଶିବିର




ବାଲେଶ୍ୱର,୧୩।୭ (ସମିସ): ମନହର ଲାଲ୍ ପାଲା କେବଳ ନାରୀମାନଙ୍କର ସୌନ୍ଦର୍ଯ୍ୟ ଉପରେ ଗୁରୁତ୍ୱ ଦିଏ ନାହିଁ ବରଂ ସଭିଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଏ ବୋଲି ଆୟୋଜିତ ରକ୍ତଦାନ ଶିବିରରେ ଉପସ୍ଥିତ ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ରକ୍ତ ଅଭାବକୁ ଦୃଷ୍ଟିରେ ରଖି ମନହର ଲାଲ୍ ପାଲାର ଯୁଗ୍ମ ମୁଖ୍ୟ ପରିଚାଳକ କମଳେଶ ପାଲା ଓ ରାକେଶ ପାଲା ଗତ କାଲି ମୁଖ୍ୟ ଚିକିତ୍ସାଳୟରେ ରେଡ କ୍ରସ ସହ ମିଳିତ ଆନୁକୂଲ୍ୟରେ ପ୍ରଥମ ଥର ଏକ ରକ୍ତଦାନ ଶିବିର ଆୟୋଜିତ କରିଥିଲେ। ଏହି ଶିବିରକୁ ହରି ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ ସଂଗ୍ରାମ ଦାସ ଉଦଘାଟନ କରିଥିବା ବେଳେ ବାଲେଶ୍ୱର ରୋଟରୀ କ୍ଲବର ଅନ ସି ସଭାପତି ମୁକ୍ତାର ଅହମଦ, ବାଲେଶ୍ୱର ଲାୟନ୍ସ କ୍ଲବର ଜେଡ଼ ସି ଆନନ୍ଦ ମହାନ୍ତି, ଗୁଜୁରାଟି ସମାଜରୁ ସତୀଶ ଜଟାନିଆ, ମିତେଶ ମେହେତା ଏବଂ ରାଜୀବ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ରକ୍ତ ଅଭାବ ଦ୍ୱାରା ନାହିଁ ନଥିବା ଅସୁବିଧା ସମ୍ବନ୍ଧରେ ରକ୍ତଦାତାମାନଙ୍କୁ ସୂଚାଇଥିଲେ। ରକ୍ତ ଦାନ କରିବା ଦ୍ୱାରା ନିଜେ ଆରୋଗ୍ୟ ରହିବା ସହ ଅନ୍ୟର ଜୀବନକୁ ବଞ୍ଚାଇବାରେ ଆମେ ସହାୟହୋଇ ପାରିବା ବୋଲି ଆଲୋକପାତ କରିଥିଲେ। ଏଥି ସହିତ ନିଜେ ମଧ୍ୟ ରକ୍ତଦାତା ହେବାର ସୌଭାଗ୍ୟକୁ ହାତ ଛଡା କରିବା ଉଚିତ ନୁହଁ ବୋଲି କହି ନିଜେ ମଧ୍ୟ ଅତିଥିମାନେ ରକ୍ତଦାନ କରିଥିଲେ। ଏହା ପ୍ରତି ବର୍ଷ କିପରି ସୁଚାରୁ ରୂପେ ଆୟୋଜନ ହୋଇପାରିବ ଏବଂ ଅଧିକରୁ ଅଧିକ ରକ୍ତ ଦାତା ଏଥିରେ ସାମିଲ ହୋଇ ପାରିବେ ସଂସ୍ଥାର ମୁଖ୍ୟ ଆଶା ପ୍ରକାଶ କରିଥିଲେ। ପ୍ରଥମ ବର୍ଷ ଆୟୋଜନ କରି ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ କରିପାରିଥିବାରୁ ଅନୁଷ୍ଠାନର ସମସ୍ତ କର୍ମ କର୍ତ୍ତା ଏବଂ ରକ୍ତଦାତାମାନଙ୍କୁ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲା ରକ୍ତଦାତା ସଂଘର ବାର୍ଷିକ ସମ୍ମିଳନୀ

ବାଲେଶ୍ୱର,୧୩।୭(ସମିସ): ମାନବ ରକ୍ତର ବିକଳ୍ପ ନାହିଁ। ଜଣେ ରକ୍ତଦାତା ହିଁ ରକ୍ତଦାନ କରି ଅନ୍ୟଜଣଙ୍କର ଜୀବନରକ୍ଷା କରିପାରିବ। ତେଣୁ ରକ୍ତଦାନ ହିଁ ହେଉଛି ମହତଦାନ। ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ୧୫ତମ ବାର୍ଷିକ ସମ୍ମିଳନୀରେ ଯୋଗଦେଇ ଅତିଥି ଓ ବକ୍ତାମାନେ ଏହିମତ ପ୍ରଦାନ କରିଛନ୍ତି। ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଆମ ଓଡ଼ିଶାର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସମେତ ସମ୍ମାନିତ ଅତିଥି ଓ ବକ୍ତାଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବସ୍ତା ବିଧାୟିକା ସୁବାସିନୀ ଜେନା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଏବଂ ଜିଲ୍ଲା ରକ୍ତ କେନ୍ଦ୍ର ଅଧିକାରୀ ଡ ବସନ୍ତ କୁମାର ଉପାଧ୍ୟାୟ ଯୋଗଦେଇ ନିଜର ମତ ରଖିଥିଲେ। ଏହି ଅବସରରେ ସଙ୍ଗଠନର ମୁଖପତ୍ର 'ସ୍ପନ୍ଦନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଗତବର୍ଷରେ ସର୍ବାଧିକ ରକ୍ତଦାନ ଶିବିର ଆୟୋଜକ,ସର୍ବାଧିକ ରକ୍ତ ସଂଗ୍ରହ କରିଥିବା ବ୍ୟକ୍ତି ଓ ସଙ୍ଗଠନମାନଙ୍କୁ ସଂଘ ପକ୍ଷରୁ ଅତିଥିମାନେ ପୁରସ୍କୃତ କରିଥିଲେ। ପୃଷ୍ଠପୋଷକ ସଦସ୍ୟ ଭାବେ ଜିଲ୍ଲା ରକ୍ତଦାତା ସଂଘକୁ ୫୦ହଜାର ଟଙ୍କା ଦାନ କରିଥିବାରୁ ସମାଜସେବୀ ପଦ୍ମଲୋଚନ ଦତ୍ତଙ୍କୁ ଉପାୟନ ପ୍ରଦାନ କରାଯାଇଥିଲା। ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ଅଧିବେଶନରେ ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ଇଂ. ହୃଷିକେଶ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭାକାର୍ଯ୍ୟ ଆରମ୍ଭରେ ପୁରୀ ଜିଲ୍ଲା ଚନ୍ଦନପୁରର 'ଉତ୍କଳ ଡ୍ୟାନ୍ସ ଗ୍ରୁପ'ର କଳାକାରମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ମଂଚ ଆହ୍ୱାନ କରିଥିବା ବେଳେ ମନୋରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅକ୍ଷୟ କୁମାର ତ୍ରିପାଠୀ, ପ୍ରଫୁଲ୍ଲ କୁମାର ଦାସ, ଯଶୋଦାନନ୍ଦନ ଆସ, ଗଙ୍ଗାଧର ପୃଷ୍ଟି, ଲକ୍ଷ୍ମୀଧର ବାରିକ, ଜନତ ହୁସେନ, ଶ୍ୟାମସୁନ୍ଦର ଜେନା ଓ ଦେବାଶିଷ ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅଧିବେଶନରେ ଆସନ୍ତା ଦୁଇବର୍ଷ ପାଇଁ ନୂତନ କର୍ମକର୍ତ୍ତାଙ୍କୁ ନିର୍ବାଚିତ କରାଯାଇଥିଲା। ସାମ୍ବାଦିକ ରବି ରାଉତ ନିର୍ବାଚନ ପରିଚାଳନା କରିଥିଲେ। ବିଜୟ ପାତ୍ର ଏହି ଅଧିବେଶନରେ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ।

# ଏଫ୍ଏମ୍ କଲେଜ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ

ବାଲେଶ୍ୱର,୧୩।୭ (ସମିସ)



ବାଲେଶ୍ୱର ପାଇଁ ଗର୍ବ ଓ ଗୌରବ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ। ମାତ୍ର ଗତ ଶନିବାର ଘଟିଥିବା ଘଟଣା କଲେଜକୁ କଳଙ୍କିତ କରିଛି। କଲେଜ ଇତିହାସରେ କଳଙ୍କିତ ଅଧ୍ୟାୟ ଯୋଡ଼ି ହୋଇଗଲା। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତିତ ହୋଇ ଆସୁଥିବା ଛାତ୍ରୀ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଆତ୍ମହତ୍ୟା ଉଦ୍ୟମ ଘଟଣା ଏବେ ଆଲୋଡନ ସୃଷ୍ଟି କରିଛି।

ପୀଡିତା ଛାତ୍ରୀଙ୍କ ଶରୀରର ୯୦ ଭାଗ ଜଳିଯାଇଛି। ସେ ବର୍ତ୍ତମାନ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି। କଲେଜ ଛାତ୍ରୀ ନ୍ୟାୟ ନପାଇ ନିଜକୁ ଜାଳିବାକୁ ଉଦ୍ୟମ କଲେ ଏବଂ କଲେଜ ପରିସରରେ ଏପରି ଘଟିବା ଘଟଣା ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଛାତ୍ରୀଙ୍କ ସୁରକ୍ଷା, କଲେଜର ପରିବେଶ, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଅଧ୍ୟାପକଙ୍କ ବ୍ୟବହାରକୁ ନେଇ ଅଧିକ ତଦନ୍ତ ମଧ୍ୟ ଚାଲିଛି। ଏପରି ଏକ ଘଟଣା ନାରୀର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି।

## କ'ଣ କହୁଛନ୍ତି ଏମାନେ...



◆ଏହା ଏକ ନିନ୍ଦନୀୟ ଘଟଣା। କେବଳ ବାଲେଶ୍ୱର ଜିଲ୍ଲା ପାଇଁ ନୁହେଁ ବରଂ ସମଗ୍ର ଭାରତ ବର୍ଷ ପାଇଁ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି। ଯେଉଁ ମାନସିକତା ରଖି ବାପାମାଆ ମାନେ ପିଲାଙ୍କୁ ପାଠ ପଢ଼ିବାକୁ ପଠାଉଛନ୍ତି ଏବଂ ନିଜକୁ ସୁରକ୍ଷା ଭାବେ ଗଢି ତୋଳିବେ ବୋଲି ଭାବୁଛନ୍ତି। କିନ୍ତୁ ଏପରି ଘଟଣା ପରେ ବର୍ତ୍ତମାନ ବାପାମାଆଙ୍କ ଆଶା ଆକାଂକ୍ଷା ଆଉ କ'ଣ ରହିବ। ବ୍ୟବସ୍ଥା ପୁରା ଫେଲ୍ ମାରିଛି। ଏଠି ପୁଲିସ ବିଭାଗ, ଶାସନ, କଲେଜ କର୍ତ୍ତୃପକ୍ଷ ତଥା କଲେଜ ଅଧ୍ୟକ୍ଷ, କୋର୍ କମିଟିରେ ଥିବା ଅଧ୍ୟାପକ, ଅଧ୍ୟାପିକା ସମସ୍ତେ ଦାୟୀ। ଏଥିସହିତ କୋର୍ କମିଟିରେ ଥିବା ନାରୀ ସଂଘ ସଭାପତି ନାରୀର ସ୍ୱରକୁ ଶାଣିତ କରିବା କଥା। ସେ କ'ଣ ରକ୍ଷା କବଚ ସାଜି ପାରିଲେନି। ସେହି କଲେଜର ଛାତ୍ରୀ ହିସାବରେ ମୋତେ ଆଜି ଲଜ୍ଜା ଲାଗୁଛି।

**ପ୍ରଜ୍ଞା ପାରମିତା ମହାନ୍ତି, କଂଗ୍ରେସ ନେତ୍ରୀ**



◆ବାଲେଶ୍ୱରର ଏଭଳି ଏକ ଘଟଣା ଝିଅମାନଙ୍କ ସୁରକ୍ଷା ଏବଂ ନ୍ୟାୟ ପାଇବାକୁ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ କଲେଜରେ ଛାତ୍ରଙ୍କ ଭବିଷ୍ୟତ ଅଧ୍ୟାପକ ଉପରେ ନିର୍ଭର କରିଥାଏ। ଆଉ ଗୋଟେ ଝିଅ ଯଦି ନିଜ ଶିକ୍ଷାନୁଷ୍ଠାନରେ ସୁରକ୍ଷିତ ନାହିଁ ତାହେଲେ ଆଉ କେଉଁଠି ସିଏ ନିଜକୁ ସୁରକ୍ଷିତ ଭାବିବ। ମୁଁ ବି ଦିନେ ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ଥିଲି। ଆଉ ଆଜି ସେହିପରି ନାମୀଦାମୀ କଲେଜରେ ଆଜି ଏହି ସବୁ ଘଟଣା ଘଟୁଥିବା ବିଷୟରେ ଶୁଣିବାକୁ ମିଳୁଛି। ଯାହା ଅତ୍ୟନ୍ତ ନିନ୍ଦନୀୟ। କଲେଜ ସମେତ ବାଲେଶ୍ୱରର ନାମ ମଧ୍ୟ ଖରାପ ହେବାରେ ଲାଗିଛି। ଗୋଟେ ଛାତ୍ରୀ ପ୍ରତି ଅଧ୍ୟାପକଙ୍କ ଏଭଳି ବ୍ୟବହାର କେବେ ବି ଗ୍ରହଣୀୟ ନୁହେଁ। ପ୍ରତି କଲେଜରେ ଛାତ୍ରୀଙ୍କ ସୁରକ୍ଷା ଦିଗରେ କଲେଜ କର୍ତ୍ତୃପକ୍ଷ ଚିନ୍ତା କରିବା ଦରକାର। ଏପରି ଘଟଣା ଯେପରି ପୁର୍ନବାର ନଘଟୁ ସେଦିଗରେ ସମସ୍ତେ ପଦକ୍ଷେପ ଗ୍ରହଣ କରିବା ଉଚିତ୍।

**ଶୁଭଲଗ୍ନା ପାଣିଗ୍ରାହୀ, ଗୃହିଣୀ/ଇନଫ୍ଲୁଏନ୍ସର୍**




◆ହାଇସ୍କୁଲଠୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟରେ ପଢୁଥିବା ଝିଅମାନଙ୍କର ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଉ। ଯୌନ ନିର୍ଯ୍ୟାତନା ପାଇଥିବା ଝିଅମାନେ ଆଭ୍ୟନ୍ତରୀଣ କମିଟିକୁ ଜଣାନ୍ତୁ। ଏହି କମିଟିର ଚେୟାରମ୍ୟାନ ହେଉଛନ୍ତି କଲେଜର ଅଧ୍ୟକ୍ଷ। କଲେଜ ଅଧ୍ୟକ୍ଷ ତୁରନ୍ତ ଘଟଣାର ତଦନ୍ତ କରି ଝିଅମାନଙ୍କୁ ନ୍ୟାୟ ଦେବା ଦରକାର। ଏହି ଘଟଣାର ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯାଉ। ଦଣ୍ଡ ଦିଆନଗଲେ ଏପରି ଘଟଣାକୁ ରୋକି ହେବ ନାହିଁ। ଏହାବ୍ୟତୀତ କଲେଜର ଆଭ୍ୟନ୍ତରୀଣ କମିଟି ଯଦି ସେମାନଙ୍କ କଥା ଠିକ୍ ଭାବେ ନବୁଝେ ତେବେ ଜିଲ୍ଲାରେ ଲୋକାଲ୍ ଅଭିଯୋଗ କମିଟି ଜଣାଇବାକୁ ନେଇ ଝିଅମାନଙ୍କୁ ସଚେତନ କରାଯାଉ୍। ପୀଡିତାକୁ କାଉନସେଲିଂ କରାଯାଉ। ଏହାବାଦ ମଧ୍ୟ ଫାଷ୍ଟ ଟ୍ରାକ କୋର୍ଟର ସହଯୋଗ ନେଇପାରିବେ। ଝିଅଟି ଯେତେବେଳେ ସବୁଆଡେ ଅସହାୟ ହୋଇଯାଏ ସେତେବେଳେ ନିଜ ଉପରେ ଚରମ ନିଷ୍ପତ୍ତି ନିଏ। ଏପରି ଚରମ ପଦକ୍ଷେପ ଏଡ଼ାଇବା ପାଇଁ ପ୍ରଥମରୁ ତଦନ୍ତ ଠିକ୍ ଭାବେ କରାଯାଉ।

**ସ୍ନେହଲତା ଦାସ, ଆଇନଜୀବୀ ତଥା ଲୋକାଲ୍ ଅଭିଯୋଗ କମିଟିର ସଦସ୍ୟା**




◆ଯାହା ଘଟିଛି ତାହା ନିହାତି ଦୁର୍ଭାଗ୍ୟଜନକ। ଏଦିଗରେ ପିଲାମାନଙ୍କୁ ଠିକ୍ ଭାବରେ ବୁଝିବା କଲେଜର ସମସ୍ତ କର୍ମଚାରୀଙ୍କ ଦାୟିତ୍ୱ ରହିଛି। କାରଣ ଏହି ବୟସରେ ପିଲାମାନଙ୍କୁ ଠିକ୍ ଭାବେ ବୁଝିବା ଦରକାର। ଆମେ ମନ ଇଚ୍ଛା ଯାହା ପିଲାମାନଙ୍କୁ କହିଦେବା ତାହା ଠିକ୍ ନୁହେଁ। ପ୍ରଥମ ଅଧ୍ୟାପକ, ଅଧ୍ୟାପିକା ହିସାବରେ ପ୍ରଥମ ପିଲାମାନଙ୍କର ମନସ୍ତତ୍ତ୍ୱକୁ ବୁଝିବା ଦରକାର। କିନ୍ତୁ ନ୍ୟାୟ ପାଇଁ ଏମିତି ବାଟ ଆପଣେଇବା ଜମା ଠିକ୍ ନୁହେଁ। ଧୈର୍ଯ୍ୟ ବି ରହିବା ଦରକାର। ଏଠି ସମସ୍ତେ ସଫାସୁତୁରା ନୁହନ୍ତି। କାହାର ନା କାହାର ଦୋଷ ଅଛି। ପରିସ୍ଥିତିକୁ ଠିକ୍ ଭାବେ ସମ୍ଭଳା ଯାଇନି। ଫଳରେ ଛାତ୍ରୀ ଜଣକ ଏପରି ନିଷ୍ପତ୍ତି ନେଇଛନ୍ତି। ଏପରି ଘଟଣାରେ ଛାତ୍ରୀଙ୍କୁ କାଉନସେଲିଂ କରିବାର କଥା। ନ୍ୟାୟ ନମିଳିବାରୁ ଅତିଷ୍ଠ ହୋଇ ଏପରି କରିଛନ୍ତି।

**ଝାନସୀ ଜେନା, ଅଧ୍ୟକ୍ଷା, କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟ**



◆ ସରକାରୀ କଲେଜଗୁଡିକରେ ଯେତେବେଳେ ଶାରୀରିକ ହେଉ ଅବା ମାନସିକ ନିର୍ଯ୍ୟାତନାର ଅଭିଯୋଗ ଆସୁଛି ସେତେବେଳେ ଏହାକୁ ଗୁରୁତର ସହ ନିଆଯାଇ ଦୋଷୀକୁ ଦଣ୍ଡ ଦିଆଯାଉ। ଏହାବ୍ୟତୀତ କଲେଜ କମିଟିରେ କଲେଜ ସଂଗଠନ ବା ଛାତ୍ରଛାତ୍ରୀ ରହିବା ଦରକାର ଯେଉଁମାନଙ୍କର ପ୍ରମାଣ ଓ ବୟାନକୁ ବି ଦୃଷ୍ଟିକୁ ନିଆଯିବା ଜରୁରୀ। କାରଣ ମୁଁ ପ୍ରାଇଭେଟ୍ କଲେଜରେ ଆର୍କିଟେକଚର୍ ପଢିଛି। ପ୍ରାଇଭେଟ୍ କଲେଜରେ ଯେତେବେଳେ ସମାନ ଘଟଣା ଘଟିଥିଲା ସେତେବେଳେ କେବଳ ଦୁଇ ଜଣ ପିଲାଙ୍କୁ ବୟାନରେ ସେଇ ଶିକ୍ଷକଙ୍କୁ ତୁରନ୍ତ ବାହାର କରିଦିଆଯାଇଥିଲା ଏବଂ କଡା ପଦକ୍ଷେପ ନିଆଯାଇଥିଲା। ଫଳରେ ସେ ଦୁଇ ବର୍ଷ ପର୍ଯ୍ୟନ୍ତ କୌଣସି କଲେଜରେ ଚାକିରି କରିପାରିଲେ ନାହିଁ। ତେଣୁ ବଡ଼ ବଡ଼ ବିଶ୍ୱବିଦ୍ୟାଳୟ ପରି ସରକାରୀ କଲେଜରେ କାହିଁକି କଠୋର ପଦକ୍ଷେପ ନେଉନାହାନ୍ତି। ସବୁବେଳେ ପିଲାମାନଙ୍କୁ ଡୋମିନେଟ୍ କରିବା ଏବଂ ଶିକ୍ଷକଙ୍କୁ ସୁରକ୍ଷା ଦେବା ଅଭିନବ ପ୍ରୟାସ ଆଦୌ ଗ୍ରହଣୀୟ ନୁହେଁ। ଏହାବ୍ୟତୀତ କଲେଜରେ ଯଦି ଅଗ୍ନି ନିର୍ବାପକ ଯନ୍ତ୍ର ଥାଆନ୍ତା ତାହେଲେ ଝିଅଟି ସୁରକ୍ଷିତ ଥାଆନ୍ତେ। କଲେଜଗୁଡିକ ଏସବୁ ନିୟମ ଅବମାନନା କାହିଁକି କରୁଛନ୍ତି ତଦନ୍ତ କରିବା ଆବଶ୍ୟକ।

**ପ୍ରତ୍ୟାଶା ପାତ୍ର, ଆର୍କିଟେକ୍ଟ**



◆ଝିଅଟି ଏବିଭିପିର ଷ୍ଟୁଡେଣ୍ଟ ଲିଡର୍। ସେ ନ୍ୟାୟ ପାଇଁ କଲେଜ ଅଧ୍ୟକ୍ଷଙ୍କଠୁ ଆରମ୍ଭ କରି ସାଂସଦ, ବିଧାୟକ, ମୁଖ୍ୟମନ୍ତ୍ରୀ ଏବଂ କମିଶନର୍‌ଙ୍କୁ ଜଣାଇଥିଲେ। ସେ ଝିଅ ଜଣକ ଶାସକ ଦଳର ୟୁନିୟନର କର୍ମକର୍ତ୍ତା ହୋଇ ମଧ୍ୟ ସୁରକ୍ଷିତ ହୋଇପାରୁ ନାହାନ୍ତି ତାହେଲେ ସାଧାରଣ ଝିଅଟି କ'ଣ କରିବ। ଏହାବ୍ୟତୀତ ଫକୀରମୋହନଙ୍କ ନାମରେ ନାମିତ କଲେଜକୁ ନେଇ ଆମେ ଯେଉଁ ଗର୍ବ କରୁ ସେଇ କଲେଜରେ ଏପରି ଘଟଣା ଘଟିବା ପଛରେ ନିଶ୍ଚୟ ଅନ୍ୟ କିଛି କାରଣ ରହିଛି। କଲେଜର ଅଧ୍ୟକ୍ଷଙ୍କ ସମେତ ସାଂସଦ ଓ ବିଧାୟକ ମଧ୍ୟ ସମାନ ଭାବେ ଦାୟୀ। ସେମାନେ ସବୁ ଜାଣି ମଧ୍ୟ ଝିଅକୁ ସୁରକ୍ଷା ଦେଇପାରିଲେ ନାହିଁ। ଏବିଭିପିର ପିଲା ଯେଉଁମାନେ ସେ ଝିଅ ସହ ଥିଲେ ସେମାନେ ମଧ୍ୟ ସୁରକ୍ଷା ଦେଇପାରିଲେ ନାହିଁ। ଏହି ଡବଲ୍ ଇଞ୍ଜିନ ସରକାରରେ ନାରୀ, ଶିଶୁ, ଛାତ୍ରୀ କେହି ସୁରକ୍ଷିତ ନୁହନ୍ତି। ଆମେ ପ୍ରତିଦିନ ଦେଖୁଛୁ ମହିଳା ମାନେ ନିର୍ଯାତିତ ହେଉଛନ୍ତି। ଏହା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର।

**ଅର୍ଚ୍ଚନା ନନ୍ଦୀ, ପିସିସି ସଦସ୍ୟ**




◆ ଫକୀରମୋହନ କଲେଜର ଛାତ୍ରୀ ଆଜି ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି। ସେ ନ୍ୟାୟ ପାଇଁ ପୁଲିସଠୁ ଆରମ୍ଭ କରି କଲେଜ ଅଧ୍ୟକ୍ଷ, ବିଧାୟକ, ସାଂସଦ, ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ଜଣାଇଥିଲେ। ହେଲେ ସମସ୍ତେ ନୀରବ ରହିଲେ। ଫଳରେ କଲେଜ ପରିସରରେ ଏହିପରି ଏକ ଘଟଣା ଘଟିଲା। ସରକାର 'ବେଟି ପଢାଓ, ବେଟି ବଚାଓ' ନାରା ଦେଉଛନ୍ତି ହେଲେ ଆଜି ଛାତ୍ରୀମାନଙ୍କର ସୁରକ୍ଷା ନାହିଁ। ନିକଟରେ ଗୋପାଳପୁରରେ ଏକ ଘଟଣା ଘଟିଛି। ଯାହା ନାରୀ ସୁରକ୍ଷା ଉପରେ ପ୍ରଶ୍ନ ଉଠିଛି। ତେଣୁ କଲେଜ ଘଟଣା ପଛରେ ଯେଉଁ ମାନେ ସାମିଲ ଅଛନ୍ତି ସେମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉ।

**ସଂଯୁକ୍ତା ସାହୁ, ଏଆଇଡିଏସଓ ରାଜ୍ୟ ସମ୍ପାଦକ ମଣ୍ଡଳୀର ସଦସ୍ୟା**

ସକାଳ
THE SAKALA

# ସମ୍ପାଦକୀୟ



ମହାକାଶରେ ତାରାମାନଙ୍କ ପାଖକୁ ଯିବା ରାସ୍ତାରେ ପ୍ରଥମ ମାଇଲଖୁଣ୍ଟ ହେଉଛି ଚନ୍ଦ୍ରମା
-ଆର୍ଥର ସି କ୍ଲାର୍କ

## ପାଇଲଟ୍‌ଙ୍କ ତ୍ରୁଟି?

ଗତ ଜୁନ୍ ୧୨ ତାରିଖରେ ଅହମ୍ମଦାବାଦ୍ ବିମାନବନ୍ଦରରେ ଘଟିଥିବା ଲୋମହର୍ଷଣକାରୀ ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନ ଦୁର୍ଘଟଣାର ତଦନ୍ତ କରୁଥିବା 'ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ୍ ବ୍ୟୁରୋ(ଏଏଆଇବି)'ର ପ୍ରାଥମିକ ତଦନ୍ତ ରିପୋର୍ଟ ସାର୍ବଜନୀନ ହୋଇଛି। ରିପୋର୍ଟର ନିଷ୍କର୍ଷ ଅନୁଯାୟୀ ବିମାନରେ ଯାନ୍ତ୍ରିକ ତ୍ରୁଟି ନଥିଲା, ହୁଏତ ପାଇଲଟ୍‌ଙ୍କ ତ୍ରୁଟି ଯୋଗୁଁ ଏଭଳି ଦୁର୍ଘଟଣା ଘଟି ଥାଇପାରେ। କିନ୍ତୁ ବିଶେଷଜ୍ଞଙ୍କ ଦ୍ୱାରା ଏହି ରିପୋର୍ଟ ଗ୍ରହଣଯୋଗ୍ୟ ହୋଇପାରିନାହିଁ। ରିପୋର୍ଟକୁ ତର୍ଜମା କଲା ବେଳେ ଯେଉଁ କେତେକ ଯୁକ୍ତି ସାମ୍ନାକୁ ଆସୁଛି ସେଥିରୁ ରିପୋର୍ଟ ପଛରେ ଷଡ଼ଯନ୍ତ୍ରର ଗନ୍ଧ ବାରି ହେଉଛି।

ଆମେରିକୀୟ ଦୈନିକ ଖବରକାଗଜ 'ୱାଶିଂଟନ୍ ପୋଷ୍ଟ'ରେ ପ୍ରକାଶିତ ଏହି ରିପୋର୍ଟ ଅନୁଯାୟୀ ବିମାନଟି ଉଠିବାର କିଛି ସେକେଣ୍ଡ ପରେ ଇନ୍ଧନ ନିୟନ୍ତ୍ରଣକାରୀ ଗୁରୁତ୍ୱପୂର୍ଣ୍ଣ ସ୍ୱିଚ୍ ସକ୍ରିୟ(ରନ ମୋଡ୍)ରେ ରହିବା ବଦଳରେ ନିଷ୍କ୍ରିୟ(କଟ୍‌ଅଫ୍) ସ୍ଥିତିରେ ଥିଲା। ଜଣେ ପାଇଲଟ୍ ଅନ୍ୟଜଣଙ୍କୁ 'କାହିଁକି ଇନ୍ଧନ ସ୍ୱିଚ୍ ବନ୍ଦ କରିଛ' ବୋଲି ପଚାରିଥିଲେ ଏବଂ ଦ୍ୱିତୀୟ ପାଇଲଟ୍ ଉତ୍ତର ଦେଇଥିଲେ ଯେ 'ମୁଁ ସ୍ୱିଚ୍ ବନ୍ଦ କରିନାହିଁ।' କକ୍‌ପିଟ୍ ଭଏସ୍ ରେକର୍ଡିଂ ବ୍ୟବସ୍ଥାରେ ରେକର୍ଡ ହୋଇଥିବା ଏତିକିମାତ୍ର ବାର୍ତ୍ତାଳାପକୁ ତର୍ଜମା କରି ଏଏଆଇବି ଏହି ନିଷ୍କର୍ଷରେ ପହଞ୍ଚି ଯାଇଛି ଯେ ବିମାନର ଇନ୍ଧନ ସ୍ୱିଚ ବନ୍ଦ ଥିବାରୁ ଇଞ୍ଜିନ୍‌କୁ ଆବଶ୍ୟକ ପରିମାଣର ଇନ୍ଧନ ଯାଇପାରିଲା ନାହିଁ। ଯେତେବେଳେ ପୁଣି ସ୍ୱିଚ୍‌କୁ 'ରନ୍' କରାଗଲା ସେତେବେଳକୁ ଇଞ୍ଜିନ କାମ କରିବା ବନ୍ଦ କରିଦେଇଥିଲା ଏବଂ ବିମାନ ଦୁର୍ଘଟଣା ଘଟିଲା। ଏପରିକି ୨୦୨୩ ପରଠାରୁ ସ୍ୱିଚ୍‌ରେ କୌଣସି ତ୍ରୁଟି ପରିଲକ୍ଷିତ କିମ୍ବା ଅଭିଯୋଗ ହୋଇନଥିବା ରିପୋର୍ଟରେ ଦର୍ଶାଯାଇଛି। ଏହାର ଅର୍ଥ କୌଣସି ଯାନ୍ତ୍ରିକ ତ୍ରୁଟି ନୁହେଁ, ବରଂ ବିମାନ ଦୁର୍ଘଟଣା ପଛରେ କେବଳ ପାଇଲଟ୍‌ମାନଙ୍କର ତ୍ରୁଟି ହିଁ ଦାୟୀ ବୋଲି ରିପୋର୍ଟ ସ୍ପଷ୍ଟ କରିଛି।

ବିଶେଷଜ୍ଞଙ୍କ ମତାନୁଯାୟୀ, ୪୦୦ ଫୁଟ୍ ଉଚ୍ଚତାକୁ ବିମାନ ଉଠିବା ପର୍ଯ୍ୟନ୍ତ ସବୁକିଛି ଠିକ୍‌ଠାକ୍ ଥିଲା। ଯଦିବା ସ୍ୱିଚ୍ ସ୍ଥିତିରେ ବ୍ୟତିକ୍ରମ ଥିଲା ତାହା କେଉଁ ପାଇଲଟ୍ କାହାକୁ କହିଥିଲେ ତାହାର କୌଣସି ସ୍ପଷ୍ଟ ସୂଚନା ଏଏଆଇବି ରିପୋର୍ଟରେ ନାହିଁ। ଏହାଛଡ଼ା ବିମାନର ଦୁଇଟି ଇଞ୍ଜିନ୍ ପାଇଁ ଦୁଇଟି ପୃଥକ୍ ଇନ୍ଧନ ସ୍ୱିଚ୍ ରହିଥାଏ। ସେଦୁଇଟି ଏଭଳି ଢାଙ୍କୁଣି ଦ୍ୱାରା ସୁରକ୍ଷିତ ଥାଏ ଯେ ଅନ୍ୟମନସ୍କ ଭାବେ ହାତବାଜିଲେ ମଧ୍ୟ ଏତେସହଜରେ 'ରନ୍' କିମ୍ବା 'କଟ୍‌ଅଫ୍' ସ୍ଥିତିକୁ ଆସିପାରିବ ନାହିଁ। ସ୍ୱିଚ୍‌ର ସ୍ଥିତି ବଦଳାଇବା ପାଇଁ ପାଇଲଟ୍‌ଙ୍କୁ ରୀତିମତ କସରତ କରିବାକୁ ପଡ଼େ। ସ୍ୱିଚ୍ 'ରନ୍' ସ୍ଥିତିକୁ ନ ଆଣିବା ପର୍ଯ୍ୟନ୍ତ ବିମାନ ଉଡ଼ାଣ ପାଇଁ ଇଞ୍ଜିନ୍ ଷ୍ଟାର୍ଟ(ଚାଲୁ) ହେବ ନାହିଁ। ବିମାନଟି ପୁଣି ଅବତରଣ କରିବା ପରେ ହିଁ ସ୍ୱିଚ୍‌କୁ 'କଟ୍‌ଅଫ୍' ସ୍ଥିତିକୁ ଅଣାଯାଏ। କୌଣସି ବିଶେଷ ବା ଜରୁରିକାଳୀନ ପରିସ୍ଥିତିରେ ମଧ୍ୟାକାଶରେ ବିମାନ ଉଡ଼ୁଥିବା ବେଳେ ଯଦି ପାଇଲଟ୍ ଅନୁଭବ କରନ୍ତି ଯେ ବିମାନର କୌଣସି ଇଞ୍ଜିନ୍ କାମ କରିବା ବନ୍ଦ କରିଦେଇଛି ସେକ୍ଷେତ୍ରରେ କେବଳ ସ୍ୱିଚ୍‌କୁ 'କଟ୍‌ଅଫ୍' ସ୍ଥିତିକୁ ଅଣାଯାଏ। ତେଣୁ ବିମାନଟି ପୃଥିବୀପୃଷ୍ଠରୁ ଆକାଶକୁ ଉଠିବା ମାତ୍ରେ ହିଁ ଦୁଇଟି ଯାକ ସ୍ୱିଚ୍ ସ୍ଥିତିରେ ଯେ ବ୍ୟତିକ୍ରମ ଘଟିଥିବ ବା କଟ୍‌ଅଫ୍ ସ୍ଥିତିକୁ ଅଣାଯାଇଥିବ, ତାହା କୌଣସି ସୁସ୍ଥ ମସ୍ତିଷ୍କଧାରୀ ପାଇଲଟ୍‌ଙ୍କ ପକ୍ଷେ ସମ୍ଭବ ନୁହେଁ। ଦୁର୍ଘଟଣା ପରେ ପରେ ଏୟାର ଇଣ୍ଡିଆ ପକ୍ଷରୁ ପ୍ରଦତ୍ତ ରିପୋର୍ଟ ଅନୁଯାୟୀ ଜୁନ୍ ୧୨ ତାରିଖ ଦିନ ବିମାନ ଉଡ଼ାଣ ଦାୟିତ୍ୱରେ ଥିବା ମୁଖ୍ୟ ପାଇଲଟ୍ ସୁମୀତ୍ ସବରୱାଲ୍ ଓ ସାଥୀ ପାଇଲଟ୍ କ୍ଲାଇଭ୍ କୁନ୍ଦରଙ୍କ ଅଭିଜ୍ଞତା ଓ ଦକ୍ଷତା ପ୍ରଶ୍ନାତୀତ। ଉଡ଼ାଣ ପୂର୍ବରୁ କରାଯାଇଥିବା ସ୍ୱାସ୍ଥ୍ୟ ପରୀକ୍ଷାରେ ସେମାନେ ପର୍ଯ୍ୟାପ୍ତ ବିଶ୍ରାମ ନେଇ ପରବର୍ତ୍ତୀ ଉଡ଼ାଣ ପାଇଁ ମାନସିକ ଓ ଶାରୀରିକ ସ୍ତରରେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଡାକ୍ତରୀ ପ୍ରମାଣପତ୍ର ଦିଆଯାଇଥିଲା। ତେଣୁ ଏଭଳି ଆତ୍ମଘାତୀ କାର୍ଯ୍ୟକଳାପ ଜିହାଦିଙ୍କ ବ୍ୟତୀତ ଅନ୍ୟ କାହା ପକ୍ଷେ ଚିନ୍ତା କରିବା ମଧ୍ୟ ସମ୍ଭବ ନୁହେଁ। ତେବେ ଏଏଆଇବି କ'ଣ ପ୍ରମାଣ କରିବାକୁ ଚାହୁଁଛି?

ରିପୋର୍ଟର ପରିପକ୍ୱତା ଉପରେ ପ୍ରଶ୍ନ ଉଠାଇଥିବା ବିଶେଷଜ୍ଞମାନେ ଆହୁରି ମଧ୍ୟ କହିଛନ୍ତି ଯେ 'ୟୁଏସ୍ ଫେଡେରାଲ୍ ଆଡମିନିଷ୍ଟ୍ରେସନ୍' ଦ୍ୱାରା ୨୦୧୮ରେ 'ସ୍ପେଶାଲ୍ ଏୟାରଓ୍ୱର୍ଥିନେସ୍ ଇନ୍‌ଫର୍ମେସନ୍ ବୁଲେଟିନ୍'ରେ ଜାରି ମାର୍ଗଦର୍ଶିକା ଅନୁଯାୟୀ ଇନ୍ଧନ ସ୍ୱିଚ୍ ସୁରକ୍ଷା ଯାଞ୍ଚ ନିୟମିତ ବ୍ୟବଧାନରେ ହେବା ଆବଶ୍ୟକ। କିନ୍ତୁ ଡ୍ରିମ୍‌ଲାଇନର ୭୮୭-୮ ପ୍ରସ୍ତୁତକାରୀ ସଂସ୍ଥା ସେଭଳି କରିଥିବା ଉଚିତ୍ ମନେ କରି ନଥିଲା। ଏଏଆଇବି ରିପୋର୍ଟରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ ଇନ୍ଧନ ଅଭାବ କାରଣରୁ ଇଞ୍ଜିନ ବନ୍ଦ ହୋଇଯିବା ପରେ ଲ୍ୟାଣ୍ଡିଂଗିୟର ପଛ ପାଖରେ ଥିବା ପବନଚାଳିତ ବିକଳ୍ପ ଶକ୍ତି ଉତ୍ସ ରାମ୍‌ଏୟାର ଟର୍ବାଇନ୍(ରାଟ୍) ତତ୍କାଳ ଚାଲୁ କରାଯାଇଥିଲା ଏବଂ ସ୍ୱିଚ୍‌କୁ 'ରନ୍' କରିବା ପରେ 'ଅକ୍ସୁଲାରୀ ପାୱାର ୟୁନିଟ୍ ବା ଏପିୟୁ ସ୍ୱୟଂକ୍ରିୟ ଭାବେ ଚାଲୁ ହୋଇଯାଇଥିଲା। ବିଶେଷଜ୍ଞଙ୍କ ମତାନୁଯାୟୀ ଦୁଇଟିଯାକ ଇଞ୍ଜିନ୍ ସମ୍ପୂର୍ଣ୍ଣ ଅକାମୀ ହୋଇଯିବା ପରେ ହିଁ ଏହି ଦୁଇ ବିକଳ୍ପ ବ୍ୟବସ୍ଥା ଆପେ ଆପେ କାର୍ଯ୍ୟକ୍ଷମ ହେବ। ତେଣୁ ଆପାତତଃ ଇଞ୍ଜିନ୍ ଅକାମୀ ହୋଇଥିବା ଏଥିରୁ ପ୍ରମାଣିତ ହେଉଛି। ତଥାପି ଇଞ୍ଜିନ ତ୍ରୁଟି ଜନିତ କାରଣ ରିପୋର୍ଟରେ ଦର୍ଶାଯାଇନାହିଁ କି ସେ ସମ୍ପର୍କରେ ଅଧିକ ଅନୁସନ୍ଧାନ ପାଇଁ ସୁପାରିସ ମଧ୍ୟ କରାଯାଇନାହିଁ।

ବ୍ଲାକ୍‌ବକ୍ସ ତଦନ୍ତ ଆଧାରରେ ଚୂଡ଼ାନ୍ତ ରିପୋର୍ଟ ଆସିବାକୁ ବର୍ଷେ କିମ୍ବା ତଦୂର୍ଦ୍ଧ୍ୱ ସମୟ ଲାଗିପାରେ। ତେଣୁ ୟା' ଭିତରେ ତଦନ୍ତକାରୀ ସଂସ୍ଥାଙ୍କୁ ପ୍ରଲୋଭିତ କରି ଏଭଳି ଏକ ଉଦ୍ଦେଶ୍ୟମୂଳକ ରିପୋର୍ଟ ପ୍ରସ୍ତୁତ କରାଇନେବା ଆଶ୍ଚର୍ଯ୍ୟଜନକ ନୁହେଁ। ସ୍ୱିଚ୍ କଟ୍‌ଅଫ୍ ବିଷୟରେ କେଉଁ ପାଇଲଟ୍ କାହାକୁ କେଉଁ ପରିସ୍ଥିତିରେ କ'ଣ କହିଥିଲେ ତାହା କେବଳ ସେମାନେ ହିଁ ସ୍ପଷ୍ଟ କରିପାରିଥା'ନ୍ତେ। କିନ୍ତୁ ସେମାନେ ଜୀବିତ ନଥିବାରୁ ତାହା ଜାଣିବା ସମ୍ପୂର୍ଣ୍ଣ ଅସମ୍ଭବ। ଘଟଣାର ସାକ୍ଷୀ ବା ପ୍ରମାଣ ଦେବାକୁ ପ୍ରତ୍ୟକ୍ଷଦର୍ଶୀ ମଧ୍ୟ କେହି ନାହାନ୍ତି। ଏହି ପୃଷ୍ଠଭୂମିରେ 'ମାର ମାର ଭଣ୍ଡାରିଆକୁ ମାର' ନୀତିରେ ଦୁଇ ପାଇଲଟ୍‌ଙ୍କ ଅବର୍ତ୍ତମାନରେ ସେମାନଙ୍କ ମୁଣ୍ଡରେ ଦୋଷ ଲଦି ଦେଇ ଡ୍ରିମ୍‌ଲାଇନର ସଂସ୍ଥା ନିଜର ଭାବମୂର୍ତ୍ତି ସଜାଡ଼ିବାର ଭରପୂର ପ୍ରୟାସ କରିଥିବା ସମ୍ଭାବନାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ।

ନିୟମ ଅନୁଯାୟୀ କୌଣସି ଦୁର୍ଘଟଣା ଘଟିବାର ମାସକ ମଧ୍ୟରେ ଏଏଆଇବି ପ୍ରାଥମିକ ରିପୋର୍ଟ ଦେବାକୁ ପଡ଼ିବ। ତେଣୁ ତରବରିଆ ଭାବେ ପ୍ରସ୍ତୁତ ରିପୋର୍ଟର ତଦନ୍ତ ଆଧାର ଓ ନିଷ୍କର୍ଷ ଅପରିପକ୍ୱ ହୋଇପାରେ। ଏଭଳି ଏକ ସନ୍ଦେହବିଜଡ଼ିତ ପରିସ୍ଥିତିରେ ରିପୋର୍ଟକୁ ନେଇ କୌଣସି ଉପସଂହାରରେ ନ ପହଞ୍ଚିବାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ବିମାନ ଦୁର୍ଘଟଣା ଘଟିବା ପରେ ଏ ପର୍ଯ୍ୟନ୍ତ ଅନେକ ମତ ଓ ମନ୍ତବ୍ୟ ପ୍ରକାଶ ପାଇଛି। କିନ୍ତୁ ତାହା କେବଳ ଅନୁଭୂତି ଆଧାରିତ ଓ ଆନୁମାନିକ। ବ୍ଲାକ୍‌ବକ୍ସ ପରୀକ୍ଷା ଆଧାରରେ ପୂର୍ଣ୍ଣାଙ୍ଗ ରିପୋର୍ଟ ନ ଆସିବା ଯାଏଁ କୌଣସିଟିକୁ ସମ୍ପୂର୍ଣ୍ଣ ବିଶ୍ୱାସକୁ ନେବା ଠିକ୍ ହେବ ନାହିଁ। ସେହିଭଳି ରିପୋର୍ଟ ଯଦି ଉଦ୍ଦେଶ୍ୟମୂଳକ ହୁଏ ତେବେ ଏଏଆଇବି ଭଳି ଆନ୍ତର୍ଜାତିକ ସଂସ୍ଥା ବିଶ୍ୱସନୀୟତା ହରାଇବା ସାର ହେବ। ●

## ନିଦଭରା ଶିକ୍ଷା କାହା ହିତରେ?

ଡ.ଅନ୍ତର୍ଜିତା ନାୟକ

ପୂର୍ବରୁ କୁହାଯାଉଥିଲା ଶୀଘ୍ର ଶୁଅ, ଶୀଘ୍ର ଉଠ, ସ୍ୱାସ୍ଥ୍ୟବାନ, ଧନବାନ ଓ ଜ୍ଞାନୀ ହୁଅ। କିନ୍ତୁ ଅତ୍ୟାଧୁନିକ ଯୁଗରେ ତାହା ବଦଳି ଯାଇ ହୋଇଗଲାଣି- ଡେରିରେ ଶୁଅ, ଶୀଘ୍ର ଉଠ, କେବଳ ଧନୀ ହୁଅ। ଆଜିକାଲି କାଳେ ଧନ ଥିଲେ ସ୍ୱାସ୍ଥ୍ୟ ଓ ଜ୍ଞାନ କିଣି ହେଉଛି। ସେଥିଲାଗି ଧନ ଉପାର୍ଜନର ବାଟକୁ ବଢ଼ାଇବା ହେଲା ଆମର ପ୍ରମୁଖ ଲକ୍ଷ୍ୟ। କିନ୍ତୁ ଆମେ ଭୁଲି ଯାଉଛନ୍ତି ଯେ ବିଳମ୍ବିତ ରାତିରେ ଶୋଇବା ଓ ରାତି ନ ପାହୁଣୁ ଉଠିବା ଆମକୁ କେବଳ ରୋଗ କିଣିବାରେ ହିଁ ସହାୟତା କରିପାରିବ। ଆଜି ଆମ ଚାରିପାଖରେ ମାନସିକ, ଶାରୀରିକ ଓ ସାମାଜିକ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଆଉ ଆମେ ଆମ ଘରେ ଏଇ ରୋଗୀ ତିଆରି କାରଖାନା ଖୋଲିଛନ୍ତି।

ଆଗରୁ ସିନା ଟି.ଭି., ମୋବାଇଲ୍, କମ୍ପ୍ୟୁଟର, ଇଣ୍ଟରନେଟ୍, ହ୍ୱାଟ୍‌ସଆପ୍, ଫେସବୁକ୍, ହୋମୱାର୍କ, ପ୍ରୋଜେକ୍ଟ, ଏସାଇନମେଣ୍ଟ, ଟ୍ୟୁସନ୍ ନଥିଲା ଯେ ସମସ୍ତେ ଶୀଘ୍ର ଖାଇପିଇ ରାତି ୯ଟା ସୁଦ୍ଧା ଶୋଇପଡୁଥିଲେ। ହେଲେ ଏବେ ରାତି ୧୨ଟା-୧ଟେ ଆଗରୁ ଘରର ଲାଇଟ୍ ବନ୍ଦ ହେଉ ନାହିଁ। ରାସ୍ତାରେ ଟ୍ରାଫିକ୍ ଏତେ ବଢ଼ିଯାଇଛି ଯେ କାର୍ଯ୍ୟାଳୟରୁ ଘରକୁ ଫେରିଲା ବେଳକୁ ଅଧେ ରାତି ସରିଯାଉଛି। ଖାଇ-ପିଇ ଶୋଇଲାବେଳକୁ ଉଠିବା ସମୟ ହୋଇଯାଉଛି। ଠିକ୍ ନିଦ ଆସୁଥିବ, ଆଖି ଜୋରରେ ଲାଗି ଯାଉଥିବ, ସେତେବେଳକୁ ପିଲାଙ୍କର ସ୍କୁଲ୍ ଯିବା ସମୟ ହୋଇଯାଉଥିବ। ସକାଳ ୭.୨୦ରେ ସ୍କୁଲ୍ ଆରମ୍ଭ। ୭ଟା ସୁଦ୍ଧା ସ୍କୁଲରେ ପହଞ୍ଚିବାକୁ ହେବ। ସକାଳ ୫.୪୫ରେ ସ୍କୁଲ୍ ବସ୍ ଆସିଯିବ। ଭୋର ୪.୩୦ ରୁ ୪.୪୫ ଭିତରେ ଉଠିବାକୁ ହେବ। ଶୋଇଲାବେଳକୁ ରାତି ୧୨ଟା ଏବଂ ଉଠିଲାବେଳକୁ ସକାଳ ୪.୪୫। ସମୁଦାୟ ୫ଘଣ୍ଟାର ନିଦ୍ରା। କିନ୍ତୁ ଆମ ପିଲା ଶୋଇବା କଥା ୮ ରୁ ୧୦ଘଣ୍ଟା। ଏହା ସ୍ପଷ୍ଟ କରିଦେଉଛି ଯେ, ଆମେ ଆମ ଘରେ ଗୋଟେ ଗୋଟେ ରୋଗୀ ତିଆରି କରୁଛନ୍ତି, ଯାହାଙ୍କର ନିଦ ଆମେ ଏବେ ଖରାପ କରୁଛନ୍ତି। ପରେ ସେମାନେ ଆମ ନିଦ ହଜାଇବେ।

ଛୁଆଟି ଯେତେବେଳେ ଠିକ୍ ଭାବରେ ଶୋଇପାରେ ନାହିଁ ବା ଅଳ୍ପ ସମୟ ଲାଗି ଶୋଇଲାପରେ ତାକୁ ଜୋର୍ ଜବରଦସ୍ତ ଉଠିବାକୁ ବାଧ୍ୟ କରିଦିଆଯାଏ, ସିଏ ସେତେବେଳେ ଚିଡ଼ଚିଡ଼ା ସ୍ୱଭାବର ହୋଇଯାଏ, ଯାହା ତା'ର ଧ୍ୟାନ, ଏକାଗ୍ରତା ଓ ସ୍ମରଣଶକ୍ତିକୁ ବ୍ୟାଘାତ କରିଥାଏ ଏବଂ ଶାରୀରିକ ଓ ମାନସିକ ଅଭିବୃଦ୍ଧି ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଏହି ନିଦ୍ରାଭାବ ହେତୁ ଧ୍ୟାନାଭାବ ଓ ଅତିସକ୍ରିୟତା ବିକାର ଦେଖାଦେଇଥାଏ, ଯାହାଫଳରେ ପିଲାଟି ଶ୍ରେଣୀଗୃହରେ ପଢ଼ା ଯାଉଥିବା ପାଠ ଠିକ୍‌ରେ ଶୁଣିପାରେ ନାହିଁ କି ବୁଝିପାରେ ନାହିଁ। ଶ୍ରେଣୀରେ ତା'ର ପ୍ରଦର୍ଶନ ଅତି ନୈରାଶ୍ୟଜନକ ହୋଇଯାଏ। ବାଲ୍ୟକାଳରୁ ଅନିଦ୍ରା ବା ଉପଯୁକ୍ତ ନିଦ୍ରାଭାବ, ପ୍ରତିରକ୍ଷା ପ୍ରଣାଳୀରେ ସମସ୍ୟା, ଉଦାସୀନତା, ଆଲର୍ଜି ଜନିତ ନାସାପ୍ରଦାହ ଆଦି ସମସ୍ୟା ସହିତ ଭବିଷ୍ୟତରେ ମେଦବହୁଳତା, ମଧୁମେହ, ଉଚ୍ଚରକ୍ତଚାପ ଜରିଆରେ ହୃଦ୍‌ରୋଗ ବିପଦ ଆଣିପାରେ ବୋଲି ଅନେକ ଗବେଷଣାରୁ ଜଣାପଡ଼ିଛି।

ସଅଳ ସ୍କୁଲ୍ ସମୟ ଛୋଟ ପିଲା ଓ ପ୍ରାଥମିକ ଶିକ୍ଷା ଉପରେ ଯେପରି କୁପ୍ରଭାବ ପକାଇ ଥାଏ, ଠିକ୍ ସେହିପରି କିଶୋରାବସ୍ଥାର ପିଲା ଓ ସେମାନଙ୍କର ଶିକ୍ଷାରେ ମଧ୍ୟ କୁପ୍ରଭାବ ପକାଇ ଥାଏ। କିଶୋରାବସ୍ଥାରେ ଘଟୁଥିବା ଶାରୀରିକ ଓ ମାନସିକ ପରିବର୍ତ୍ତନ ଯୋଗୁଁ ପିଲାମାନଙ୍କୁ ବିଳମ୍ବିତ ରାତି ଯାଏଁ ନିଦ ଆସେ ନାହିଁ। ବିଳମ୍ବିତ ସକାଳ ଯାଏଁ ନିଦ ଭାଙ୍ଗେ ନାହିଁ। ପର୍ଯ୍ୟାପ୍ତ ପରିମାଣରେ ନିଦ ଅଭାବ ସାଙ୍ଗକୁ ଶରୀରରେ ବିଭିନ୍ନ ଜୈବ ରାସାୟନିକ (ହର୍ମୋନ୍) ପରିବର୍ତ୍ତନ, କିଶୋରାବସ୍ଥାରେ ଅନେକ ସମସ୍ୟା ସୃଷ୍ଟି କରିଥାଏ, ଯାହା ମଧ୍ୟରୁ ମେଦବହୁଳତା ଖୁବ୍ ବେଶୀ। ଶରୀରରେ ହେଉଥିବା ଜୈବ ପରିବର୍ତ୍ତନ ସାଙ୍ଗକୁ ସ୍କୁଲ୍‌ର ସଅଳ ସମୟ, ବୋଝ ଉପରେ ନଳିତା ବିଡ଼ା, ଯାହା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଅଳ୍ପ ନିଦ୍ରା ବା ଅଧା ନିଦ୍ରାରୁ ଉଠି ଶୀଘ୍ର ସ୍କୁଲ୍ ଯିବା ସାମାନ୍ୟ ଲାଗିପାରେ, କିନ୍ତୁ ଏହି ବାଧ୍ୟତାମୂଳକ ଅଭ୍ୟାସ କିଶୋରମାନଙ୍କ ମଧ୍ୟରେ ନିଶା ସେବନ, ଉଦାସୀନତା, ଆତ୍ମହତ୍ୟା ପ୍ରବଣତା, ଧୂମପାନ, ଅସୁରକ୍ଷିତ ଯୌନ ସମ୍ପର୍କ, ସଡ଼କ ଦୁର୍ଘଟଣା, ବଳାତ୍କାର ଭଳି ସମସ୍ୟାମାନଙ୍କୁ ଟାଣି ଆଣୁଛି, ଯାହାକୁ ଆମେ ବହୁ ସମୟରେ ଅଣଦେଖା କରନ୍ତି। ସମସ୍ୟାର ତର୍ଜମା କରନ୍ତି ନାହିଁ।

ସକାଳ ୭ଟାରୁ ସ୍କୁଲ୍ ଆରମ୍ଭ କରି ଦ୍ୱିପ୍ରହର୨ଟାରେ ସାରିବା କାହିଁକି ଏତେ ଜରୁରୀ? ସ୍କୁଲ୍ ସକାଳ ୧୦ଟାରୁ ଅପରାହ୍ନ ୪ଟା ଯାଏଁ ଚାଲିଲେ ଅସୁବିଧା କ'ଣ? ପିଲା କେତେସୁନ୍ଦର ସକାଳୁ ଉଠି ପାରିବେ, ନିତ୍ୟକର୍ମ ଠିକ୍‌ରେ ସାରିପାରିବେ, ଭଲରେ ଖାଇ-ପିଇ ସ୍କୁଲ୍ ଯାଇ ମନଦେଇ ପାଠ ପଢ଼ିପାରିବେ। ସ୍କୁଲ୍‌ରୁ ଫେରି ଖେଳିବାକୁ ଯାଇପାରିବେ। ସନ୍ଧ୍ୟା ସମୟରେ ପାଠପଢ଼ି ବସିପାରିବେ। ସବୁ କେତେ ବ୍ୟବସ୍ଥିତ ହୋଇପାରିବ! କେବଳ ସରକାରୀ ସ୍କୁଲ୍‌କୁ ଛାଡ଼ିଦେଲେ ଘରୋଇ ସ୍କୁଲ୍ ସବୁ ଶୀଘ୍ର ଆରମ୍ଭ କରି ଶୀଘ୍ର ଶେଷ କରିବାରେ ବ୍ୟସ୍ତ। କିନ୍ତୁ କାହିଁକି? ଏହାର କାରଣ ଯଦି ଖୋଜିବା, ତେବେ ଅସଲ ଦୋଷୀ ହେଲା ଟ୍ୟୁସନ୍। ଆଜିକାଲିକାର ଧାରଣା ଯେ ପିଲା ଯେତେ ଟ୍ୟୁସନ୍ ଯିବେ, ଯେତେ ଅଧିକ ସମୟ ପାଠପଢ଼ିବେ, ସେତେ ଅଧିକ ନମ୍ବର ପରୀକ୍ଷାରେ ରଖିବେ। ସେତେ ଅଧିକ ନାଁ ହେବ। ଗୋଟେ ଗୋଟେ ବିଷୟ ଲାଗି ଦୁଇ ଦୁଇଟା ଟ୍ୟୁସନ୍! ସ୍କୁଲ ଶେଷକରି ସିଧା ଟ୍ୟୁସନ୍ ଯାଉଛନ୍ତି, ଲଗାତାର ଟ୍ୟୁସନ୍ ସାରି ଘରକୁ ଫେରୁଛନ୍ତି। ବେଳେବେଳେ ଏହା ମଧ୍ୟ ଦେଖିବାକୁ ମିଳିଛି ଯେ ରାତି ୧୦ଟା ଯାଏଁ ଟ୍ୟୁସନ୍ ଚାଲୁଛି। ପିଲାମାନେ ସ୍କୁଲ୍ ୟୁନିଫର୍ମ ବଦଳାଇବାକୁ ସମୟ ପାଉନାହାନ୍ତି।

ଶୀଘ୍ର ସ୍କୁଲ୍ ଯିବା ଲାଗି ରାତିର ନିଦ ସକାଳୁ ପୂର୍ଣ୍ଣ ହୋଇନଥିବ। ଖରାବେଳେ ଲଗାତାର ଟ୍ୟୁସନ୍ ଲାଗି ପିଲାଟି ଶୋଇପାରିବ ନାହିଁ। ପରୀକ୍ଷାରେ ଅଧିକ ନମ୍ବର ଲାଗି ପିଲାଙ୍କ ନିଦ ବଳି ପଡ଼ିଗଲେ ସେଥିରେ କାହାରି କିଛି ଯାଏ ଆସେ ନାହିଁ। ଆମ ପିଲାଙ୍କ ସାଙ୍ଗରେ ଆମେ ଏ କ'ଣ କରୁଛନ୍ତି? ବହୁତ ଭଲ ସ୍କୁଲ୍‌ରେ ପଢ଼ିବା ଲାଗି ରାତିର ନିଦକୁ ଅଧାରେ ଭାଙ୍ଗିବ, ତା'ବାଦ ପୁଣି ଟ୍ୟୁସନ୍ ଯିବ ବୋଲି ବଳକା ନିଦକୁ ତ୍ୟାଗ କରିବ। ସ୍କୁଲ୍‌ରେ ଯଦି ଏତେ ଭଲ ପାଠପଢ଼ା ହେଉଛି, ତେବେ ଟ୍ୟୁସନ୍ କ'ଣ ଜରୁରୀ? ଆମେ ବୋଧେ ଭୁଲି ଯାଉଛନ୍ତି ଯେ ନିଦ ଭରା ଆଖିରେ ଉଚ୍ଚ ସ୍ୱପ୍ନ ଦେଖିବାକୁ କୌଣସି ଜାଗା ରହେ ନାହିଁ। ସରକାର, ପ୍ରଶାସନ ଓ ଅଭିଭାବକମାନଙ୍କୁ କ'ଣ ଏହା ଜଣା ପଡୁନାହିଁ? ସରକାର କହିଲେ ପିଲାଙ୍କର କଲ୍ୟାଣ ଲାଗି ସେମାନଙ୍କୁ ପାଠର ଚାପ କମ ଦିଆଯିବ, ପରୀକ୍ଷା ଉଠାଇ ଦିଆଯିବ, ଶାରୀରିକ ଦଣ୍ଡ ଦିଆଯିବ ନାହିଁ, ସ୍କୁଲ୍ ବ୍ୟାଗର ଓଜନ କମେଇଦିଆଯିବ, ଏମିତି କେତେ ପ୍ରକାରର କଥା। କିନ୍ତୁ ପିଲାଙ୍କର ବାସ୍ତବ ଯନ୍ତ୍ରଣାକୁ ଦେଖିଲେ ଲାଗେ ସବୁ ନିୟମ ତା' ଜାଗାରେ ଏବଂ ପିଲାଙ୍କ ବେଦନା ପିଲାଙ୍କ ପାଖରେ। ସ୍କୁଲ ଗଲା ବେଳକୁ ପିଲା ଯଦି ଆଖିରେ ଆଖିଏ ନିଦ, କାନ୍ଧରେ ଭାରି ବୋଝ ଓ ପେଟରେ ଭୋକ ନେଇ ଯିବ, ତେବେ ପାଠ ମୁଣ୍ଡରେ ପଶିବାକୁ ଆଉ ବାଟ ରହିବ ତ? ସେଥିରେ ଆମେ ଶିଶୁ ଅଧିକାର ବିଷୟରେ କହିବା। ପ୍ରକୃତ ଶିଶୁ ଅଧିକାର କ'ଣ, ଶିଶୁ କଲ୍ୟାଣ କ'ଣ, ଆମକୁ ବୁଝିବାକୁ ହେବ। ଜୋର୍ ନିଦ ଲାଗୁଥିବ ପିଲାଟି ଶୋଇପାରିବ ନାହିଁ, କଥା ଠିକ୍‌ରେ କହି ଶିଖି ନଥିବ ପାଠପଢ଼ା ଆରମ୍ଭ ହୋଇଯିବଣି, କାନ୍ଧ କାଟୁଥିବ ହେଲେ ବହିବସ୍ତାନି ନନେଇ ସ୍କୁଲ୍ ଯାଇପାରିବନି, ଏସବୁ କ'ଣ ଶିଶୁ ଅଧିକାରର ଉଲ୍ଲଂଘନ ନୁହେଁ କି?

ପାଠପଢ଼ାକୁ ଆମେ ଗୋଟେ ଦଣ୍ଡ ଭଳିଆ କରିସାରିଲୁଣି, ଯାହାକୁ ପିଲା ଡରିକି ବାଧ୍ୟରେ କରୁଛନ୍ତି। ଯଥେଷ୍ଟ ଓ ସମ୍ପୂର୍ଣ୍ଣ ନିଦ ସମସ୍ତଙ୍କର ଅଧିକାର। ପିଲାମାନଙ୍କର ଶାରୀରିକ, ମାନସିକ ଓ ସାମାଜିକ ବିକାଶ, କଲ୍ୟାଣ ଓ ସ୍ଥିରତା ନିମନ୍ତେ ସମ୍ପୂର୍ଣ୍ଣ ନିଦ ଜରୁରୀ। ଆମ ବ୍ୟବସ୍ଥା ଯୋଗୁଁ ଆମେ ଯେମିତି ଆମ ପିଲାଙ୍କର ନିଦ ହଜାଉଛନ୍ତି, ସେମିତି ସେହି ବ୍ୟବସ୍ଥା ଆମ ପିଲାଙ୍କୁ ଆଗକୁ ଯାଇ ଏତେ ଅବ୍ୟବସ୍ଥିତ ନକରିଦେବ ଯେ ସେମାନେ ଆମ ନିଦ ହଜାଇବେ। ଏହି ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ଆମେ ନିଜେ। ●

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

## ନାରୀ ସମାଜ: ଆମ ମାନସିକତା ଓ ବ୍ୟବସ୍ଥା

କୃଷ୍ଣଚନ୍ଦ୍ର ସୁଆଁସିଆ



ସମ୍ପ୍ରତି ମହିଳା ସଶକ୍ତୀକରଣ ଏବଂ ସଶକ୍ତ ମହିଳା ସମାଜ ଗଠନର ନାରା ଦିଆଯାଉଛି। କିନ୍ତୁ ଆମ ସମାଜରେ ନାରୀମାନେ କ'ଣ ପ୍ରକୃତରେ ସଶକ୍ତ? ପ୍ରତିଦିନ ଆମେ ଗଣମାଧ୍ୟମରେ ନାରୀ ନିର୍ଯାତନା ସମ୍ବନ୍ଧିତ ସମ୍ବେଦନଶୀଳ ଘଟଣାମାନ ବଢ଼ି ଚାଲିଥିବାର ପଢୁଛେ, ଦେଖୁଛେ, ଶୁଣୁଛେ। ନାରୀ ନିର୍ଯାତନା ଦିନକୁ ଦିନ ବଢ଼ିବା ସହ ଏଭଳି ଅମାନବୀୟ ଘଟଣା ସାମ୍ନାକୁ ଆସୁଛି। ଘଟଣା ଘଟିବା ପରେ ପ୍ରତିକ୍ରିୟାମାନ ମଧ୍ୟ ପ୍ରକାଶ ପାଉଛି। କିନ୍ତୁ ପ୍ରତିକ୍ରିୟାଶୀଳତା କେବଳ ସୀମିତ ସମୟ ଓ ସ୍ୱାର୍ଥ ନିହିତରେ ଆବଦ୍ଧ ହୋଇ ରହି ଯାଉଛି। ପୀଡ଼ିତାକୁ ନେଇ ରାଜନୀତିର ପଶାପାଳି ଆରମ୍ଭ ହୋଇଯାଉଛି। 'ନାରୀ ଦୁର୍ବଳା ନୁହେଁ ସବଳା' ନାରା ଦେଇ ରାଜନୈତିକ ଦଳର ବ୍ୟକ୍ତି ରାଜଧାନୀରେ ଆନ୍ଦୋଳନ, କ୍ୟାଣ୍ଡେଲ ଶୋଭାଯାତ୍ରା କରନ୍ତି। ହୋହାଲ୍ଲା ଏତିକିରେ ସୀମିତ ରୁହେ। ପରେ ପ୍ରସଙ୍ଗ ଥଣ୍ଡା ପଡ଼ିଯାଏ। ବିଶେଷରେ ପୀଡ଼ିତା କିମ୍ବା ତା'ର ପରିବାର ନ୍ୟାୟ ପାଇବା ଦୂରର କଥା, ବଦନାମ ହେବା ଦେଖିବାକୁ ମିଳୁଛି।

ସମାଜ ଯେତିକି ବିକଶିତ ହେଉଛି ନାରୀମାନଙ୍କ କାର୍ଯ୍ୟଶୈଳୀରେ ସେତିକି ବିକାଶ ପରିଲକ୍ଷିତ ହେଉଛି। କିନ୍ତୁ ଶିକ୍ଷିତ ସମାଜରେ ନାରୀମାନଙ୍କ ପ୍ରତି ମନୋଭାବରେ ପରିବର୍ତ୍ତନ ନ ହେବା ଚିନ୍ତାର ବିଷୟ ପାଲଟିଛି। ଏପରିକି ଜଣେ ନାରୀ ସମସ୍ୟା ପ୍ରତି ସମାଜ ପ୍ରତିକ୍ରିୟାଶୀଳ ହେବା ଦୂରର କଥା ନାରୀ ସମାଜ ହିଁ ନୀରବଦ୍ରଷ୍ଟା ପାଲଟିବା ନାରୀ ସୁରକ୍ଷା ପ୍ରତି କୁଠାରଘାତ ହେଉଛି। କେଉଁଠି ରାଜନୈତିକ ଚାପ ପଡୁଛି ତ କେଉଁଠି ଅନ୍ୟ କିଛି କାରଣ ପାଇଁ ଦୋଷୀ ନିର୍ଦ୍ଦୋଷରେ ଖସି ଯାଉଛି। ଆଶ୍ଚର୍ଯ୍ୟର କଥା ସମାଜସେବା ଓ ରାଜନୀତିରେ ନୂଆ ନୂଆ ମହିଳାଙ୍କ ଚେହେରା ସାମ୍ନାକୁ ଆସୁଥିଲେ ସୁଦ୍ଧା କିଛି ନିର୍ଦ୍ଦିଷ୍ଟ ସମସ୍ୟାକୁ ନେଇ ଆଗକୁ ଆସୁନାହାନ୍ତି। ଦଳ କିମ୍ବା ସଂଗଠନକୁ ସୁହାଇଲା ଭଳି ସ୍ୱର ଉତ୍ତୋଳନ କରିବା କେଉଁଠି ନା କେଉଁଠି ନାରୀ ପାଇଁ ନାରୀମାନଙ୍କ ଆନ୍ତରିକତାରେ ପ୍ରଶ୍ନବାଚୀ ଲାଗିଯାଉଛି।

ନାରୀମାନେ ସଂଗଠିତ ହୋଇ ସାମୂହିକ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସକ୍ରିୟ ହେଲେ ହିଁ ସମାଜରେ ନାରୀମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ଅପରାଧ ହ୍ରାସ ପାଇପାରିବ। ନାରୀକୁ ଉଚିତ ସମ୍ମାନ ମିଳିବ। ନାରୀ ଶକ୍ତି ଯେତେବେଳେ ସଂଗଠିତ ହୋଇ ଏକସ୍ୱର ଉଠାଇବେ ସେତେବେଳେ ଯାଇ ରକ୍ଷକ ଭକ୍ଷକ ସାଜିବାକୁ ସାହସ କରିବ ନାହିଁ। ପୁରାଣ, ଇତିହାସକୁ ପଢ଼ିବା କିମ୍ବା ଶୁଣିବାରେ ସୀମିତ ନରହି ନାରୀ ସମାଜ ସଂଘଟିତ ହେବା ଜରୁରୀ। ନଚେତ ଏମିତି ଗୋଟେ ପରେ ଗୋଟେ ଅଭାବନୀୟ ଘଟଣାମାନ ସାମ୍ନାକୁ ଆସୁଥିବ। ଆଉ ଏସବୁକୁ ଢାଲ କରି ରାଜନୀତି ତା'ର ଫାଇଦା ଉଠାଇ ଚାଲିଥିବ।

ଏସବୁକୁ ପ୍ରତିହତ କରି ଜନସାଧାରଣଙ୍କୁ ଏକ ସୁସ୍ଥ ପରିବେଶ ମଧ୍ୟରେ ଜୀବନଜୀବିକା ଅତିବାହିତ କରିବା ଲାଗି ଉତ୍କୃଷ୍ଟ ସମାଜ ଗଢ଼ିବାରେ ଉଭୟ ଶାସକ ଓ ବିରୋଧୀଦଳମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ବିଡ଼ମ୍ବନାର ବିଷୟ କିଛିଦିନ କ୍ୟାଣ୍ଡେଲ ଶୋଭାଯାତ୍ରା, ଟିଭିରେ ଦୋଷାରୋପର ପ୍ରହସନ ସହ 'ପୀଡ଼ିତାଙ୍କୁ ନ୍ୟାୟ' ଦେବାର ଅଭିନୟରେ ନାରୀ ସୁରକ୍ଷା ସୀମିତ ରହିଯାଉଛି। କଥାରେ ଅଛି ପିଲା ନକାନ୍ଦିବା ଯାଏଁ ଯେମିତି ମାଆ ପିଲାର ଭୋକ ଜାଣିପାରି ନଥାଏ ସେଭଳି ସମସ୍ୟାକୁ ଗୁରୁତର ସହ ନାରୀ ସମାଜ ଯେପର୍ଯ୍ୟନ୍ତ ଶାଣିତ ଓ ପ୍ରତିକ୍ରିୟାଶୀଳ ଭାବେ ଉପସ୍ଥାପନ ନ କରିଛି, ନାରୀମାନେ ସଂଗଠିତ ନ ହୋଇଛନ୍ତି ସେତେବେଳେ ଯାଏଁ ଏଭଳି ଘଟଣା ଘଟିଚାଲିଥିବ।

ଏଭଳି ଘଟଣାଗୁଡ଼ିକ ଦେଖି ମନେ ପଡ଼େ କବି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କର କାଳଜୟୀ ରଚନା - 'ଜନ୍ମ ଆମର ମଣିଷ କୋଳରେ ନାହିଁ ଇଜ୍ଜତ ମାନ, ଆମ ଝିଅବୋହୂ ସବୁରି ଶାଳୀ ହେ ଆମେ ଶଳା ସଇତାନ।'

ସମାଜରେ ଉଭୟ ପୁରୁଷ ଓ ନାରୀ ସମାନ। କିନ୍ତୁ ସଭ୍ୟ ସମାଜରେ ନାରୀମାନଙ୍କ ପ୍ରତି ହେଉଥିବା ନିର୍ଯାତନା, ଅନୀତି, ଅପରାଧକୁ ଦେଖି ସମାଜ ନିରବଦ୍ରଷ୍ଟା ପାଲଟିବା ଅନୁଚିତ। ବ୍ୟକ୍ତିଟି ଯେଉଁ ବିଚାର ସହ ସଂଶ୍ଳିଷ୍ଟ ଥାଉ ପଛେ ନାରୀ ସୁରକ୍ଷା ପାଇଁ ସମସ୍ତଙ୍କ ସ୍ୱର ଏକ ହେବାର ଆବଶ୍ୟକ ରହିଛି। ପୀଡ଼ିତା ଶବ ଉପରେ ସ୍ୱାର୍ଥସାଧନ ପ୍ରତି ଗୁରୁତ୍ୱ ନଦେଇ ବରଂ ପୀଡ଼ିତା ପରିବାରବର୍ଗ କିଭଳି ନ୍ୟାୟ ପାଇପାରିବେ ଏବଂ ଦୋଷୀ କଠୋର ଦଣ୍ଡ ପାଇବା ଦରକାର ସେ ଦିଗରେ ଆନ୍ତରିକତାର ସହ କାର୍ଯ୍ୟ କରିବାର ମାନସିକତା ରଖିବା ଆବଶ୍ୟକ। ଫଳରେ ଏଭଳି ଜଘନ୍ୟ ଅପରାଧ କରିବା ପୂର୍ବରୁ ଦୋଷୀ ବାରବାର ଅନୁଭବ କରିବାକୁ ବାଧ୍ୟ ହେବ। ଏପରିକି ନିଜ ପରିବାରରେ ଥିବା ମାଆ, ଝିଅ, ବୋହୂଙ୍କ ସହ ଅନ୍ୟ ନାରୀମାନଙ୍କୁ ମଧ୍ୟ ସମାନ ନଜର ଦେବାକୁ ବାଧ୍ୟ ହେବ। ସେଭଳି ବ୍ୟବସ୍ଥାରେ କଠୋର ଦଣ୍ଡ ବିଧାନ ଦ୍ୱାରା ଅପରାଧୀ ଓ ଅପରାଧ ପ୍ରତି ସଂଶ୍ଳିଷ୍ଟ ବ୍ୟକ୍ତିମାନଙ୍କ ମନରେ ଭୟ ସୃଷ୍ଟି କରିବାକୁ ପଡ଼ିବ। ଏହାଦ୍ୱାରା ସଭ୍ୟ ସମାଜରେ ନାରୀ ପୁରୁଷ ସାଥିରେ ନିର୍ଭୟରେ ଜୀବନଯାପନ କରିବାରେ ସମର୍ଥ ହୋଇପାରିବ। ●

ଶେରଗଡ଼(ଗଞ୍ଜାମ), ମୋ: ୬୩୭୦୯୧୨୪୦୨

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

### ଇନ୍ଦ୍ରମହି

ସୌଭାଗ୍ୟସୁନ୍ଦର

ଇନ୍ଦ୍ରମହି ବା 'ମହି' ହେଉଛି ଏକ ଉଷ୍ମମଣ୍ଡଳୀୟ ଶୁଷ୍କ ପର୍ଣ୍ଣମୋଚୀ ବୃକ୍ଷ, ଯାହା ଭାରତ ସମେତ ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକରେ ଦେଖାଯାଏ। ଭାରତରେ ଏହା ପ୍ରାୟ ସମସ୍ତ ରାଜ୍ୟ ଏବଂ ଆଣ୍ଡାମାନ, ନିକୋବର ଦ୍ୱୀପପୁଞ୍ଜରେ ବଢ଼ିଥାଏ। ପ୍ରାକୃତିକ ଉତ୍ପତ୍ତି ଆବାସ ସ୍ଥାନ ଅନୁସାରେ ମହି ଗଛ ୧୦ ରୁ ୨୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର ଗଣ୍ଡି କଠିନ, ଘନ, ଧୂସର-ବାଦାମୀ ରଙ୍ଗର। ବକଳ ବା ଛାଲି ପୃଷ୍ଠ ଧୂସରରୁ ଗାଢ଼ ବାଦାମୀ, ରୁକ୍ଷ, ଖଣ୍ଡ ଖଣ୍ଡ ହୋଇ ଉଠିଆସେ, ତନ୍ତୁମୟ; ଅଠାଳିଆ ରସ ନିର୍ଗତ ହୁଏ, ଲାଲ କଅଁଳିଆ ଶାଖା ଏବଂ ପ୍ରଶାଖାଗୁଡ଼ିକ ସୂକ୍ଷ୍ମ କେଶ ଦ୍ୱାରା ଆଚ୍ଛାଦିତ। ପତ୍ରଗୁଡ଼ିକ ସାଧାରଣତଃ ୫ ରୁ ୧୧ ଅଂଶବିଶିଷ୍ଟ, ଅଗ୍ର ଭାଗରେ ଗୋଟିଏ ପତ୍ରାଂଶ ସହିତ ଶେଷ ହୁଏ, କଅଁଳିଆ ସମୟରେ ଘନ ମଖମଲ-ଲୋମଯୁକ୍ତ ଥାଏ। ଫୁଲଗୁଡ଼ିକ ଛୋଟ ଓ ସବୁଜ-ହଳଦିଆ। ପ୍ରତି ଫୁଲରେ ସେପାଲ୍ ବା ବହିରାବରଣ ବୃନ୍ତାଧାର ୪ଟି ଓ ପାଖୁଡ଼ା ୪ଟି ଥାଏ। ଫୁଲକେଶରଗୁଡ଼ିକ ବହୁତ ଛୋଟ ଏବଂ ଡିମ୍ବାଶୟ ଉପରିସ୍ଥ। ବେରି ଭଳି ଦେଖାଯାଉଥିବା ଫଳଗୁଡ଼ିକ ପାଚିଲେ ଲାଲ କିମ୍ବା ବାଇଗଣୀ ରଙ୍ଗଧାରଣ କରେ। ପେଙ୍କାରେ ଆକାରରେ ପତ୍ରହୀନ ଶାଖାର ଅଗ୍ର ବା ଶେଷରେ ଫଳଗୁଡ଼ିକ ଥାଏ। ଫଳ ୧ ରୁ ୨ ସେମି ଲମ୍ବା, ଲାଲ, ସଙ୍କୁଚିତ, ଚେପଟା, ବୃକକ୍ ଆକାରର ଓ ଏକକ ବିହନଯୁକ୍ତ।

ଇନ୍ଦ୍ରମହୀ ଆୟୁର୍ବେଦ, ୟୁନାନୀ, ସିଦ୍ଧ ଓ ହୋଲିଷ୍ଟିକ୍ ସ୍ୱାସ୍ଥ୍ୟର ପାରମ୍ପରିକ ଚିକିତ୍ସା ପ୍ରଣାଳୀରେ ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ଭିଦ। ଏହାକୁ ସମଗ୍ର ଭାରତରେ ଆଦିବାସୀ ଜନଜାତିମାନେ ବିଭିନ୍ନ ରୋଗର ଚିକିତ୍ସା ପାଇଁ ବହୁଳ ବ୍ୟବହାର କରୁଥିବା ଜଣାଯାଏ। ଏହା ପ୍ରଦାହ-ବିରୋଧୀ, ଆଣ୍ଟିମାଇକ୍ରୋବାୟଲ୍, ଆଫ୍ରୋଡିସିଆକ୍ ବା କାମଉଦ୍ଦୀପକ। ଏହା ଏକ ଜଣାଶୁଣା ପାରମ୍ପରିକ ଔଷଧୀୟ ଗଛ, ଯାହା କ୍ଷତ, ଝାଡ଼ା, ହୃଦରୋଗ, ଗଣ୍ଠିବାତ, ସାଧାରଣ ଦୁର୍ବଳତା, ନିଶାଦ୍ରବ୍ୟ ଦ୍ୱାରା ହେଉଥିବା କୋମାରେ ପ୍ରତିଷେଧକ, ଶୁକ୍ରାଣୁ କ୍ଷୟଜନିତ ଦୁର୍ବଳତା, ଦାନ୍ତ ଯନ୍ତ୍ରଣା, କାଶ ଓ ଗଳା ଯନ୍ତ୍ରଣା, ହାଡ଼ଭଙ୍ଗା ଅପସ୍ମାର, କ୍ଷତକୁ ସୁସ୍ଥ କରିବା, ଅଲସର, କାନ୍ଧ ଓ ବେକ ଯନ୍ତ୍ରଣା, କୁଷ୍ଠ ଇତ୍ୟାଦି ଚିକିତ୍ସାରେ ବହୁଳ ବ୍ୟବହୃତ ହୁଏ। ପରଜା ଏବଂ ଗଡ଼ବା ଜନଜାତି ଚର୍ମ ରୋଗର ଚିକିତ୍ସା ପାଇଁ ଛାଲି ଏବଂ ପେଟ ଯନ୍ତ୍ରଣା ପାଇଁ କୋମଳ ପତ୍ର ବ୍ୟବହାର କରନ୍ତି। ଏହି ଉଦ୍ଭିଦରେ କାର୍ବୋହାଇଡ୍ରେଟ୍, ପଲିସାକାରାଇଡ୍, ଅଠା, ପ୍ରୋଟିନ୍, ଆମିନୋ ଏସିଡ, ଗ୍ଲାଇକୋସାଇଡ୍, ଫ୍ଲାଭୋନଏଡ୍, ଟର୍ପେନଏଡ୍, ପଲିଫେନୋଲ୍, ଟାନିନ୍ ଭଳି ବିଭିନ୍ନ ଯୌଗିକ ଜୈବ ରସାୟନିକ ଉପାଦାନ ରହିଥିବା ଜଣାଯାଏ।

ଆଧ୍ୟାତ୍ମିକ ଭାବରେ ଏହାକୁ ଦୁଷ୍ଟ ଆତ୍ମାଙ୍କଠାରୁ ରକ୍ଷା କରିବା ପାଇଁ ବ୍ୟବହାର କରାଯାଏ। କଅଁଳ ପତ୍ର ଏବଂ ଗଜାକୁ ପନିପରିବା ଭାବରେ ଖିଆଯାଏ। ଗଣ୍ଡିରୁ ମିଳୁଥିବା ଅଠା ପ୍ରାୟତଃ ମିଠା ତିଆରିରେ ଏବଂ ଛାଲି ଗୁଣ୍ଡକୁ ଏକ ସୁସ୍ୱାଦ ଉପାଦାନ ଭାବରେ ବ୍ୟବହାର କରାଯାଏ। ଗଛ ଲାଖ କୀଟ ପାଇଁ ଏକ ଆବାହକ ଭାବରେ ବ୍ୟବହୃତ ହୁଏ, ଯାହା ଲାଖ ଉତ୍ପାଦନ କରେ। ଏହାର ଉତ୍କୃଷ୍ଟ ଉଇ ପ୍ରତିରୋଧୀ ଗୁଣ ପାଇଁ ଏହା ପ୍ଲାଏ-କାଠ, ଘର ନିର୍ମାଣ, ଫର୍ଣ୍ଣିଚର, ଚାଉଳ ପାଉଡର, କାରୁକାର୍ଯ୍ୟ ଏବଂ ଟର୍ନରୀ ଇତ୍ୟାଦିରେ ବ୍ୟବହୃତ ହୁଏ। ଡ୍ରମ୍ ଏବଂ ଗିଟାର ଭଳି ବାଦ୍ୟଯନ୍ତ୍ର ତିଆରି କରିବାରେ ଏହି ଗଛର କାଠ ବ୍ୟବହୃତ ହୁଏ। କାଣ୍ଡରୁ ଝିଂଗମ ଗମ୍ ନାମକ ଏକ ରେଜିନ୍ ମିଳିଥାଏ ଏବଂ ଏହାକୁ କାଲିକୋ ମୁଦ୍ରଣ ପାଇଁ ବ୍ୟବହୃତ ହୁଏ। ଆଖୁ ରସକୁ ସ୍ପଷ୍ଟ କରିବା ପାଇଁ ଏକ ଫ୍ଲୋକୁଲେଟିଂ ଏଜେଣ୍ଟ ଭାବରେ ମଧ୍ୟ ବ୍ୟବହୃତ ହୁଏ। ଏହାର ଛାଲିରେ ଟାନିନ୍ ଥାଏ ତେଣୁ ଏହାକୁ ଟ୍ୟାନିଂ, ରଙ୍ଗ ଭାବରେ ଏବଂ ମାଛ ଧରିବା ଜାଲ ସଂରକ୍ଷଣ ପାଇଁ ବ୍ୟବହାର କରାଯାଏ।

ଏହା ଏକ ଲାଭଦାୟକ ଉଦ୍ଭିଦ ଏବଂ ତେଣୁ ଏହାର ଚାଷକୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ। ଏହାକୁ ପ୍ରାୟତଃ କୃଷି ବନୀକରଣ ପ୍ରଣାଳୀରେ ଲଗାଯାଏ, କାରଣ ଏହା ଛାଇ ପ୍ରଦାନ କରେ ଏବଂ ମାଟିର ଉର୍ବରତାକୁ ଉନ୍ନତ କରେ। ●

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଆଜି ଆସୁଛନ୍ତି ରାଷ୍ଟ୍ରପତି

**ଭୁବନେଶ୍ୱର,୧୩।୭ (ସମିସ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି (ସୋମବାର) ଦିନ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ କାଳରେ ସେ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟ ସ୍ଥାନରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ଥିବା ସ୍ଥାନ ଏବଂ ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥାକୁ

■ ବିମାନବନ୍ଦରରୁ କାରକେଡ୍ ରିହର୍ସାଲ କଲା ପୁଲିସ
■ ଟ୍ୱିନ୍ ସିଟିରେ ୧୧୦ ପ୍ଲାଟୁନ ଫୋର୍ସ ମୁତୟନ
■ ଏମ୍ସ ମେଡିକାଲ, ରେଭେନ୍ସାରେ ରହିଛି କାର୍ଯ୍ୟକ୍ରମ

ବଢ଼ାଇ ଦିଆଯାଇଛି। ଏଥିସହ ରାଷ୍ଟ୍ରପତି ଯିବାକୁ ଥିବା ରାସ୍ତାର ଉଭୟପଟରେ ପୁଲିସ ମୁତୟନ କରାଯାଇଛି। ସୁରକ୍ଷାରେ ତ୍ରୁଟି ଯେପରି ନଘଟେ, ସେଥିଲାଗି ଆଜି ପୁଲିସ ପକ୍ଷରୁ କାରକେଡ୍ ରିହର୍ସାଲ କରାଯାଇଛି।

ବିମାନବନ୍ଦରରୁ ପ୍ରଥମେ ରାଜ୍ୟପାଳ ଭବନ ଓ ପରେ ସେଠାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କାରକେଡ୍ ଯାଇଥିଲା। ପରେ କଟକରେ ମଧ୍ୟ ରିହର୍ସାଲ କରାଯାଇଥିବା ଜଣାଯାଇଛି। ରାଷ୍ଟ୍ରପତିଙ୍କ ସୁରକ୍ଷା ଦୃଷ୍ଟିରୁ ଦ୍ୱୈତନଗରୀରେ ୧୧୦ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ସେଥିମଧ୍ୟରୁ କେବଳ ଭୁବନେଶ୍ୱରରେ ୫୦ ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ। ଏଥିରେ ୮ଜଣ ଡିସିପି ର୍‍ୟାଙ୍କ୍ ଅଫିସର, ୧୧ଜଣ ଅତିରିକ୍ତ ଡିସିପି, ୩୧ଜଣ ଏସିପି ରାଙ୍କ, ୪୪ ଇନ୍ସପେକ୍ଟର୍, ୧୮୦ଜଣ ସବ ଇନ୍ସପେକ୍ଟର୍ ରହିଛନ୍ତି। ସେହିପରି ଏମ୍ସ ଭୁବନେଶ୍ୱର, ରାଜଭବନ ଓ ବିଭିନ୍ନ ଟ୍ରାଫିକ ପୋଷ୍ଟ



ଓ ନାକା ଅଞ୍ଚଳରେ ପୁଲିସ୍ ନିୟୋଜିତ ରହିବେ। ଅପରପକ୍ଷେ, ଭୁବନେଶ୍ୱର ଏମ୍ସରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଇଥିବା ନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା।

ଶ୍ରୀମତୀ ମୁର୍ମୁ ଦୁଇଦିନିଆ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏବଂ କଟକରେ ଆୟୋଜନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଜୁଲାଇ ୧୪ ତାରିଖରେ ରାଷ୍ଟ୍ରପତି ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ର ପଞ୍ଚମ ସମାବର୍ତ୍ତନ ସମାରୋହରେ ଅଂଶଗ୍ରହଣ କରିବେ। ଏହି ସ୍ମରଣୀୟ ଉତ୍ସବରେ ସେ ଛାତ୍ରଛାତ୍ରୀ, ଅଭିଭାବକ ତଥା ସମସ୍ତ ଏମ୍ସ ପରିବାରକୁ ଅନୁପ୍ରେରିତ କରିବେ। ଏହି ସମ୍ମାନଜନକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ସହିତ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେବେ ବୋଲି ଡ. ବିଶ୍ୱାସ ସୂଚନା ଦେଇଛନ୍ତି। ଜୁଲାଇ ୧୫ ତାରିଖରେ ଶ୍ରୀମତୀ ମୁର୍ମୁ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ଅତିଥି ଭାବେ ଯୋଗଦାନ କରିବା ସହ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ତିନୋଟି ଅଟ୍ଟାଳିକାର ପୁନର୍ବିକାଶ ଲାଗି ଶିଳାନ୍ୟାସ କରିବେ। ସେ ମଧ୍ୟ ଆଦିକବି ସାରଳା ଦାସଙ୍କ ଜନ୍ମ ବାର୍ଷିକୀ ସମାରୋହରେ ଯୋଗ ଦେବା ସହିତ କଳିଙ୍ଗ ରତ୍ନ ପୁରସ୍କାର-୨୦୨୪ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

## ହିନ୍ଦୋଳ ମଦ ମୃତ୍ୟୁ ଘଟଣା

# ମୃତକଙ୍କ ପରିବାରକୁ ୧୦ ଲକ୍ଷ ସହାୟତା ଦାବିକଲା ବିଜେଡି



■ ଶବ ବ୍ୟବଚ୍ଛେଦ ନ ହେବା ଉପରେ ପ୍ରଶ୍ନ ଉଠାଇଲା ଦଳ
■ ଅବକାରୀ ଓ ପୁଲିସ ସହଯୋଗରେ ରାଜ୍ୟରେ ବଢୁଛି ଚୋରା ମଦ କାରବାର

**ଭୁବନେଶ୍ୱର,୧୩।୭ (ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକର ବମ୍ପା ଗ୍ରାମରେ ବିଷାକ୍ତ ମଦ ପିଇ ମୃତ୍ୟୁବରଣ କରିଥିବା ପରିବାରକୁ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରିଛି। ପୀଡିତା ପରିବାରବର୍ଗଙ୍କୁ ଆଶ୍ୱାସନା ଦେବା ସହ ୧୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦେବା ପାଇଁ ଦଳ ଦାବି କରିଛି। ଏହା ସହିତ ଚୋରାମଦ କାରବାର ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବିଜେଡି ଜୋର ଦେଇଛି। ବିଷାକ୍ତ ମଦ ପିଇ ବମ୍ପା ଗ୍ରାମର ମୃତ୍ୟୁବରଣ କରିଥିବା ମିଲୁ ସାମଲ ଓ ପ୍ରଫୁଲ୍ଲ ସାମଲଙ୍କ ପରିବାରକୁ ଭେଟି ସମବେଦନା ଜଣାଇ ସହ ପ୍ରଶାସନିକ ଦାୟିତ୍ୱହୀନତାକୁ ବିଜେଡିର ପ୍ରତିନିଧି ମଣ୍ଡଳୀ କଡ଼ା ନିନ୍ଦା କରିଛି। ପ୍ରଶାସନିକ ହସ୍ତକ୍ଷେପ ଦ୍ୱାରା ମୃତ ବ୍ୟକ୍ତିଙ୍କ ଶବ ବ୍ୟବଚ୍ଛେଦ ନକରି ମେଡିକାଲରୁ ଘରକୁ ଫେରାଇ ଦିଆଯାଇଥିଲା। ଏଥିରୁ ସ୍ପଷ୍ଟ ଜଣାପଡୁଛି ଏ ସରକାର ବିଷାକ୍ତ ମଦ ମୃତ୍ୟୁକୁ ଚପାଇଦେବାକୁ ଷଡଯନ୍ତ୍ର କରୁଛନ୍ତି ବୋଲି ଦଳ ଅଭିଯୋଗ କରିଛି।

ପୀଡିତା ପରିବାର ଓ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଆଜକୁ ଦୀର୍ଘ ଦିନ ହେଲା ପୁଲିସ ଓ ଅବକାରୀ ବିଭାଗର ସହାୟତାରେ ଏହି ଅଞ୍ଚଳ ଖୋଲାମେଲା ଚୋରା ମଦ କାରବାର ବିପୁଳ ପରିମାଣରେ ଚାଲୁଛି। ଯାହା ଫଳରେ ଅଞ୍ଚଳର ଯୁବକମାନେ ପଥଭ୍ରଷ୍ଟ ହେବା ସହିତ ପରିବାରରେ ସାମାଜିକ କଳହ ସୃଷ୍ଟି ହେଉଛି। ଏହି ଅଞ୍ଚଳରେ କିଭଳି ଚୋରା ମଦ କାରବାର ବନ୍ଦ ହେବ ସେ ଦିଗରେ ସରକାର ଦୃଢ ପଦକ୍ଷେପ ନେବା ପାଇଁ ବିଜୁ ଜନତା ଦଳ ଦାବି କରିଛି। ବିଜେଡିର ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ସାଂସଦ ମହେଶ ସାହୁ, ମୁଖପାତ୍ର ନାରାୟଣ ଜେନା, ଜିଲ୍ଲା ପରିଷଦ ସଦସ୍ୟା ମମତାଞ୍ଜଳି ବେହେରା, ଦେବୀପ୍ରସାଦ ପଟ୍ଟନାୟକ, ପ୍ରଶାନ୍ତ ଦାସ, ମିଳନ ରାଉତ ଓ ପ୍ରଦ୍ୟୁମ୍ନ ବେହେରାଙ୍କ ସମେତ ସ୍ଥାନୀୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ବଜ୍ରପାତରେ ୫ ଚାଷୀ ମୃତ

**କବାଟବନ୍ଧ/ଭଦ୍ରେଶ୍ୱର/ପାରାଦୀପ/କୁଚିଣ୍ଡା/ପାରଳାଖେମୁଣ୍ଡି, ୧୩।୭ (ସମିସ):** ବଜ୍ରପାତ ଆଜି ରାଜ୍ୟରେ ୫ ଚାଷୀଙ୍କ ଜୀବନ ନେଇଛି। କଟକ, ଯାଜପୁର, ଜଗତସିଂହପୁର, ସମ୍ବଲପୁର ଓ ଗଜପତି ଜିଲ୍ଲାରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି। ବିଲରେ କାମ କରୁଥିବା ବେଳେ ଏହି ଅଘଟଣ ଘଟିଛି।

ସୂଚନାନୁଯାୟୀ, ଯାଜପୁର ଜିଲ୍ଲା ମଧୁସୂଦନପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମର ଚାଷୀ ଭାଗୀରଥି ନାୟକ ଓରଫ୍ ଭାଗିନ (୬୫) ଆଜି ଅପରାହ୍ଣରେ ବିଲରେ ଚାଷ କାମ କରୁଥିଲେ। ଏହି ସମୟରେ ପ୍ରବଳ ବର୍ଷା ସହ ବଜ୍ରପାତ ହେବାରୁ ସେ ସେହିଠାରେ ହିଁ ଟଳି ପଡ଼ିଥିଲେ। ପାଖାପାଖି ଅଧଘଣ୍ଟା ପରେ ପରିବାରଲୋକ ତାଙ୍କୁ ଜମିରୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

ସେହିପରି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ପୋଡ଼ାମରାଇ ପଞ୍ଚାୟତ ସିନ୍ଧୁପୁର ଗ୍ରାମର ପ୍ରଦୀପ୍ତ ଖଟୁଆ (୫୦) ଆଜି ବିଲରୁ କାମ ସାରି ଘରକୁ ଫେରୁଥିବା ବେଳେ ଆକସ୍ମିକ ବଜ୍ରପାତ ହେବାରୁ ଟଳି ପଡ଼ିଥିଲେ। ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ତାଙ୍କ ପରିବାର ତରଫରୁ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅନ୍ୟ ଏକ ଘଟଣାକ୍ରମେ ଜଗତସିଂହପୁର ଜିଲ୍ଲା ଫତେପୁର ପଞ୍ଚାୟତ ଜଳଧରପୁର ଗ୍ରାମର ବିଜୟ ସାମଲ ମଧ୍ୟ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ଶ୍ରୀ ସାମଲ ବିଲରେ ତଳି ରୋଉଥିବା ବେଳେ ବଜ୍ରପାତ ହୋଇଥିଲା।

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠ ଗୁମ୍ମା ବ୍ଲକ ଝାମିଗାଁରେ ଜମିରେ କାମ କରୁଥିବା ଜଣେ ମହିଳାଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି। ମୃତକ ହେଲେ, ଝାମିଗାଁ କାଲିସେଟୀ ଆପଲନାଇଡୁଙ୍କ ପତ୍ନୀ କାଲିସେଟୀ ବୃନ୍ଦାବତୀ (୩୨)। ସେ ଧାନ ରୋଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ସେହିପରି ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅଧୀନ ନଗରାବାହାଲ ନିକଟସ୍ଥ ସୁଢ଼େନମାଲ ଗ୍ରାମର କୈଳାସ ସେଉଲ(୩୫) ଓ ଦିନେଶ ଜମୁଡ଼ାଲିଆ ଚାଷ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ କୈଳାସଙ୍କ ମୃତ୍ୟୁ ଘଟିଥିଲା। ଦୁହେଁ ଗ୍ରାମର ଗ୍ରାମର ପିଣ୍ଟୁ ଖୁଣ୍ଟିଆଙ୍କ ଜମିରେ ପହ୍ଲାରୁଆ କରୁଥିବା ବେଳେ ଏହି ଅଘଟଣ ଘଟିଥିଲା।

## ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ପ୍ରତ୍ୟାହୃତ

# ରାଜ୍ୟବାସୀଙ୍କୁ କ୍ଷମା ମାଗିଲା ଡ୍ରାଇଭର ମହାସଂଘ

**ରେଢ଼ାଖୋଲ, ୧୩।୭ (ସମିସ):** ରାଜ୍ୟବାସୀଙ୍କୁ କ୍ଷମା ମାଗି ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ପ୍ରତ୍ୟାହୃତ କଲା ଡ୍ରାଇଭର୍ ମହାସଂଘ। ଆଜି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ରମେଶ ସିଂ ନିର୍ମାଣାଧୀନ ଲଜ୍‌ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସଂପର୍କରେ ଘୋଷଣା କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ପ୍ରଥମ ଦିନରେ ସରକାର ମହାସଂଘ କର୍ମକର୍ତ୍ତାଙ୍କୁ ଡାକି ଆଲୋଚନା କରିଥିଲେ। ଆଲୋଚନା ସନ୍ତୋଷଜନକ ଥିଲେ ବି ଲିଖିତ ଭାବେ ପ୍ରତିଶ୍ରୁତି ଦେବା ପାଇଁ ସରକାରଙ୍କୁ ନିବେଦନ କରାଯାଇଥିଲା। କିନ୍ତୁ ଏଥିରେ ସେମାନେ ଅରାଜି ହୋଇଥିଲେ। ପରେ ଗତ ୯ତାରିଖରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ଦୁଇ ବିଧାୟକ ଆମ୍ଭମାନଙ୍କୁ ଆନ୍ଦୋଳନରୁ ଓହରିଯିବା ପାଇଁ ଅନୁରୋଧ କରିଥିଲେ। ଡ୍ରାଇଭର କଲ୍ୟାଣ ବୋର୍ଡର ସଦସ୍ୟ ବିଧାୟକ ବାବୁ ସିଂ ଗଣମାଧ୍ୟମ ଆଗରେ ଆମ ଦାବିଗୁଡ଼ିକ ଖୁବ୍‌ଶୀଘ୍ର ପୂରଣ କରାଯିବାର ପ୍ରତିଶ୍ରୁତି ଦେଇ ଆନ୍ଦୋଳନକୁ ପ୍ରତ୍ୟାହାର କରିବା ପାଇଁ ଅନୁରୋଧ କରିଥିଲେ। ଆନ୍ଦୋଳନ ଯୋଗୁଁ ଓଡ଼ିଶାବାସୀଙ୍କ ହେଉଥିବା ବିଭିନ୍ନ ଅସୁବିଧା ଏବଂ ବିଶେଷକରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତକୁ ଆଖି ଆଗରେ ରଖି ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲିଙ୍କ ନିର୍ଦ୍ଦେଶକ୍ରମେ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ଯଦି ସରକାର ଆଗାମୀ ଦିନରେ ପ୍ରତିଶ୍ରୁତି ପୂରଣ ନ କରନ୍ତି, ପୁଣି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ମହାସଂଘ ଚେତାବନୀ ଦେଇଛି।

ଅପରପକ୍ଷେ, ଆନ୍ଦୋଳନରେ ସମର୍ଥନ କରିଥିବାରୁ ଓଡ଼ିଶା ବସ୍ ମାଲିକ ସଂଘ, ଓଡ଼ିଶା ଟ୍ରକ୍ ମାଲିକ ସଂଘ, ଓଡ଼ିଶା ମିନି ଟ୍ରକ୍ ମାଲିକ ସଂଘ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ତଥା ଓଡ଼ିଶାର ସମସ୍ତ ଜନସାଧାରଣଙ୍କୁ ଡ୍ରାଇଭର ଏକତା ମହାମଞ୍ଚ କୃତଜ୍ଞତା ଜଣାଉଛି ବୋଲି କୁହାଯାଇଥିଲା। ଆନ୍ଦୋଳନ ଯୋଗୁଁ ଓଡ଼ିଶାବାସୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିବାରୁ ସେଥିପାଇଁ ମହାସଂଘ କ୍ଷମା ପ୍ରାର୍ଥନା କରୁଛି ବୋଲି ମଧ୍ୟ କୁହାଯାଇଥିଲା। ଅପରପକ୍ଷେ, କଂଗ୍ରେସକୁ ମହାସଂଘ ସମର୍ଥନ କରୁଥିବାର ଯେଉଁ ଅପପ୍ରଚାର କରାଯାଉଛି, ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶାର ଡ୍ରାଇଭର ମହାସଂଘର ୩୦ଟି ଜିଲ୍ଲାର ପ୍ରତିନିଧି ଏବଂ ପଦାଧିକାରୀମାନେ ଉପସ୍ଥିତ ରହିଥିଲେ।

# ନାଗକୁ ଧରି ହସ୍ପିଟାଲରେ ପହଞ୍ଚିଲେ

**ବାରିପଦା,୧୩।୭ (ସମିସ):** ସ୍ଥାନୀୟ ପିଆରଏମ୍ ହସ୍ପିଟାଲରେ ରବିବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତିଙ୍କୁ ସାପ କାମୁଡ଼ିବାରୁ ସେ



ସାପକୁ ଧରି ହସ୍ପିଟାଲରେ ପହଞ୍ଚିଛନ୍ତି। ବ୍ୟକ୍ତିଜଣଙ୍କ ହେଲେ, ବାରିପଦା ସଦର ଥାନା ଅଧୀନ ଦାମୋଦରପୁର ଅଞ୍ଚଳର ରଘୁନାଥ ସିଂ (୪୫)।

ରଘୁନାଥ ରବିବାର ଅପରାହ୍ଣରେ ବିଲରେ ଚାଷ କାମ କରୁଥିବା ବେଳେ ଏକ ନାଗ ସାପ ତାଙ୍କ ହାତକୁ କାମୁଡ଼ିଥିଲା। କିନ୍ତୁ ଏଥିରେ ସେ ବିଚଳିତ ନ ହୋଇ ନାଗକୁ କାବୁ କରି ଏକ ଅଖାବୁରାରେ ଭର୍ତ୍ତି କରି ଚିକିତ୍ସା ପାଇଁ ପ୍ରାୟ ୩ଟା ବେଳେ ପିଆରଏମ ହସ୍ପିଟାଲରେ ପହଞ୍ଚିଥିଲେ। ତେବେ ହସ୍ପିଟାଲରେ ରଘୁନାଥଙ୍କୁ ଏଭଳି ଅବସ୍ଥାରେ ଦେଖି ଡାକ୍ତର, ନର୍ସ, ରୋଗୀ ଓ ଉପସ୍ଥିତ ଲୋକମାନେ ଭୟଭୀତ ହୋଇଯାଇଥିଲେ। ତୁରନ୍ତ ସାପ ଉଦ୍ଧାରକାରୀ ଟିମ୍‌କୁ ଡକାଯାଇ ସାପକୁ ଉଦ୍ଧାର କରାଯାଇଥିଲା। ଏହାସହ ରଘୁନାଥଙ୍କ ଚିକିତ୍ସା ଆରମ୍ଭ କରାଯାଇଥିଲା। ହସ୍ପିଟାଲରେ ଚିକିତ୍ସା ପୂର୍ବରୁ କେଉଁ ସାପ ତାଙ୍କୁ ଦଂଶନ କରିଛି, ତାହା ଦର୍ଶାଇବା ପାଇଁ ରଘୁନାଥ ସାଥୀରେ ସାପକୁ ନେଇ ହସ୍ପିଟାଲକୁ ଆସିଥିଲେ ବୋଲି ସୂଚନା ଦେଇଛନ୍ତି।

# ମହାନଦୀରେ ଭାସି ଆସିଲେ ୮ ଟିକିଆ ହାତୀପଲ

**ବୌଦ୍ଧ,୧୩।୭ (ସମିସ):** ମହାନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଭରାନଦୀରେ ଏକ ୮ଟିକିଆ ହାତୀପଲ ପହଁରି ଆସିଛନ୍ତି। ସେମାନଙ୍କ ମଧ୍ୟରେ ୩ଟି ହାତୀଛୁଆ ମଧ୍ୟ ରହିଛନ୍ତି। ଏହି ହାତୀପଲ ମଝି ନଦୀରେ ଥିବା କୁଲାରୀକୁଦ ଦୀପରେ ପହଞ୍ଚି ସେଠାରେ ଥିବା ମନ୍ଦିର ନିକଟରେ ବିଶ୍ରାମ ନେଇଛନ୍ତି। ଖବର ପାଇ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ମହାନଦୀ କୂଳରେ ପହଞ୍ଚିଛି। ଡ୍ରୋନ୍ କ୍ୟାମେରା ମାଧ୍ୟମରେ ହାତୀମାନଙ୍କ ଗତିବିଧି ଉପରେ ସେମାନେ ନଜର ରଖିଛନ୍ତି। କୁଲାରିକୁଦ ଦ୍ୱୀପକୁ ଆସିଥିବା ହାତୀପଲଙ୍କ ମଧ୍ୟରେ ଗୋଟିଏ ଦନ୍ତା, ୩ଟି ଛୁଆ ହାତୀ ଏବଂ ଅନ୍ୟ ୪ଟି ମାଇ ହାତୀ ଅଛନ୍ତି ବୋଲି ବୌଦ୍ଧ ବନଖଣ୍ଡ ଅଧିକାରୀ (ଡିଏଫଓ) ଦେବପ୍ରିୟ କମ୍ପ କହିଛନ୍ତି।

### ଗତିବିଧି ଉପରେ ନଜର ରଖିଛି ବନ ବିଭାଗ

ଏହି ହାତୀପଲ ଏବେ ବି ସେଠାରେ ଅଟକି ରହିଛନ୍ତି। ସେମାନଙ୍କ ମଧ୍ୟରୁ ଗୋଟିଏ ହାତୀ ଜଗିରହିଥିବା ବେଳେ ଅନ୍ୟମାନେ ବିଶ୍ରାମ ନେଉଛନ୍ତି। ସେମାନଙ୍କ ଉପରେ ବନ ବିଭାଗ ଏବେ ବି ତୀକ୍ଷ୍ଣ ନଜର ରଖିଛି। ଏହି ହାତୀପଲ କେଉଁଆଡ଼େ ଯିବେ, ତାହା କହିହେବ ନାହିଁ। ପୁନଃ ଆଠମଲିକ ଅଭିମୁଖେ ଫେରିପାରନ୍ତି ଅବା ବୌଦ୍ଧ ଅଭିମୁଖେ ଆସିପାରନ୍ତି। ତେଣୁ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଆଖପାଖ ଅଞ୍ଚଳର ବିଦ୍ୟୁତ୍ ସରବରାହ ବନ୍ଦ କରି ଦିଆଯାଇଛି। ବୌଦ୍ଧ ଏସିଏଫ୍ ଆଶିଷ କହଁରଙ୍କ ନେତୃତ୍ୱରେ ଫରେଷ୍ଟର ପ୍ରସନ୍ନ ପ୍ରଧାନ, ବନକର୍ମଚାରୀ ପ୍ରଦ୍ୟୁମ୍ନ ବାଘ, ମନୋରଞ୍ଜନ ନାୟକଙ୍କ ସମେତ ବହୁ ବନ କର୍ମଚାରୀ ମର୍ଜାକୁଦ ଲାଞ୍ଜିରେ ଥିବା କୁଲାରୀକୁଦ ଇକୋ ଟୁରିଜମଠାରେ ରହି ଡ୍ରୋନ୍ ସାହାଯ୍ୟରେ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି।

# ବିଦ୍ୟୁତ୍ ଆଘାତରେ ମାଈ ହାତୀ ମୃତ

**ରେଢ଼ାଖୋଲ, ୧୩।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ନାକଟିଦେଉଳ ରେଞ୍ଜ ସରାପାଲି ବିଟ୍ ଟିକିଲିପଡ଼ା ଗ୍ରାମ ଜଙ୍ଗଲ ଚାଷଜମି ନିକଟରେ ଶନିବାର ରାତିରେ ବିଦ୍ୟୁତ୍ ଆଘାତରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ମୃତ ହାତୀର ଆନୁମାନିକ ବୟସ ୭ବର୍ଷ ହେବ ବୋଲି ବନ ବିଭାଗ କହିଛି। ଘଟଣାସ୍ଥଳରେ ରେଢ଼ାଖୋଲ ବନଖଣ୍ଡ ଅଧିକାରୀ ଡ. ଏଲାବରେସନ କେ, ଏସିଏଫ୍ ଗଜେନ୍ଦ୍ର ଅନ୍ଧାଜ, ମାଳତୀଲତା ହାଁସଦା, ନାକଟିଦେଉଳ ରେଞ୍ଜ ଅଧିକାରୀ ଅଶ୍ୱିନୀ କୁମାର ବେହେରା, ଫରେଷ୍ଟର୍ ଅରୁଣ କୁମାର ବେହେରା ପ୍ରମୁଖ ପହଞ୍ଚି ତଦନ୍ତ କରୁଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର

■ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଟିମ୍ ଆସି ତଦନ୍ତ କରିଛନ୍ତି। ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀ ଆସିଲେ ଶବ ବ୍ୟବଚ୍ଛେଦ କରି ପୋତି ଦିଆଯିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଏହାକୁ ମିଶାଇ ଗୋଟିଏ ବର୍ଷ ମଧ୍ୟରେ ନାକଟିଦେଉଳ ସଦର ବନଖଣ୍ଡରେ ୫ଟି ହାତୀର ମୃତ୍ୟୁ ଘଟିଲାଣି। ୧୦ ମାସ ପୂର୍ବରୁ ଚହଟାପଦା ନିକଟରେ ଗୋଟିଏ ଏବଂ ୮ ମାସ ପୂର୍ବରୁ ଘୋଷରାମାଳ ଗ୍ରାମ ବୁରୋମାଳ ଜଙ୍ଗଲରେ ବିଦ୍ୟୁତ୍ ଆଘାତରେ ଆସି ୩ଟି ହାତୀର ମୃତ୍ୟୁ ଘଟିଥିଲା। ଉଭୟ ଘଟଣାରେ ବିଦ୍ୟୁତ୍ ହିଁ ପ୍ରମୁଖକରଣ ବୋଲି ସ୍ପଷ୍ଟ ହୋଇଥିବା ଓ ବାରମ୍ବାର ବିଦ୍ୟୁତ ଆଘାତରେ ହାତୀଙ୍କ ଜୀବନ ଯିବା ବନ ବିଭାଗର ମୁଣ୍ଡବ୍ୟଥାର କାରଣ ସାଜିଛି। ଏହି ଘଟଣାରେ ଆମ୍ବବଗିଚା ଚାଷ ଜମି ନିକଟର ଜଣକୁ ଅଟକ ରଖି ତଦନ୍ତ କରାଯାଉଛି। ରେଢ଼ାଖୋଲ ବନଖଣ୍ଡ ନାକଟିଦେଉଳ ରେଞ୍ଜ ଅଞ୍ଚଳରେ ଦୀର୍ଘଦିନ ହେଲା ହାତୀପଲ ଉପଦ୍ରବ କରୁଥିବା ଦେଖିବାକୁ ମିଳିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜ୍ୟରେ 'ନିର୍ଯାତନା'...

ହୋଇଥିଲେ ହେଁ ତାଙ୍କୁ ନ୍ୟାୟ ଦେବାରେ କଲେଜ କର୍ତ୍ତୃପକ୍ଷ ଓ ସରକାର ବିଫଳ ହେଲେ। ବିଡ଼ମ୍ବନା ହେଉଛି ଏ ସମ୍ପର୍କରେ ଛାତ୍ରୀଜଣକ ସରକାରଙ୍କୁ ଗତ ୧ ତାରିଖରେ ଅବଗତ କରିଥିଲେ, ସ୍ଥାନୀୟ ସାଂସଦଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ ହେଁ କାହିଁକି ଓ କାହା ଚାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ଓ ପରିଣତିସ୍ୱରୂପ ଗୋଟିଏ ଝିଅର ଜୀବନ ନଷ୍ଟ ହୋଇଗଲା ତାହା ସାଧାରଣ ଲୋକଙ୍କୁ ବି ବିଚଳିତ କରିଛି।

ପ୍ରଥମରୁ ଦାୟିତ୍ୱରେ ଅବହେଳା କରିଥିବା ଉଚ୍ଚଶିକ୍ଷା ବିଭାଗ ତଦନ୍ତ ପାଇଁ ଏକ କମିଟି ଗଢ଼ିଛି। ଏହି କମିଟି ବାଲେଶ୍ୱରରେ ତଦନ୍ତ ଆରମ୍ଭ କରିଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏମ୍ସରେ ପୀଡ଼ିତା ଛାତ୍ରୀଙ୍କୁ ଭେଟିଛନ୍ତି, ତାଙ୍କୁ ଦିଲ୍ଲୀ ଏମ୍ସକୁ ଚିକିତ୍ସା ନିମନ୍ତେ ପଠାଇବା ନିମନ୍ତେ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କୁ ନିଶାଣ କରିଛନ୍ତି। ରାଜ୍ୟରେ ମହିଳା ବିରୋଧୀ ହିଂସା ଚରମସ୍ଥିତିରେ ପହଞ୍ଚିଛି, ତେଣୁ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ନିମନ୍ତେ ବିଜେଡି ଓ କଂଗ୍ରେସ ଦାବି କରିଛନ୍ତି ଓ ଆସନ୍ତାକାଲି ତାଙ୍କୁ ଭେଟିବାକୁ ସମୟ ମାଗିଛନ୍ତି। ଅନ୍ୟପକ୍ଷରେ ବିଜେଡି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ତାଙ୍କ ବାସଭବନ ଘେରାଉ କରିଛି। ସେହିପରି ପିସିସି ସଭାପତି ମଧ୍ୟ ଏହି ଘଟଣାରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ରାଜ୍ୟରେ ମହିଳା ହିଂସାକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି।

### ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା...

କମି ଯାଇଥିବାରୁ କିଡ଼ନୀ କାମ କରୁନାହିଁ। ପରିସ୍ରା ହେଉ ନଥିବାରୁ କିଡ଼ନୀକୁ କ୍ରିୟାଶୀଳ କରିବା ଲାଗି ସାଲାଇନ ଓ ଅନ୍ୟାନ୍ୟ ଚିକିତ୍ସା କରାଯାଉଛି। ନିଆଁ ଯୋଗୁଁ ରକ୍ତରେ ଏସିଡ଼୍ ଅଂଶ ବ୍ୟାପି ଯାଇଥିବା ଟିଏଲ୍‌ସି ପରୀକ୍ଷାରୁ ସୂଚନା ମିଳିଛି। ପୀଡ଼ିତା ୫ ଗୁଣ ଅଧିକ ସଂକ୍ରମଣର ଶିକାର ହୋଇଛନ୍ତି। ରକ୍ତଚାପ, ପଲ୍‌ସ, ରେସ୍ପିରେଟର ରେଟ୍ ଆଦି ନିୟନ୍ତ୍ରଣ କରିବା ପାଇଁ ହେମୋଡାଇନାମିକ୍ ମନିଟରିଂ କରାଯାଉଛି। ଇଞ୍ଜେକ୍ସନ ମଧ୍ୟ ଦିଆଯାଉଛି; ସୁଗାର ଲେବଲ୍ ଉପରେ ଦୃଷ୍ଟି ରଖାଯାଇଥିବା ବେଳେ ଭିଟାମିନ ସି, ଡି, ଏ, ଜିଙ୍କ୍ ସପ୍ଲିମେଣ୍ଟ ଦିଆଯାଉଛି। ହାର୍ଟ ବିଟ୍ ରେଟ୍ ୧୮୦ ବିପିଏମ୍ ରହିଥିବା ବେଳେ ଅମ୍ଳଜାନ ସ୍ତର ୯୮ ପ୍ରତିଶତ ରହିଛି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟବସ୍ଥା ଜଟିଳ ଥିବା ନେଇ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିବା ଡାକ୍ତର ଗିରି କହିଛନ୍ତି। ସୌମ୍ୟାଶ୍ରୀଙ୍କ ଉନ୍ନତ ଚିକିତ୍ସା ପାଇଁ ଏମ୍ସ ପକ୍ଷରୁ ୧୦ ଜଣ ଅଭିଜ୍ଞ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ନିଶ୍ଚେତକ ବିଭାଗର ପ୍ରଫେସର ଜୟନ୍ତ ମିତ୍ର, ଜେନେରାଲ ମେଡିସିନ ବିଭାଗର ପ୍ରଫେସର ଡାକ୍ତର ଅନୁପମ ଦେ, ପଲ୍‌ମୋନାରି ମେଡିସିନର ପ୍ରଫେସର ମନୋଜ ପାଣିଗ୍ରାହୀ, ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବିଭାଗର ଅତିରିକ୍ତ ପ୍ରଫେସର ଡାକ୍ତର ସଞ୍ଜୟ ଗିରି, ସହକାରୀ ପ୍ରଫେସର ଡାକ୍ତର ଶାନ୍ତନୁ ସୁବା, କାର୍ଡିଓଲୋଜି ବିଭାଗର ସହକାରୀ ପ୍ରଫେସର ଡାକ୍ତର ଦେବାଶିଷ ଆଚାର୍ଯ୍ୟ, ନେଫ୍ରୋଲୋଜିର ସହକାରୀ ପ୍ରଫେସର ଡାକ୍ତର ସନ୍ଦୀପ ପଣ୍ଡା, ନିଶ୍ଚେତକ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଦେବିଶ୍ରୀ ଦାସ, ନର୍ସିଂ ଅଧୀକ୍ଷକ ଡାକ୍ତର ମହାଲିଙ୍ଗମ ଓ ଆସିଷ୍ଟାଣ୍ଟ ନର୍ସିଂ ଅଧୀକ୍ଷକ ପ୍ରିୟଦର୍ଶିନୀ ସାହୁଙ୍କୁ ନେଇ କମିଟି ଗଠନ ହୋଇଥିବା ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଶେଷଜ୍ଞ ଡାକ୍ତର କମିଟି ପୀଡ଼ିତାଙ୍କ ଚିକିତ୍ସାର ତଦାରଖ କରୁଛନ୍ତି। ଅନ୍ୟପକ୍ଷରେ ସୌମାଶ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ କିଛି ସୁଧାର ଆସିନାହିଁ ବୋଲି ଭୁବନେଶ୍ୱର ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ କହିଛନ୍ତି। ସୌମ୍ୟାଶ୍ରୀଙ୍କ ଶରୀରର ୯୫ ପ୍ରତିଶତ ପୋଡ଼ି ଯାଇଥିବା ବେଳେ ଆଭ୍ୟନ୍ତରୀଣ ଅଙ୍ଗରେ ମଧ୍ୟ ଆଘାତ ଲାଗିଛି। ଏମିତିକି ତାଙ୍କ କିଡ଼ନୀ ଓ ଫୁସ୍‌ଫୁସ୍ ମଧ୍ୟ ପ୍ରଭାବିତ ହୋଇଛି। ବିଭିନ୍ନ ବିଭାଗର ଡାକ୍ତର ତାଙ୍କ ଚିକିତ୍ସା କରୁଛନ୍ତି। ସୌମ୍ୟାଶ୍ରୀଙ୍କୁ ଆଇସିୟୁ ଭେଣ୍ଟିଲେଟର୍‌ରେ ରଖାଯାଇଛି। ତାଙ୍କ ପାଇଁ ଆସନ୍ତା ୨୪ରୁ ୪୮ ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ବିଶ୍ୱାସ କହିଛନ୍ତି।

### ରାଜ୍ୟପାଳ ହସ୍ତକ୍ଷେପ...

ଗଭୀର ବିଚଳିତ ଓ ମର୍ମାହତ କରିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି। ଜଣେ ଶିକ୍ଷକ ଛାତ୍ରୀଙ୍କୁ ବାରମ୍ବାର ଯୌନ ଅନୁଗ୍ରହ ଦାବି କରି ଯୌନ ନିର୍ଯାତନା ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ଅଧକ୍ଷଙ୍କୁ ଲେଖିଥିବା ଚିଠିରେ ସେ ଏହା ବର୍ଣ୍ଣନା କରିଛନ୍ତି। ଏହା ପୂର୍ବରୁ ସେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିବା ଉଲ୍ଲେଖ କରିଛନ୍ତି। ମାସ ମାସ ଧରି ସେ ଭୟ ଏବଂ ଯନ୍ତ୍ରଣାରେ ରହୁଥିଲେ। ଜୁଲାଇ ୧ ତାରିଖରେ ସେ ଅନେକ ଉଚ୍ଚ ପଦାଧିକାରୀଙ୍କୁ ଟ୍ୟାଗ୍ କରି ସୋସିଆଲ ମିଡିଆରେ ତାଙ୍କର ଅଭିଯୋଗ ପୋଷ୍ଟ କରିଥିଲେ। ମାତ୍ର ଏହି ଘଟଣାକୁ କେହି ଶୁଣିଲେ ନାହିଁ କିମ୍ବା ସାହାଯ୍ୟ କଲେ ନାହିଁ। ଏଭଳି ସ୍ପର୍ଶକାତର ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ, ସେ ଦୁଃଖଦ ଭାବରେ କଲେଜ ଅଧକ୍ଷଙ୍କ ଚାମ୍ବର ବାହାରେ ନିଜକୁ ନିଆଁ ଲଗାଇ ଦେଲେ। ଏପରି ମର୍ମନ୍ତୁଦ ଘଟଣା ଅପ୍ରିୟ ବାସ୍ତବତାକୁ ଦର୍ଶାଉଛି ଯେ, କିପରି ସେ ଅଧକ୍ଷଙ୍କଠାରୁ ଆରମ୍ଭ କରି, ଉଚ୍ଚଶିକ୍ଷାମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ମଧ୍ୟ ନ୍ୟାୟ ପାଇପାରିଲେ ନାହିଁ। ସେ ପୁଣି କହିଛନ୍ତି ଯେ ଆମର ଉଚ୍ଚଶିକ୍ଷା ଢାଞ୍ଚାରେ ରାଜ୍ୟପାଳ ଏଫଏମ ବିଶ୍ୱବିଦ୍ୟାଳୟ ସମେତ ପ୍ରମୁଖ ସରକାରୀ ପରିଚାଳିତ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତି ଭାବରେ କାର୍ଯ୍ୟ କରନ୍ତି। ଏଣୁ ନ୍ୟାୟ ପାଇଁ ଆପ୍ରାଣ ଉଦ୍ୟମ କରିଥିବା ପୀଡ଼ିତା ଛାତ୍ରୀ ଯେପରି ନ୍ୟାୟ ପାଇବେ ତାହା ସୁନିଶ୍ଚିତ କରିବା ପାଇଁ ଏହି ଘଟଣାରେ ରାଜ୍ୟପାଳଙ୍କ ତୁରନ୍ତ ହସ୍ତକ୍ଷେପ ଲୋଡ଼ା ବୋଲି ନବୀନ କହିଛନ୍ତି।

### ସାରା ଦେଶରେ...

ବାଂଲାଦେଶ ଓ ମିଆଁମାରରୁ ଆସିଥିବା ଲୋକଙ୍କର ନାମ ରହିଥିବାର ଜାଣିବାକୁ ପାଇଛୁ ବୋଲି ଅଧିକାରୀମାନେ କହିଛନ୍ତି। ଅଗଷ୍ଟ ୧ରେ ବାହାରୁ ଆସିଥିବା ଏହିଭଳି ଲୋକଙ୍କୁ ଯାଞ୍ଚ କରାଯିବ। ସେପ୍ଟେମ୍ବର ୩୦ରେ ଅନ୍ତିମ ଭୋଟର ତାଲିକା ଜାରି କରାଯିବ ଓ ଏଥିରେ ଅବୈଧ ପ୍ରବାସୀଙ୍କ ନାମକୁ ସାମିଲ କରାଯିବ ନାହିଁ। ନିର୍ବାଚନ ପ୍ରକ୍ରିୟାକୁ ଆହୁରି ସ୍ୱଚ୍ଛ କରିବାକୁ ନିର୍ବାଚନ କମିଶନ ଏଭଳି ପ୍ରୟାସ ଆରମ୍ଭ କରିଛି ବୋଲି କୁହାଯାଉଛି।

### ବାଲେଶ୍ୱରରେ ଖୋଳତାଡ଼...

ଉଦ୍ୟମ କଲେ, ସେ ନିର୍ଯାତନାର ଶିକାର ହେବା ପରେ କଲେଜ କର୍ତ୍ତୃପକ୍ଷ କାହିଁକି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ ଆଦି ବିଭିନ୍ନ ଦିଗ ଉପରେ ଟିମ୍ ତଦନ୍ତ କରିଛି। ଏହାସହ ମହାବିଦ୍ୟାଳୟରେ ଗଠିତ ହୋଇଥିବା ଆଇସିସି ଟିମ୍‌କୁ ମଧ୍ୟ ପଚରାଉଚରା କରିଛନ୍ତି। ଏହି ଟିମ୍ ଦୀର୍ଘ ୪ ଘଣ୍ଟା ଧରି ତଦନ୍ତ କରିଥିବା ଜଣାଯାଇଛି। ତଦନ୍ତକାରୀ କମିଟି ପକ୍ଷରୁ କୁହାଯାଇଛି ଯେ ଆଜି ପ୍ରାଥମିକ ତଦନ୍ତ ହୋଇଛି। ପ୍ରଥମେ ନିଲମ୍ବିତ ଅଧକ୍ଷ ଓ ଆଇସିସି କମିଟିର ସଦସ୍ୟଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ସେମାନଙ୍କୁ ମାରାଥନ୍ ପଚରାଉଚରା କରାଯାଇଛି। ପୁନର୍ବାର ସମସ୍ତଙ୍କୁ ଡକାଯାଇ ତଦନ୍ତ କରାଯିବ। ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟ ସରକାରଙ୍କୁ ଏହାର ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରାଯିବ ବୋଲି ଟିମ୍‌ର ଅଧକ୍ଷ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। ପରେ ଅପରାହ୍ଣରେ କ୍ରାଇମବ୍ରାଞ୍ଚର ଏକ ୱିମେନ ୱିଙ୍ଗ୍ ଆସି ଘଟଣାର ତଦନ୍ତ କରିଛନ୍ତି। ଏହି ଟିମ୍‌ରେ ଜଣେ ଅତିରିକ୍ତ ଏସ୍‌ପି ଓ ଜଣେ ଡିଏସ୍‌ପି ରହିଛନ୍ତି। ଏହି ଟିମ୍ ଅପରାହ୍ଣ ୫ଟା ପରେ ପହଞ୍ଚିବା ପରେ ପ୍ରଥମେ ନିଲମ୍ବିତ ଅଧକ୍ଷ ଦିଲ୍ଲୀପ କୁମାର ଘୋଷଙ୍କ ସହ ଆଲୋଚନା କରିଛନ୍ତି। ପରେ ସେମାନେ କଲେଜରେ ତଦନ୍ତ ପାଇଁ ହୋଇଥିବା କମିଟି ଓ ପୀଡ଼ିତାଙ୍କ ପରିବାର ସହ ଆଲୋଚନା କରିଥିବା ଜଣାଯାଇଛି।

ଅପରପକ୍ଷେ, ଏହି ତଦନ୍ତରେ ସାମିଲ ହେବା ପାଇଁ ପୀଡ଼ିତାଙ୍କ ଭାଇ ସୌମ୍ୟରଞ୍ଜନ ଆଜି କଲେଜକୁ ଆସିଥିଲେ। ହେଲେ ତାଙ୍କୁ ସେଠାରୁ ଫେରାଇ ଦିଆଯାଇଥିଲା ଏବଂ ପରେ ତାଙ୍କୁ ଡକାଯିବ ବୋଲି କୁହାଯାଇଥିଲା। ଏହି ଅବସରରେ ସେ ଗଣମାଧ୍ୟମକୁ କହିଛନ୍ତି ଯେ ସେ କଲେଜର ନିଲମ୍ବିତ ଅଧକ୍ଷ ଦିଲ୍ଲୀପକୁମାର ଘୋଷଙ୍କୁ ଚାକିରରୁ ବହିଷ୍କାର କରାଯିବା ସହ ଗିରଫ କରାଯାଉ ବୋଲି ଥାନାରେ ଅଭିଯୋଗ କରିଛନ୍ତି। ଅଧକ୍ଷଙ୍କ କାର୍ଯ୍ୟାଳୟରୁ ବାହାରିବା ପରେ ଭଉଣୀ ଦେହରେ ପେଟ୍ରୋଲି ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏହି ଘଟଣାର ମୁଖ୍ୟ କାର୍ପଟଦାର ବିଭାଗୀୟ ଏଚ୍‌ଓଡି ଏବଂ କଲେଜର ନିଲମ୍ବିତ ଅଧକ୍ଷ। ୬ମାସ ଧରି ସେମାନେ ମୋ' ଭଉଣୀକୁ ନିର୍ଯାତନା ଦେଉଥିଲେ। ଗତକାଲି ବି ଭଉଣୀ ନ୍ୟାୟ ଆଶାରେ କଲେଜକୁ ଯାଇଥିଲା। ସେଠାରେ ତାଙ୍କୁ ବନ୍ଦ କୋଠରିରେ କିଛି ଏଭଳି କୁହାଯାଇଥିଲା ଯାହାଦ୍ୱାରା ଏଭଳି ଚରମ ନିଷ୍ପତ୍ତି ନେବାକୁ ସେ ବାଧ୍ୟ ହୋଇଥିଲା ବୋଲି ସୌମ୍ୟରଞ୍ଜନ କହିଛନ୍ତି।

**AFFIDAVIT**

By virtue of an affidavit sworn before The Notary Public, Sunabeda No. 275 dated 11/07/2025 I, Sri Sarat Talab, S/o - Ratnakar Talab, Village - Bahiripada, PO.- Nandapur, PS.- Nandapur, District- Koraput declare that, I have changed my son's name from **Udit Kumar Talab** to **Udaya Kumar Talab**. Henceforth, my son shall be known as **Udaya Kumar Talab** for all purposes.
Sd/- **Sarat Talab**

**AFFIDAVIT**

By virtue of an affidavit sworn before Executive Magistrate, PURI , dated 04/03/2025. I, RAMACHANDRA JENA , Address VTC - APITHI, P.S. - BHAMAGIRI, PURI declare that I have changed my name from SHRIRAM JENA to RAMACHANDRA JENA Henceforth, I shall be known as RAMACHANDRA JENA for all purposes.
RAMACHANDRA JENA

**PUBLIC NOTICE**

Notice is hereby given to the general public that the Partnership Firm under the name and style of "NALANDA PUBLICATION" having its principal place of business at Sukadev Bhawan, Holding No.348/8,Ward No.13, Masjid Lane, Nimchori, PO:- Chandini Chouk, Cuttack,PIN:-753002 has been dissolved as per the Dissolution Deed dated 24/05/ 2025 mutually executed by all the partners.
Sd/-
1.Smt.Arati Sahoo.
2.Smt.Rasmita Sahu.
3.Sri Subhashish Sahu.
4.Sri Soumya Prakash Sahoo

## ଚାନ୍ଦୋଲ-ଦାନପୁର ରାସ୍ତା ଶୋଚନୀୟ


ଡେରାବିଶ, ୧୩।୭ (ସମିସ): କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଲଠାରୁ ଦାନପୁର ଲୁଣାନଦୀ ସେତୁ ଯାଏ ୩ କିଲୋମିଟର ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ପ୍ରତିବର୍ଷ ଏହି ରାସ୍ତାଟି ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ନିର୍ମାଣ କରାଯାଏ । ଦୁଇଥର ମରାମତି କରାଯାଇଥାଏ । ଚଳିତ ବର୍ଷ ବର୍ଷାଋତୁ ପୂର୍ବରୁ ଏହି ରାସ୍ତା ମରାମତି ହୋଇପାରିନାହିଁ।



ଫଳରେ ଗତ ଲଘୁଚାପ ବର୍ଷାରେ ଏହି ରାସ୍ତାର ବହୁ ସ୍ଥାନରେ ୧ ଫୁଟ ଗଭୀରର ଖାଲ ହୋଇଥିବାବେଳେ ରାସ୍ତାର ଅନେକ ସ୍ଥାନରୁ ପିଚୁ ଉଠିଯିବା ସହ ବହୁ ସଂଖ୍ୟାରେ ଛୋଟ ଛୋଟ ଖାଲ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ନିକଟସ୍ଥ ଲୁଣାନଦୀର ବିଭିନ୍ନ ବାଲିଘାଟରୁ ଶହ ଶହ ହାଇୱା ଭଳି ଭାରୀଯାନରେ ବାଲି ଚାଲାଣ ହୋଇ ଯାତାୟତ କରିବା କାରଣରୁ ଏହା କ୍ରମେ ଦୁର୍ବଳ ହୋଇ ନଷ୍ଟ ହୋଇଯାଉଛି। ଫଳରେ ବର୍ଷାଋତୁ ପୂର୍ବରୁ ଓ ଅକ୍ଟୋବର-ନଭେମ୍ବର ମାସରେ ମରାମତି କରାଯାଇଥାଏ। ଏହି ରାସ୍ତାଟ ଏବେ ଯାତାୟତ ପାଇଁ ଅନୁପଯୋଗୀ ହୋଇପଡ଼ିଛି। ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବଜ୍ରପାତରେ ବଡ଼କୂଳ ସାଇ ମନ୍ଦିରରେ ଫାଟ

ମହାକାଳପଡ଼ା,୧୩।୭ (ସମିସ): ମହାକାଳପଡ଼ା ବ୍ଲକ୍ ବଡ଼କୂଳ ପଞ୍ଚାୟତର ବଡକୂଳ ଗ୍ରାମରେ ଆଜି ଏକାଧିକ ସ୍ଥାନରେ ବଜ୍ରପାତ ହୋଇ ବହୁ କ୍ଷୟକ୍ଷତି ହୋଇଛି। ଅପରାହ୍ନରେ ହଠାତ୍ ବର୍ଷା ଓ ଘଡଘଡି ପ୍ରକୋପ ଯୋଗୁଁ ସାଧାରଣ ଜୀବନଯାପନ ପ୍ରଭାବିତ ହୋଇଥିଲା। ଗ୍ରାମର ମାଉଣ୍ଟ ନିକଟସ୍ଥ ସାଇ ମନ୍ଦିର ଉପରେ ବଜ୍ରପାତ ହୋଇ ଫାଟ ସୃଷ୍ଟି ହୋଇଛି। ଆର୍ଥିଂ ବ୍ୟବସ୍ଥା କରାଯାଇଥିବାରୁ ବଡ଼ଧରଣର କ୍ଷତି ହୋଇନାହିଁ। ମନ୍ଦିରର ଦଧିନଉତି ତଳକୁ ଚାରିପଟୁ ଫାଟ ସୃଷ୍ଟି ହେବା ସହ କିଛି ସ୍ଥାନରେ ଇଟା ଖସିପଡିଥିବା ଦେଖିବାକୁ ମିଳିଛି। ସେହିପରି ଗ୍ରାମର ମଧ୍ୟସ୍ଥଳୀରେ ଥିବା ଶିବମନ୍ଦିର ନିକଟ ଏକ ଚାଖୁଣ୍ଡା ଗଛର ବଡ଼ ଡାଳ ଭାଙ୍ଗିପଡିଥିବା ଜଣାପଡ଼ିଛି।



**ଡ୍ରେନେଜ୍ ବିଭାଗର ଖାମଖିଆଲ ନୀତି**

# ମରାମତି ହେଉନି ନୂଆହାଟ ପାଟନାଳି ସଟର୍

ପଞ୍ଚୁପାଣ୍ଡବ,୧୩।୭ (ସମିସ):



**ବନ୍ୟା ହେଲେ ଧୋଇନେବ ଧାନ ଫସଲ**

ଡେରାବିଶ ତହସିଲ ଅଧୀନ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମରେ ଥିବା ନୂଆହାଟ ପାଟନାଳିର ୪ଟି ସଟର ଦୀର୍ଘଦିନ ହେଲା ଭାଙ୍ଗିଯାଇଥିବା ଦେଖିବାକୁ ମିଳୁଛି। ବାରମ୍ବାର ଚାଷୀଙ୍କ ଅଭିଯୋଗ ସତ୍ତ୍ୱେ ଡ୍ରେନେଜ ବିଭାଗର ଖାମଖିଆଲି ମନୋଭାବ ଯୋଗୁଁ ଶହ ଶହ ଚାଷୀ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ବନ୍ୟା ହେଲେ ନିକଟରେ ଥିବା ଗୋବରୀ ନଦୀରେ ଅଧିକା ପାଣି ହୋଇ ଏହି ନୂଆହାଟ ପାଟକୁ ପାଣି ପସି ମାସାଧିକ ପାଣି ଜମି ରହିଥାଏ। ପାଟରୁ ବନ୍ୟା ଜଳ ଗୋବରୀ ନଦୀକୁ ନିଷ୍କାସନ ହେବା ବଦଳରେ ଓଲଟା ପାଟକୁ ପାଣି ଯାଇଥାଏ। ଫଳରେ ପାଟରେ ହୋଇଥିବା ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇ ନଷ୍ଟ ହୋଇଥାଏ। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା କେହି ସମସ୍ୟାକୁ ସମାଧାନ କରୁ ନ ଥିବା ଅଭିଯୋଗ ହେଉଛି। ଯେତେ ଶୀଘ୍ର ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଭଙ୍ଗା ସଟରକୁ ମରାମତି କରିବା ପାଇଁ ଦୋଳଗୋବିନ୍ଦ ଦାସ, କାମଦେବ ନାୟକ, ବୃନ୍ଦାବନ ମଣ୍ଡଳ, ପୁରସ୍ତମ ମଲିକ, ଶୈଳେନ୍ଦ୍ର ସାହୁ, ଉପେନ୍ଦ୍ର ସାହୁ, ଗୌରାଙ୍ଗ ମହାରଣା ଓ ବିଜୟ ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି।

## ପୂର୍ବତନ ସରପଞ୍ଚ ବାଇଧର ନାୟକଙ୍କ ପରଲୋକ

ଗୋବିନ୍ଦପୁର,୧୩।୭ (ସମିସ): ଆଳି ବ୍ଲକ୍ ଅନ୍ତର୍ଗତ କେତୁଆପଲ ପଞ୍ଚାୟତ ହିଞ୍ଜଳ ଗ୍ରାମର ବରିଷ୍ଠ ବିଜେଡି ସଂଗଠକ ତଥା ପୂର୍ବତନ ସରପଞ୍ଚ ବାଇଧର ନାୟକଙ୍କ ୬୬ ବର୍ଷ ବୟସରେ ଗତକାଲି ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କ ପରଲୋକରେ ଧୋୟାଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଆଜି ମରଶରୀର ଗ୍ରାମ୍ୟ ପରିକ୍ରମା କରି ଅନ୍ତିମ ସତ୍କାର କରାଯାଇଥିଲା।



ବଡ଼ପୁଅ ସିପୁ ନାୟକ ମୁଖାଗ୍ନି ଦେଇଥିଲେ। ଆଳି ବିଧାୟକ ପ୍ରତାପ କିଶୋରୀ ଦେବ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ପରିଷଦ ସଭ୍ୟା କନକଲତା ବେହେରା, ପ୍ରାକ୍ତନ ସରପଞ୍ଚ ସୁରେଶ ଜେନା, ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ, ଯୁବ ସଂଗଠକ ସୁଦର୍ଶନ ସାମଲ, ମନୋଜ ଦାସ, ସତ୍ୟବ୍ରତ ସାମଲ, କେଦାରନାଥ ବେହେରା, ପୂର୍ବତନ ସରପଞ୍ଚ ନିଖିଳ ସାମଲ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ମଲ୍ଲିକ, ସାମ୍ବାଦିକ ଅନଙ୍ଗ ଉଦୟବେଉରିଆ, ଜ୍ଞାନେନ୍ଦ୍ର ସାମଲ, ସଂଗଠକ ଅଧର କୁମାର ସାମଲ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଆମ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ସହାୟତା

ଆଳି, ୧୩।୭ (ସମିସ): ଅରେହିକଣା ପଞ୍ଚାୟତ କୁମ୍ଭାରଟଙ୍କା ଗ୍ରାମର ଶରତ ନାୟକଙ୍କ ସାନଝିଅ ଶ୍ରାବଣୀରାଧା ନାୟକଙ୍କ ପଢିବା ପାଇଁ ଆଳିର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଶରତ ନାୟକ (୫୨) ଜଣେ ବ୍ୟବସାୟୀ। ସେ ୧୧ ମାସ ଧରି ନିଖୋଜ ଅଛନ୍ତି। ଶରତ ଗାଁ ଗାଁ ବୁଲି ପୂଜା ସାମଗ୍ରୀ ବିକ୍ରି କରନ୍ତି। ଏଥିସହିତ ନିଆଳ ହାଟରେ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାନ୍ତି। ସେ ଘରର ଏକମାତ୍ର ରୋଜଗାରିଆ ହୋଇଥିବାରୁ ସେପ୍ଟେମ୍ବର ମାସରୁ ସେ ନିଖୋଜ ହେବା ଦିନଠାରୁ ତାଙ୍କ ପରିବାରରେ ଥିବା ତାଙ୍କ ସ୍ତ୍ରୀ ଅନୁପମା, ବଡ଼ଝିଅ ଶ୍ରଦ୍ଧାଞ୍ଜଳି ଓ ସାନଝିଅ ଶ୍ରାବଣୀଙ୍କ ପକ୍ଷେ ଜୀବନଯାପନ କରିବା କଷ୍ଟକର ହୋଇପଡିଛି। ବଡ଼ଝିଅ ଭୁବନେଶ୍ୱରରେ ଏକ ଘରୋଇ କଲେଜରେ ବିଟେକ ପଢୁଥିବାବେଳେ ବାପାଙ୍କ ନିଖୋଜ ପରେ ପାଠପଢ଼ା ଅଧାରୁ ଛାଡ଼ି ଘରେ ଅଛି। ସାନଝିଅ ଚଳିତ ବର୍ଷ ମାଟ୍ରିକ ପାସ କରି ଘରେ ରହୁଥିଲା। ସାନଝିଅ ଶ୍ରାବଣୀ ପଢ଼ିବାକୁ ଆଶା ରଖିଥିବାବେଳେ ଘରର ଏଭଳି ପରିସ୍ଥିତିରେ ଆଗକୁ ପାଠପଢ଼ା ପାଇଁ ଆଶା ହରାଇ ବସିଥିଲା। ଶରତଙ୍କ ପତ୍ନୀ ଅନୁପମା ଆମ ସ୍ୱାଭିମାନ ଟ୍ରଷ୍ଟର ପରିଚାଳକ ଦେବେନ୍ଦ୍ର ଦାଶଙ୍କୁ ଫୋନ ଯୋଗେ ଜଣାଇଥିଲେ। ଟ୍ରଷ୍ଟର ସଭାପତି ବିନୋଦ ତରାଇଙ୍କ ସହ ଆଲୋଚନା କରାଯାଇ ଶ୍ରାବଣୀ ଓ ତାଙ୍କ ମାଆଙ୍କୁ ସାଥିରେ ନେଇ ଟ୍ରଷ୍ଟର ସଦସ୍ୟ ଭାସ୍କର ସାହୁ, ପ୍ରଶାନ୍ତ ବିଶ୍ୱାଳ ଓ ବିଶ୍ୱନାଥ ଦାସ ଶ୍ରାବଣୀଙ୍କର +୨ରେ ନାମ ଲେଖାଇଥିଲେ। ଅନୁପମା ଆମ ସ୍ୱାଭିମାନ ଟ୍ରଷ୍ଟକୁ କୃତଜ୍ଞତା ଜଣାଇଛନ୍ତି। ସ୍ୱାମୀ ଶରତ ନାୟକ ନିଖୋଜ ହେବା ପରେ ସେ ଆଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ନିଖୋଜ ସ୍ୱାମୀଙ୍କୁ ଖୋଜି ଆଣିବାକୁ ପୁଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଅନୁପମା ନିବେଦନ କରିଛନ୍ତି।

## ଗାଁ ପାଇଁ ଗଛଟିଏ କାର୍ଯ୍ୟକ୍ରମ

 କେନ୍ଦ୍ରାପଡ଼ା, ୧୩।୭ (ସମିସ): ଆଜି ମୋ ଗାଁ, ମୋ ସ୍ୱାଭିମାନ ଅନୁଷ୍ଠାନ ପକ୍ଷରୁ ଗାଁ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଆବାହକ ବଳରାମ ସେଠୀଙ୍କ ନେତୃତ୍ୱରେ ପ୍ରଥମେ କୋରୋ ଜଗନ୍ନାଥ ମନ୍ଦିରଠାରୁ ଉଛରପଡ଼ା ପର୍ଯ୍ୟନ୍ତ ନିମ୍ବ, ହରିଡ଼ା, ବାହାଡା, କରଞ୍ଜ ଆଦି ୧୦୦ରୁ ଊର୍ଦ୍ଧ୍ୱ ଔଷଧୀୟ ବୃକ୍ଷ ଚାରା ରୋପଣ କରାଯାଇ ଚତୁର୍ପାଶ୍ୱରେ ବାଡ଼ ଦିଆଯାଇଥିଲା। ଅପରାହ୍ନରେ ସ୍ଥାନୀୟ କୋରୋ ସରସ୍ୱତୀ ଛକଠାରେ ବିଭିନ୍ନ ଫଳ ବୃକ୍ଷ ଆମ୍ବ, ପିଜୁଳି, ଲେମ୍ବୁ, ପଣସ, ଲାଲଚନ୍ଦନ ଆଦି ବୃକ୍ଷ ବଣ୍ଟନ କରାଯାଇ ଲୋକଙ୍କୁ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପିଏମଶ୍ରୀ କୋରୋ ପଞ୍ଚାୟତ ହାଇସ୍କୁଲର ଗାଇଡ଼ ପିଲାଙ୍କ ସମେତ ଖଗେଶ୍ୱର ସୂତାର, ରଞ୍ଜନ ମଳିକ, ଶ୍ରୀଧର ବେହେରା, ଜୟପ୍ରକାଶ ବରାଳ, ଦିଲ୍ଲୀପ ରାଉତ, ପ୍ରଫୁଲ୍ଲ ମଳିକ, ମେଘନାଦ ମଳିକ, ସଞ୍ଜୟ ପାତ୍ର, ରଞ୍ଜନ ବାରିକ, ପ୍ରଶାନ୍ତ ସାହୁ, ଗିରିଧାରୀ ମଳିକ, ଭଜନ ସୂତାର, ସୁଶାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ।



## ଶିକ୍ଷାବିତ ଅଜୟ ରାଉତଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା,୧୩।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତିଭା ପୂଜା ସଂସଦ ଓ ଜିଲ୍ଲା ବୋଇତ ବନ୍ଦାଣ ସମିତି ମିଳିତ ଆନୁକୂଲ୍ୟରେ କପାଳେଶ୍ୱର ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଶିଷ୍ଟ ଶିକ୍ଷାବିତ ତଥା କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ପ୍ରାଧ୍ୟାପକ ଡ. ଅଜୟ କୁମାର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନିକଟରେ ପ୍ରାଧ୍ୟାପକ ଡ. ରାଉତ ଆମେରିକାର କେନେଡି ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ଲାଭ କରିଥିଲେ। ଏ ଉପଲକ୍ଷେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ ମହାନ୍ତି ସଭାପତିତ୍ୱ କରି କହିଲେ, ଡ. ରାଉତ କେନ୍ଦ୍ରାପଡ଼ା ଜିଲ୍ଲାରେ ଶିକ୍ଷାର ପ୍ରଚାର ପ୍ରସାର ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ସମାଜସେବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ଡ. ରାଉତ ଉଭୟ ଅନୁଷ୍ଠାନର ସଦସ୍ୟ ହୋଇଥିବାରୁ ତାଙ୍କୁ ଏ ଅବସରରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହିତ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା। ଅତିଥି ଭାବେ ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, ସୁଶୀଲ ସାମଲ, ପ୍ରଫୁଲ୍ଲ ଦାସ ଓ ଚିତ୍ତରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଡ. ରାଉତଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ସୁଦର୍ଶନ ମହାପାତ୍ର, ରବୀନ୍ଦ୍ର ନାଥ ରଥ, ହିମାଂଶୁ ଦାସ, ଲୋହିତ ମହାନ୍ତି, ଶ୍ରୀଧର ମହାନ୍ତି, ରଜନୀକାନ୍ତ ଦାସ, ପ୍ରଭାତୀ ଧଳ, ହିମାଂଶୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବୈଷ୍ଣବ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ରାଜେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜନତା ଉଚ୍ଚବିଦ୍ୟାଳୟ ଗୃହ ବିପଦସଂକୁଳ, ମରାମତି ଦାବି

ଗୋବିନ୍ଦପୁର,୧୩।୭ (ସମିସ): ଆଳି ବ୍ଲକ୍ ଅନ୍ତର୍ଗତ ପାଳିମୀ ଜନତା ନୋଡାଲ ଉଚ୍ଚବିଦ୍ୟାଳୟ ଗୃହ ୧୯୯୯ ମହାବାତ୍ୟା ପରେ କର୍ଣ୍ଣାଟକ ସରକାରଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। ଏହି ଶ୍ରେଣୀ ଗୃହ ମରାମତି ଅଭାବରୁ ଏବେ ଜରାଜୀର୍ଣ୍ଣ ହୋଇ ବିପଦସଙ୍କୁଳ ହୋଇପଡିଛି। ଛାତ, କାନ୍ଥରୁ ସ୍ଥାନେ ସ୍ଥାନେ କଂକ୍ରିଟ ଓ ପ୍ଲାଷ୍ଟର ଖସିବାରେ ଲାଗିଛି। ଚଟାଣ ଖାଲଖମା ହୋଇଗଲାଣି। ନିର୍ମାଣ ପରଠାରୁ ଏହାର ମରାମତି କରାଯାଇନାହିଁ। ଏହା ବିପଦସଂକୁଳ ଅବସ୍ଥାରେ ରହିଛି। ତୁରନ୍ତ ଏହାର ମରାମତି ସହ ପୁନରୁଦ୍ଧାର କରିବାକୁ ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି।



**● ନିମ୍ନମାନର କାମ ଅଭିଯୋଗ**

## ପିଚୁ ରାସ୍ତା କଡ଼ ଘାସ ଉପରେ ପଡୁଛି ମୋରମ

ରାଜନଗର,୧୩।୭ (ସମିସ): ରାଜନଗର ବ୍ଲକ୍ ପୂର୍ତ୍ତ ବିଭାଗ ଅଧୀନରେ ହେଉଥିବା ରାସ୍ତା ଓ କୋଠାବାଡ଼ି, ବିଭିନ୍ନ ବିଲ୍ଡିଂ, ବ୍ରିଜ୍, ରାସ୍ତାକଡ ଗଛରେ ରଙ୍ଗମରା କାମ ନିମ୍ନମାନର ହେଉଛି।



ସ୍ଥାନୀୟ ନେତାଙ୍କ ଅନୁକମ୍ପା ଯୋଗୁଁ ଠିକାଦାର ଓ ଯନ୍ତ୍ରୀ ଲାଭବାନ ହେଉଛନ୍ତି। ଯାହାକି ପୂର୍ତ୍ତ ବିଭାଗର ରାଜନଗରରୁ ଗୁପ୍ତି ପର୍ଯ୍ୟନ୍ତ ଯାଇଥିବା ରାସ୍ତା କ୍ଷେତ୍ରରେ ଦେଖିବାକୁ ମିଳିଛି। ଏହି ରାସ୍ତାରେ ନିମ୍ନମାନର ପିଚୁ କାମ ହୋଇଥିଲା। ଦୁଇଦିନରେ ଉଠିଯିବାରୁ ମରାମତି କରାଯାଇଥିଲା। ଏବେ ରାସ୍ତାକଡ଼ରେ ନାଳି ମାଟି ମିଶା ମୋରମ ଘାସ ଉପରେ ପକାଇ ଅର୍ଥ ଲୁଟିବା ପ୍ରୟାସ ଜାରି ରହିଥିବା ଅଭିଯୋଗ ହେଉଛି। ଉକ୍ତ ରାସ୍ତାର ସ୍ଥାନେ ସ୍ଥାନେ ଘର ଥିବାରୁ ମୋରମ ପକାଇବା ଆବଶ୍ୟକ ନ ଥିବାବେଳେ ସେସବୁ ମିଶାଇ ବିଲ୍ କରିବା ଲକ୍ଷ୍ୟ ରହିଥିବା ଅଭିଯୋଗ ହେଉଛି। ଏହି ମୋରମ ପଡିବା କାର୍ଯ୍ୟ ଚିଠା ନା ଟେଣ୍ଡର ତାହା ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଚିଠାରେ ଦିଆଯାଇଥିବା କାର୍ଯ୍ୟ ବିନା ଜେଇ ଓ ବିଭାଗୀୟ କର୍ମଚାରୀ ଓ ଠିକାଦାରଙ୍କ ଅନୁପସ୍ଥିତିରେ ଶ୍ରମିକ ନିଜ ଇଚ୍ଛାରେ ଯେନତେନ ପ୍ରକାର କାମ କରୁଛନ୍ତି। ଠିକାଦାରଙ୍କ ଫାଇଦାକୁ ଲକ୍ଷ୍ୟ ରଖି ପୂର୍ତ୍ତ ବିଭାଗ ଅଧିକାରୀ ଓ ନେତାଙ୍କ ଏହି ନିମ୍ନମାନର କାମ ଉପରେ କୌଣସି ପ୍ରତିକ୍ରିୟା ନାହିଁ। ଏହି କାମର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଭିଜିଲାନ୍ସ ପରିସରଭୁକ୍ତ କରାଯିବାକୁ ସାଧାରଣରେ ଦାବୀ ହେଉଛି।

**■ ପୁରାତନ ଛାତ୍ର ସଂସଦ କାର୍ଯ୍ୟକାରିଣୀ କମିଟି ବୈଠକ**

# କେନ୍ଦ୍ରାପଡ଼ା କଲେଜ ଜମିର ସୁରକ୍ଷାକୁ ପ୍ରାଧାନ୍ୟ

କେନ୍ଦ୍ରାପଡ଼ା,୧୩।୭ (ସମିସ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସାଧାରଣ ପରିଷଦ ବୈଠକ ପରେ ନୂତନ କାର୍ଯ୍ୟକାରିଣୀ ରବିବାର ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଐତିହ୍ୟ ସମ୍ପନ୍ନ ଶିକ୍ଷାନୁଷ୍ଠାନ ଜମି ଜବରଦଖଲକାରୀଙ୍କ ହାତରୁ ମୁକୁଳାଇବା ଉପରେ ପ୍ରାଧାନ୍ୟ ଦିଆଯାଇଛି। ସଂସଦର ସଭାପତି ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟର ଗାନ୍ଧୀ ଭବନରେ ଅନୁଷ୍ଠିତ ବୈଠକରେ ଜମି ସୁରକ୍ଷା ବ୍ୟତୀତ ସଂସଦର ସଭ୍ୟ ସଂଗ୍ରହ ବୃଦ୍ଧି, ଶିକ୍ଷାକେନ୍ଦ୍ରର ଶୈକ୍ଷିକ ପରିବେଶ ଓ ଭିତ୍ତିଭୂମିର ବିକାଶ ପାଇଁ ବିହିତ ପଦକ୍ଷେପ ନେବାକୁ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି। ସଭ୍ୟ ସଂଗ୍ରହ ପାଇଁ ଡକ୍ଟର ତ୍ରୈଲୋକ୍ୟନାଥ ସାମଲ, ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ଅଧ୍ୟାପିକା ସୀମା ମହାନ୍ତ ଓ ଅଧ୍ୟାପକ ସୁବ୍ରତ ସାମଲଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିବାବେଳେ ଜମି ସୁରକ୍ଷା ପାଇଁ ଡକ୍ଟର ପ୍ରଦୀପ୍ତ କିଶୋର ଦାଶଙ୍କ ସଂଯୋଜନାରେ ସାମ୍ବାଦିକ ଚିତ୍ତରଞ୍ଜନ ଦାସ ଓ ସାମାଜିକ କର୍ମୀ ପ୍ରତାପ ମହାନ୍ତିଙ୍କୁ ନେଇ ଏକ କମିଟି, ଶୈକ୍ଷିକ ବିକାଶ ସହାୟତା ପାଇଁ ଡକ୍ଟର ବିଦ୍ୟୁଭୂଷଣ ଦାଶ, ସୁବ୍ରତ ସାମଲ ଓ ଡକ୍ଟର ରଶ୍ମୀ କରଙ୍କୁ ନେଇ ଏକ କମିଟି, ଗଣ ଯୋଗାଯୋଗ ପାଇଁ ବରିଷ୍ଠ ସାମ୍ବାଦିକ ରାଜେଶ କୁମାର ନାୟକଙ୍କ ସଂଯୋଜନାରେ ଚିତ୍ତରଞ୍ଜନ ଦାସଙ୍କୁ ନେଇ ଏକ କମିଟି, ସଂସଦର ସଭ୍ୟଙ୍କ ତଥ୍ୟଭିତ୍ତିକ ଡାଟାବେସ ପ୍ରସ୍ତୁତି ନିମନ୍ତେ ସ୍ମୃତିରଞ୍ଜନ ଜେନାଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି। ଏ ଅବସରରେ କଲେଜରେ ନୂତନ ଭାବେ ଯୋଗଦେଇଥିବା ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ ଜେନାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସମ୍ପାଦକ ଡକ୍ଟର ପ୍ରମୋଦ ଦାସ ଗତ ସମ୍ମିଳନୀର ବିବରଣୀ ସହ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସଭାପତି ତଥା ବର୍ତ୍ତମାନର ଉପଦେଷ୍ଟା ପ୍ରଫେସର ନନ୍ଦକିଶୋର ପରିଡା ଓ ବିଶ୍ୱଜିତ ଦାସ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିବାବେଳେ ଡକ୍ଟର କଳ୍ପନା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



## ଶିବାନନ୍ଦ ଆଶ୍ରମରେ ଗୁରୁପୂର୍ଣ୍ଣିମା ଉତ୍ସବ

କେନ୍ଦ୍ରାପଡ଼ା,୧୩।୭ (ସମିସ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗରାପୁରସ୍ଥ ଶିବାନନ୍ଦ ଆଶ୍ରମରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରାତଃରେ ନଗର ସଂକୀର୍ତ୍ତନ କରାଯିବା ସହ ମହାପ୍ରଭୁ ଶ୍ରୀବଳଦେବଜୀଉ ଓ ଶ୍ରୀଦିବ୍ୟେଶ୍ୱରଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପୂର୍ବକ ଆଶ୍ରମର ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଶ୍ରଦ୍ଧାଳୁଙ୍କ ଗହଣରେ ଗୁରୁଦେବଙ୍କ ପାଦପୂଜା କରିଥିଲେ। ପରେ ଶ୍ରୀମା'ଙ୍କ ଅଧ୍ୟକ୍ଷତାରେ ଭଗବତ୍ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶରତ ଚନ୍ଦ୍ର ବରାଳ ଗୁରୁବାଣୀ ପାଠ କରିଥିଲେ। ଆଶ୍ରମର ସମ୍ପାଦକ ଶରତ ଚନ୍ଦ୍ର ପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପରମପୂଜ୍ୟା ଶ୍ରୀମା' ଆଶୀର୍ବଚନ ପ୍ରଦାନ କରି ଗୁରୁପୂର୍ଣ୍ଣିମାର ମହତ୍ତ୍ୱ ଓ ମହର୍ଷି ବ୍ୟାସଦେବଙ୍କ ଜନ୍ମ ବୃତ୍ତାନ୍ତ ତଥା ମାନବ ସମାଜକୁ ତାଙ୍କର ଅମୂଲ୍ୟ ଦିଗଦର୍ଶନ ଉପରେ ଆଲୋକପାତ କରିଥିଲେ। ଆଶ୍ରମର ଉପାଧ୍ୟକ୍ଷ ଡ. କାଳୀପ୍ରସନ୍ନ ଶତପଥୀ, ଶିବାନନ୍ଦ ବିଦ୍ୟାମନ୍ଦିର ଅଧ୍ୟକ୍ଷ ଡ. ସୁରେନ୍ଦ୍ର ନାଥ ଆଚାର୍ଯ୍ୟ, ଶ୍ରୀଧର ରାଉତ ପ୍ରମୁଖ ବ୍ୟାସ ପୂର୍ଣ୍ଣିମା ଓ ମହର୍ଷି ବ୍ୟାସଦେବଙ୍କ ଅବଦାନ ଉପରେ ବିଶଦ ବାଖ୍ୟା କରିଥିଲେ। ଶ୍ରୀଧର ମହାନ୍ତି ଗୁରୁଦେବଙ୍କ ଉଦ୍ଦେଶ୍ୟରେ ସ୍ୱଲିଖିତ କବିତା ପାଠ କରିଥିଲେ। ଶିବାନନ୍ଦ ଭଜନଗଙ୍ଗାର ସଂଗୀତ ଶିଳ୍ପୀ ସୁଶୀଲ ସୂତାର ଓ ସୌଭାଗିନୀ ମହାପାତ୍ର ଶ୍ରୀମା'ଙ୍କ ରଚିତ ଭଜନ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶ୍ରମର ଉପାଧ୍ୟକ୍ଷ ଶରତ ବରାଳ, ଦ୍ରୌପଦୀ ରାଉତ, ଶୁଭଲକ୍ଷ୍ମୀ ଦାସ, ସୁନାକର ରାଉତ, ମଞ୍ଜୁଲତା ଦାସ, ରୀତାଞ୍ଜଳି ନାଥ, ଗୋବର୍ଦ୍ଧନ ରାଉତ ପ୍ରମୁଖ ଗୁରୁପୂର୍ଣ୍ଣିମା ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଦୀପ ନାୟକ, ମନମୋହନ କବି, ପ୍ରମୋଦ ଦାସ, ରମେଶ ମଲ୍ଲିକ, ସରଳା ମହାରଣାଙ୍କ ସମେତ ଗରାପୁର, କପାଳେଶ୍ୱର, ଆଳିଜଙ୍ଗା ଗ୍ରାମର ଶତାଧିକ ଶ୍ରଦ୍ଧାଳୁ, ଶିବାନନ୍ଦ ବିଦ୍ୟାମନ୍ଦିରର ଗୁରୁଜୀ, ଗୁରୁମା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



## ସ୍କୁଲ୍ ପ୍ରବେଶ ପଥରେ ଆଣ୍ଠୁଏ ପାଣି



ରାଜକନିକା, ୧୩।୭ (ସମିସ): ଅଳ୍ପ ବର୍ଷାରେ ସ୍କୁଲ ଆଗରେ ଜମି ରହୁଛି ଆଣ୍ଠୁଏ ପାଣି। ପାଣି ନିଷ୍କାସନ ବ୍ୟବସ୍ଥା ହୋଇ ନ ଥିବାରୁ ସ୍କୁଲ ଫାଟକ ଆଗରେ ପାଣି ଜମି ରହୁଛି। ଫଳରେ ଦୈନିକ ଗାଁ ଗୋହିରୀର ଅସନା ପାଣିରେ ପଶି ଯାତାୟତ କରୁଛନ୍ତି ଛାତ୍ରଛାତ୍ରୀ। ରାଜକନିକା ବ୍ଲକ କୋରନ୍ଧ ପଞ୍ଚାୟତର ଅଯୋଧ୍ୟା ବିଦ୍ୟାପୀଠ ଓ ପଞ୍ଚବରାହୀ ସରକାରୀ ଉପ୍ରା ବିଦ୍ୟାଳୟର ପ୍ରବେଶପଥରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ବିଦ୍ୟାଳୟର ଶିକ୍ଷକ ଓ ପ୍ରଧାଶିକ୍ଷକଙ୍କୁ ପଚାରିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ। ବିଦ୍ୟାଳୟକୁ ଆଧୁନିକୀକରଣ କରି ଛାତ୍ରଛାତ୍ରୀଙ୍କୁ ସ୍ମାର୍ଟ କରିବାକୁ ଅର୍ଥ ବ୍ୟୟ ହୋଇଥିଲେ ହେଁ ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁଁ ଛାତ୍ରଛାତ୍ରୀ ପାଣିରେ ପଶି ଯାତାୟାତ କରୁଛନ୍ତି। ବିଦ୍ୟାଳୟର ଅସ୍ୱାସ୍ଥ୍ୟକର ପରିବେଶରେ ଶିକ୍ଷାଦାନ ଅବସ୍ଥା ବଦଳାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବ୍ୟସ୍ତବହୁଳ ବାଇପାସ୍ ରାସ୍ତାରେ ଟ୍ରାଫିକ୍ ବ୍ୟବସ୍ଥା ଦାବି

**ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛନ୍ତି ବୁଲା ଗାଈଗୋରୁ**

ପଟ୍ଟାମୁଣ୍ଡାଇ,୧୩।୭ (ସମିସ):

ପଟ୍ଟାମୁଣ୍ଡାଇ ଅଞ୍ଚଳର ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଉକ୍ରଟ ଟ୍ରାଫିକ ସମସ୍ୟା ଦେଖାଦେଇଛି। ପଟ୍ଟାମୁଣ୍ଡାଇ ସହରରୁ ଟ୍ରାଫିକ୍ ସମସ୍ୟା ଦୂର କରିବା ପାଇଁ ପ୍ରଶାସନ ଓ ପୌର ପରିଷଦ କେତେକାଂଶରେ ଜବରଦଖଲ ହଟାଇଛନ୍ତି । ବାକି ଥିବା ଜବରଦଖଲକୁ ପର୍ଯ୍ୟାୟକ୍ରମେ ହଟାଇବା ନିଷ୍ପତ୍ତି ନିଆଯାଇଛି। ପଟ୍ଟାମୁଣ୍ଡାଇ ସହର ବିଭିନ୍ନ ସ୍ଥାନରେ ବୁଲା ଗାଈଗୋରୁ ଅବାଧ ବିଚରଣ କରି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବାରୁ ପୌର ପରିଷଦ ପକ୍ଷରୁ ସ୍ୱତନ୍ତ୍ର ଗାଡ଼ି ସାହାଯ୍ୟରେ ଗାଈଗୋରୁଙ୍କୁ ଧରି କାଞ୍ଜିଆ ବୁଦାରେ ଭର୍ତ୍ତି କରାଯିବା ସହିତ ସହର ମଧ୍ୟକୁ ଗାଈଗୋରୁ ଛାଡୁଥିବା ମାଲିକଙ୍କଠାରୁ ଦୃଷ୍ଟାନ୍ତମୂଳକ ଜରିମାନା ଆଦାୟ କରାଯିବା ପାଇଁ ପୌର ପରିଷଦ ନିଷ୍ପତ୍ତି ନେଇଛି। ପଟ୍ଟାମୁଣ୍ଡାଇ ସହର ଅପେକ୍ଷା ମେଡିକାଲ ଛକଠାରୁ କଲେଜ ପର୍ଯ୍ୟନ୍ତ ରାସ୍ତାରେ ଉକ୍ରଟ ଟ୍ରାଫିକ ସମସ୍ୟା ଦେଖାଦେଇଛି। ଲୋକଙ୍କୁ ଯାତାୟାତ ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏଠାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଯାଇଛି। ପଟ୍ଟାମୁଣ୍ଡାଇ ପୋଲ ପାଖରେ ମଧ୍ୟ ଯାନବାହନ ଚଳାଚଳ ନିୟନ୍ତ୍ରଣ ପାଇଁ ଟ୍ରାଫିକ ବ୍ୟବସ୍ଥା କରାଯାଇ ସମସ୍ୟା ସୁଧାରିବା ଦିଗରେ ପଦକ୍ଷେପ ନିଆଯାଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ପଟ୍ଟାମୁଣ୍ଡାଇ ବାଇପାସ ବିଜୁ ପଟ୍ଟନାୟକ ଛକରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଏଠାରେ ଟ୍ରାଫିକ୍ ବ୍ୟବସ୍ଥା କରାଯିବାକୁ ଦାବି ହେଉଛି।

କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ପଟ୍ଟାମୁଣ୍ଡାଇ ବାଇପାସ ବିଜୁ ପଟ୍ଟନାୟକ ଛକ ଏକ ବ୍ୟସ୍ତବହୁଳ ଛକ ଭାବେ ଜଣାଶୁଣା। ପଟ୍ଟାମୁଣ୍ଡାଇର ପ୍ରବେଶ ଦ୍ୱାର ସହିତ ଏଠାରୁ କେନ୍ଦ୍ରାପଡ଼ା କଟକ, ଭୁବନେଶ୍ୱର ସମେତ ରାଜ୍ୟ ବାହାରକୁ ଯାନବାହନ ଚଳାଚଳ କରୁଥିବାବେଳେ ଆଳି ରାଜନଗର, ରାଜକନିକା, ଇନ୍ଦୁପୁର ଓ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳକୁ ମଧ୍ୟ ଯାତାୟାତ କରିଥାଏ। ଏହି ରାସ୍ତା ଦେଇ ଦୈନିକ ଶହ ଶହ ଟ୍ରକ୍, ବସ୍, ଟ୍ରେକର, କାର୍, ବାଇକ୍ ଆଦି ଯାତାୟାତ କରୁଥିବା ଦେଖାଯାଉଛି। ଟ୍ରାଫିକ ବ୍ୟବସ୍ଥା ନ ଥିବାରୁ ସଦାସର୍ବଦା ଦୁର୍ଘଟଣା ଘଟିବା ଆଶଙ୍କା ରହୁଛି। ଏଭଳି ସ୍ଥିତିରେ ଲୋକମାନେ ଭୟଭୀତ ଅବସ୍ଥାରେ ବହୁ କଷ୍ଟରେ ଯାତାୟାତ କରୁଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁ ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସ୍ପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ବ୍ୟସ୍ତବହୁଳ ବାଇପାସ ବିଜୁ ପଟ୍ଟନାୟକ ଛକରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରିବାକୁ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି ଗୋପୀବଲ୍ଲଭ ନାୟକ ଓ ସମ୍ପାଦକ ଅଡଭୋକେଟ ଗୋପୀନାଥ ତ୍ରିପାଠୀ ଦାବି କରିଛନ୍ତି।

● ଶ୍ରାବଣ ମାସ ପ୍ରଥମ ସୋମବାର

## ଜଳାଭିଷେକ ଲାଗି କାଉଡ଼ିଆଙ୍କ ଭିଡ଼



**ପରଜଙ୍ଗ, ୧୩।୭ (ସମିସ):** ପବିତ୍ର ଶ୍ରାବଣ ମାସ ପ୍ରଥମ ସୋମବାର ଉପଲକ୍ଷେ ପରଜଙ୍ଗ ଅଞ୍ଚଳର ଶୈବପୀଠରେ ଜଳାଭିଷେକ ପାଇଁ କାଉଡ଼ିଆଙ୍କ ଯାତ୍ରା ଆରମ୍ଭ ହୋଇଛି। ଶ୍ରଦ୍ଧାଳୁମାନେ ବିଭିନ୍ନ ନଦୀରୁ ଜଳପୂର୍ଣ୍ଣ କଳସ ବାହୁଙ୍ଗିରେ ନେଇ ଶିବ ଲିଙ୍ଗରେ ଅର୍ପଣ କରିବେ। ପରଜଙ୍ଗ ବ୍ଲକ ସରାଙ୍ଗ କଲୋନୀ ସାହିର ବୋଲବମ ଭକ୍ତମାନେ ସରାଙ୍ଗ ଅନନ୍ତ ଶୟନ ବ୍ରାହ୍ମଣୀ ନଦୀ ପଠାରେ ପୂଜାର୍ଚ୍ଚନା କରି ବାଲେଶ୍ୱର ଜିଲ୍ଲା ପଞ୍ଚଲିଙ୍ଗେଶ୍ୱର ମନ୍ଦିରରେ ଜଳଲାଗି କରିବାକୁ ଯାତ୍ରା କରିଛନ୍ତି।

## କୁକୁର ଆକ୍ରମଣରେ ଛେଳି ମୃତ

**ପରଜଙ୍ଗ, ୧୩।୭ (ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କଲଦା ପଞ୍ଚାୟତ ବ୍ରାହ୍ମଣବେଢ଼ିଆ ଗ୍ରାମରେ ବୁଲା କୁକୁରଙ୍କ ଆକ୍ରମଣରେ ଗୋଟିଏ ଛେଳିର ମୃତ୍ୟୁ ହୋଇଥିବା ବେଳେ ୨ଟି ଗୁରୁତର ହୋଇଛନ୍ତି। ଗ୍ରାମର ତ୍ରିନାଥ ସାହୁ ଶନିବାର ସକାଳେ ଛେଳି ଚରାଇବାକୁ ନେଉଥିବା ବେଳେ କୁକୁର ପଲ ଗୋଟିଏ ଛେଳିକୁ ଝୁଣି ମାରିଦେଇଥିଲେ। ଏଥିସହ ୨ଟି ଛେଳିକୁ କାମୁଡ଼ି କ୍ଷତାକ୍ତ କରିଦେଇଥିଲେ। ତ୍ରିନାଥ ଜଣେ ଗରିବ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।

## ଟ୍ରକ ଧକ୍କାରେ ମହିଳା ଗୁରୁତର



**ପରଜଙ୍ଗ, ୧୩।୭ (ସମିସ):** ୫୩ନଂ ଜାତୀୟରାଜପଥର ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ବଡ଼ଝରା ଗ୍ରାମ ନୂଆସାହି ନିକଟରେ ଟ୍ରକ ଧକ୍କାରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବଡ଼ଝରା ନୂଆସାହିର ପଦ୍ମଚରଣ ସାହୁଙ୍କ ସ୍ତ୍ରୀ ରେଖା ସାହୁ (୪୫)। ମିଳିଥିବା ସୂଚନା ଅନୁଯାୟୀ ରାଜପଥ ଅପରପାର୍ଶ୍ୱରେ ଥିବା ନିଜ ବିଲକୁ କାମ କରିବାକୁ ସକାଳେ ରେଖା ବାହାରିଥିଲେ। ରାଜପଥ ପାର୍ ହେଉଥିବା ସମୟରେ ଏକ ଟ୍ରକ ତାଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ରେଖାଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନା ପଠାଇଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟ୍ରକକୁ କେତେଜଣ ସ୍ଥାନୀୟ ଯୁବକ ବାଇକ୍‌ରେ ପିଛା କରି କିଛି ଦୂରରେ ଧରିବାରେ ସଫଳ ହୋଇଥିଲେ। ପରେ ଟ୍ରକ ସହ ଚାଳକଙ୍କୁ ପୁଲିସକୁ ହସ୍ତାନ୍ତର କରିଥିଲେ। ଥାନା ଏସଆଇ ଦେବଗ୍ରାହୀ ମହାନ୍ତି, କର୍ମଚାରୀ ଚଗଲା ଦଳବେହେରା, କଲ୍ୟାଣୀ ଭୂତିଆ, ଜ୍ଞାନରଞ୍ଜନ ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛନ୍ତି।

## ଅବସରପ୍ରାପ୍ତ ସୈନିକଙ୍କ ପରଲୋକ

**ପରଜଙ୍ଗ, ୧୩।୭ (ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପିତିରି ପଞ୍ଚାୟତ ଖାଲପାଳ ଗ୍ରାମର ଅବସରପ୍ରାପ୍ତ ସୈନିକ ପ୍ରଭାତ ନାଏକଙ୍କର ୭୦ ବର୍ଷ ବୟସରେ



ପରଲୋକ ହୋଇଛି। ପ୍ରଭାତ ଭାରତୀୟ ସ୍ଥଳସେନାରେ ସିଗ୍ନାଲ ରେଜିମେଣ୍ଟ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। କିଛି ଦିନ ଧରି ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ସେ ପରଜଙ୍ଗ ବ୍ଲକରେ ଗଢ଼ି ଉଠିଥିବା ବୀରଭୂମି ଏକ୍ସ ଆର୍ମି ସଂଘ ସଦସ୍ୟ ଥିଲେ। ତାଙ୍କ ଦେହାନ୍ତ ଖବର ପାଇ ଏକ୍ସ ଆର୍ମି ସଂଘ ସଭାପତି କୃପାସିନ୍ଧୁ ଖୁଣ୍ଟିଆ, ଉପସଭାପତି ନିତ୍ୟାନନ୍ଦ ପଣ୍ଡା, ସମ୍ପାଦକ ଦୁଷ୍ମନ୍ତ କୁମାର ଦଳବେହେରା, ବସନ୍ତ କୁମାର ସେଠ ଓ ଅନ୍ୟ ସଦସ୍ୟମାନେ ପ୍ରଭାତଙ୍କ ବାସଭବନରେ ପହଞ୍ଚି ମରଶରୀର ଉପରେ ପୁଷ୍ପମାଲ୍ୟ ଓ ଜାତୀୟ ପତାକା ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ବମ୍ପାରେ ମଦମୃତ୍ୟୁ ଘଟଣା

# ମଦମୃତ୍ୟୁକୁ ମାନିବାକୁ ପୁଲିସ ନାରାଜ

ଢେଙ୍କାନାଳ/ହିନ୍ଦୋଳ, ୧୩।୭ (ସମିସ)









ଗ୍ରାମରେ ଅବକାରୀ ବିଭାଗ ଓ ପୁଲିସର ଚଢ଼ଉ; ୫ ଗିରଫ

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ବମ୍ପା ଗ୍ରାମରେ ଦେଶୀମଦ ପିଇ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ରବିବାର ସକାଳେ ରାସୋଳ ଥାନା ପୁଲିସ, ଅବକାରୀ ବିଭାଗ ଫ୍ଲାଇଂ ସ୍କ୍ୱାଡ୍ ଗ୍ରାମରେ ପହଞ୍ଚି ଚଢ଼ଉ କରିବା ସହିତ ୫ ଜଣଙ୍କୁ ଗିରଫ କରି ତଦନ୍ତ କରୁଥିବା ଜଣାପଡ଼ିଛି। ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ସରଞ୍ଜାମ ଜବତ କରାଯାଇଥିବାବେଳେ ବିପୁଳ ପୋଚ ନଷ୍ଟ କରାଯାଇଛି। ତେବେ ଏହି ମଦମୃତ୍ୟୁ ଘଟଣାକୁ କିନ୍ତୁ ପୁଲିସ ମାନିବାକୁ ନାରାଜ।

ପାହାଡ଼ ପର୍ବତ ଘେରା ବମ୍ପା ଗ୍ରାମରେ ଆଦିବାସୀଙ୍କ ସଂଖ୍ୟା ୬ଶହରୁ ଅଧିକ ହୋଇଥିବା ବେଳେ ଦଳିତଙ୍କ ସଂଖ୍ୟା ୫ଶହରୁ ଅଧିକ। ଗ୍ରାମରେ ଦେଶୀମଦ ପ୍ରସ୍ତୁତି ଏବଂ ବିକ୍ରି କିଛି ଲୋକଙ୍କ ପାଇଁ କୁଟୀରଶିଳ୍ପରେ ପରିଣତ ହୋଇଛି। ଗରିବଙ୍କେ ଦେଶୀମଦ ପିଇ ମୃତ୍ୟୁମୁଖରେ ପଡ଼ିବା ଧରାବନ୍ଧା ନିୟମରେ ପରିଣତ ହୋଇଛି। ଶନିବାର ମଦ ପିଇ ମିଲୁ ସାମଲ (୫୦)ଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରଫୁଲ ସାମଲ (୫୮) ଗୁରୁତର ହେବାରୁ ପ୍ରଥମେ ବଳରାମପୁର, ପରେ ଇନ୍ଦିପୁର ଏବଂ ଶେଷରେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ରବିବାର ତାଙ୍କ ମୃତ୍ୟୁ ଘଟିଛି। ଗ୍ରାମର ସୁଶାନ୍ତ ମାଝି ଏବେ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏହି ଦେଶୀ ମଦ ପିଇ ଏକ ମାସ ତଳେ ଗ୍ରାମର ସୁରେଶ ପାତ୍ର (୪୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ପୂର୍ବରୁ ମିଟୁ ସାହୁ, ଦୟା ସେଠୀ, ଗୌରାଙ୍ଗ ବେହେରାଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା।

ତେବେ ଶନିବାର ମଦମୃତ୍ୟୁ ଅଭିଯୋଗ ଆସିବା ପରେ ରବିବାର ସକାଳେ ରାସୋଳ ଥାନା ପୁଲିସ ସହିତ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ୍ ଗ୍ରାମରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ବିପୁଳ ପରିମାଣର ପୋଚ ନଷ୍ଟ କରାଯାଇଥିବା ବେଳେ ମଦ ପ୍ରସ୍ତୁତି ସରଞ୍ଜାମ ମଧ୍ୟ ଜବତ କରାଯାଇଛି। ଏହି ଘଟଣାରେ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ଟିମ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଔଷଧ ପ୍ରଦାନ କରିଛନ୍ତି। ଗ୍ରାମରେ ଏବେ ମଧ୍ୟ କିଛି ବ୍ୟକ୍ତି ଅସୁସ୍ଥ ଥିବା ଜଣାପଡ଼ିଛି। ଏହି ଘଟଣାକୁ କିନ୍ତୁ ରାସୋଳ ପୁଲିସ ମାନିବାକୁ ନାରାଜ। ପୁଲିସ କହିବା ଅନୁସାରେ ଲୋକମାନେ ମଦ ପିଇ ପିଇ ସେମାନଙ୍କ ଲିଭର ଖରାପ ହୋଇଥିବାରୁ ମୃତ୍ୟୁବରଣ କରିଛନ୍ତି। ଗ୍ରାମରେ ମଦ ପ୍ରସ୍ତୁତ ହେଉଛି କିନ୍ତୁ ତାହା ବିଷାକ୍ତ ମଦ ନୁହେଁ ବୋଲି ପୁଲିସ ଯୁକ୍ତି ବାଢ଼ିଛି। ତେବେ ପୁଲିସ ମଦମୃତ୍ୟୁକୁ ଏକ ସାଧାରଣ ଘଟଣା ଭାବେ ନେଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମଦମୃତ୍ୟୁ ଘଟଣାକୁ ଚପାଇ ଅନ୍ୟ କାରଣରୁ ଲୋକଙ୍କ ମୃତ୍ୟୁ ହୋଇଥିବା ଦର୍ଶାଇବା ପାଇଁ ପୁଲିସ ଓ ଅବକାରୀ ବିଭାଗ ଉଦ୍ୟମ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅବକାରୀ ବିଭାଗ ଅଧିକାରୀଙ୍କୁ ହାତକରି ଗାଁରେ ଦୀର୍ଘଦିନ ହେବ ଚୋରାମଦ କାରବାର ଚାଲିଥିବା ଗ୍ରାମବାସୀ କହିଛନ୍ତି।

ମଦମୃତ୍ୟୁ ଘଟଣା

## ମୃତକଙ୍କ ପରିବାରକୁ ସମବେଦନା ଜଣାଇଲେ ପୂର୍ବତନ ସାଂସଦ

**ଖଜୁରିଆକଟା, ୧୩।୭ (ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ମଦମୃତ୍ୟୁ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି ପୂର୍ବତନ ସାଂସଦ ମହେଶ ସାହୁ। ହିନ୍ଦୋଳ ବ୍ଲକ ରାସୋଳ ଥାନା ବମ୍ପା ଗ୍ରାମରେ ଦୁଇଦିନରେ ପ୍ରଫୁଲ୍ଲ ସାମଲ (୬୧) ଓ ମିଲୁ ସାମଲ (୫୦)ଙ୍କର ବିଷାକ୍ତ ମଦପିଇ ଢେଙ୍କାନାଳ ଡାକ୍ତରଖାନରେ ମୃତ୍ୟୁ ହୋଇଥିବାବେଳେ ସେହି ଗ୍ରାମର ସୁଶାନ୍ତ ମାଝୀ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ମୃତକମାନଙ୍କ ପରିବାରଙ୍କୁ ପୂର୍ବତନ ସାଂସଦ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମହେଶ ସାହୁ ଭେଟି ସମବେଦନା ଜଣାଇବାସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିସହ ମୃତକଙ୍କ ପରିବାରଙ୍କୁ ୧୦ଲକ୍ଷଟଙ୍କା ଆର୍ଥିକ ସହାୟତା, ଅଞ୍ଚଳରେ ମଦବନ୍ଦ ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଅନ୍ୟପଟେ ଅବକାରୀ ବିଭାଗ ଅଧିକାରୀ କହିଛନ୍ତି, ସେମାନେ ମଦପିଇ ମରିଛନ୍ତି ସତ କିନ୍ତୁ ବିଷାକ୍ତ ମଦରେ ନୁହେଁ। ମୃତକମାନଙ୍କ ମୃତଦେହ ବ୍ୟବଚ୍ଛେଦ ନ କରି କିପରି



ଅବକାରୀ ଅଧିକାରୀ ଏହା ବିଷାକ୍ତ ମଦ ନୁହେଁ ଜାଣିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି କାହାକୁ ଓ କାହା ଦୁର୍ବଳତା ଘୋଡ଼ାଇବାକୁ, ସୁରକ୍ଷା ଦେବାକୁ ଅବକାରୀ ଅଧିକାରୀ ଏପରି ଚେଷ୍ଟା କରୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ନକଲି ବିଦେଶୀମଦ ଓ ବିଷାକ୍ତ ଦେଶୀମଦ ପିଇ ପୂର୍ବରୁ ଏହି ଅଞ୍ଚର ମିଟୁ ମାଝୀ (୬୨), ଦୟା ସେଠୀ (୫୫), ସୁରେଶ ପାତ୍ର (୪୫), ଡାଇଭର ଭୋଇ (୪୭), ଗୌରା ବେହେରା (୪୬) ପ୍ରମୁଖଙ୍କ ମୃତ୍ୟୁ ହୋଇଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ତେବେ ଘଟଣା ଘଟିବା ପରେ ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧିଙ୍କ ପାଦ ପଡ଼ି ନ ଥିବାବେଳେ ମହେଶ ସାହୁଙ୍କ ଗସ୍ତପରେ ପୁଲିସ ଓ ଅବକାରୀ ବିଭାଗ ତତ୍ପରତା ଦେଖାଇ ବ୍ୟାପକ ଚଢ଼ଉ କରିବା ସହ ମଦନଷ୍ଟ ଓ ଜବତ କରି ୫ଜଣଙ୍କୁ ଗିରଫ କରିଛନ୍ତି। ମହେଶଙ୍କ ସହ ବିଜେଡି ମୁଖପାତ୍ର ନାରାୟଣ ଜେନା, ଜିଲ୍ଲାପରିଷଦ ସଭ୍ୟା ମମତାଞ୍ଜଳି ବେହେରା, ଯୁବ ବିଜେଡି ରାଜ୍ୟ ସମ୍ପାଦକ ଦେବୀପ୍ରସାଦ ପଟ୍ଟନାୟକ, ଜିଲ୍ଲା ସମ୍ପାଦକ ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ, ବିଜେଡି ନେତା ବାବୁ ପଣ୍ଡା, ମିଳନ ରାଉତ, ଜିତେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ରାସ୍ତା ପାଲଟିଛି ମରଣଯନ୍ତା



**ଖଜୁରିଆକଟା, ୧୩।୭ (ସମିସ):** ହିନ୍ଦୋଳ ଉପଖଣ୍ଡ ଠୋକର ପଞ୍ଚାୟତ ନୂଆ ଗ୍ରାମର ପିତାବଳି ପିଢ଼ଠାରୁ ନୂଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଯାଏଁ ରାସ୍ତାରେ ପାଣି ଜମା ହେବାସହ କାଦୁଆରେ ଭର୍ତ୍ତି ହୋଇଛି। ଫଳରେ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଯିବାପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୋମଳମତି ପିଲାମାନେ ବିଦ୍ୟାଳୟକୁ ଯିବା ଏକପ୍ରକାର ଅସମ୍ଭବ ହୋଇପଡୁଛି। ଗ୍ରାମରେ ୨ ହଜାରରୁ ଅଧିକ ଲୋକ ବାସ କରୁଥିବା ବେଳେ ବର୍ଷାଦିନରେ ରାସ୍ତା ସମସ୍ୟାକୁ ନେଇ ଗ୍ରାମବାସୀ ହଇରାଣ ହେଉଛନ୍ତି। ରାସ୍ତାରେ ପାଣି ଜମା ହେଇ ରହୁଥିବାରୁ ମଶା, ମାଛିଙ୍କ ବଂଶ ବୃଦ୍ଧି ହେଉଛି। ଫଳରେ ଡାଇରିଆ ଓ ମ୍ୟାଲେରିଆ ଭଳି ରୋଗ ବ୍ୟାପିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତୁରନ୍ତ ଏହି ସମସ୍ୟା ସମାଧାନ କରା ନ ଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

● ଶିକ୍ଷାନୁଷ୍ଠାନଗୁଡ଼ିକରେ ଦୁର୍ନୀତି, ଦୁଷ୍କର୍ମ ବନ୍ଦ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ

## 'ନିଲମ୍ବନ କି କମିଟି ଗଠନ କରି ତଦନ୍ତ ଏକ ପ୍ରହସନ ମାତ୍ର'

**ଢେଙ୍କାନାଳ, ୧୩।୭ (ସମିସ):** ବାଲେଶ୍ୱର ଏଫଏମ୍ କଲେଜର ଛାତ୍ରୀ କଲେଜ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ଆପତ୍ତି ଅଭିଯୋଗ କରିବା ପରେ ମଧ୍ୟ କେହି କର୍ଣ୍ଣପାତ ନ କରିବାରୁ ଶେଷରେ ସେ ନିଜ ଜୀବନ ତ୍ୟାଗ କରିବାକୁ ସିଦ୍ଧାନ୍ତ କରି ଆତ୍ମାହୁତି ପନ୍ଥା ଗ୍ରହଣ କରି ମୃତ୍ୟୁମୁଖରେ ପଡ଼ିଛନ୍ତି। ଏପରି ଘଟଣା ବାରମ୍ବାର ଘଟୁଛି। ନିଲମ୍ବନ କିମ୍ବାର କମିଟି ଗଠନ କରି ତଦନ୍ତ ନିର୍ଦ୍ଦେଶ ଦେବା ଏକ ପ୍ରହସନ ମାତ୍ର। ଶିକ୍ଷାନୁଷ୍ଠାନଗୁଡ଼ିକରେ ଦୁର୍ନୀତି, ଦୁଷ୍କର୍ମ ବନ୍ଦ ପାଇଁ କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ସରକାର କାଳ ବିଳମ୍ବ ନ କରି ଏଥିରେ ସାମିଲ ଥିବା ସମସ୍ତ କଲେଜ କର୍ତ୍ତୃପକ୍ଷଙ୍କୁ ଚାକିରିରୁ ବହିଷ୍କାର କରିବା ସହ ସମସ୍ତଙ୍କୁ ଜେଲକୁ ପଠାଇବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ଖଜୁରିଆକଟା, ୧୩।୭ (ସମିସ):** ହିନ୍ଦୋଳ ଉପଖଣ୍ଡ ଠୋକର ପଞ୍ଚାୟତ ଠୋକର ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଠୋକର ଗ୍ରାମର ଖେନା ମାଝୀ (୮୦) ରବିବାର ଅପରାହ୍ନ ୩ଟାରେ ଖେନା ଚାଷକାମ ସାରି ଘରକୁ ଫେରୁଥିବା ବେଳେ ହାତୀ ସହ ମୁହାଁମୁହିଁ ହୋଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ଖେନାଙ୍କ ମୃତ୍ୟୁ ଘଟିଛି। ଖବର ପାଇ ଖଜୁରିଆକଟା ବନବିଭାଗ କର୍ମଚାରୀ ଶବ ଠାବ କରି ବାଲିମି ଥାନା ପୁଲିସକୁ ହସ୍ତାନ୍ତର କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଏହି ଘଟଣା ପରେ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ବନ ବିଭାଗ ଅଧିକାରୀ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ହିନ୍ଦୋଳରେ ହାତୀ-ମଣିଷ ଲଢ଼େଇ ଦିନକୁ ଦିନ ବଢ଼ିବାରେ ଲାଗିଛି। ଦିନ ଦ୍ୱିପ୍ରହରରେ ଘରୁ ବାହାରକୁ ବାହାରିବା ବିପଦ ହେଲାଣି। ସ୍କୁଲ, କଲେଜ୍‌ଠାରୁ ଆରମ୍ଭ କରି ବିଭିନ୍ନ କାମରେ ଲୋକେ ଘରୁ ବାହାରିବା ଏକପ୍ରକାର ମୁସ୍କିଲ ହୋଇପଡ଼ିଲାଣି। ହାତୀ ଜନବସତିରେ ପଶି ଧାନତଳି ନଷ୍ଟ କରିବା ଓ ଘରେ ପଶି ଭାତ ହାଣ୍ଡିରୁ ଭାତ ଖାଇବା ଘଟଣା ଲୋକଙ୍କ ଭିତରେ ଭୟ ସୃଷ୍ଟି କଲାଣି। ଚଳିତ ବର୍ଷ ଏହି ଅଞ୍ଚଳରେ ହାତୀ ଆକ୍ରମଣରେ ୨୦ ଜଣଙ୍କ ମୃତ୍ୟୁ ଘଟିଲାଣି। ଏବେ ହିନ୍ଦୋଳ ଉପଖଣ୍ଡରେ ୨ ଶହରୁ ଅଧିକ ହାତୀ ଚଳପ୍ରଚଳ କରୁଥିବା ବେଳେ ଚାଷକାମ ସମ୍ପୂର୍ଣ୍ଣ ଠପ୍ ହେବାକୁ ବସିଲାଣି। ଆଶ୍ଚର୍ଯ୍ୟର କଥା ଚାଷଜମିରେ ଫସଲ ସୁରକ୍ଷା ପାଇଁ ବ୍ୟବହୃତ ସୋଲାର ବାଡ଼କୁ ହାତୀ ପାଦରେ ଭାଙ୍ଗି ଫସଲ ନଷ୍ଟ କରୁଛନ୍ତି। ଏଭଳି ପରିସ୍ଥିତିରେ ଧନଜୀବନ ଅସୁରକ୍ଷିତ ହୋଇପଡ଼ିଛି। ହାତୀ ଦ୍ୱାରା ହେଉଥିବା କ୍ଷୟକ୍ଷତିର କ୍ଷତିପୂରଣ ରାଶି ସମୁଦ୍ରକୁ ଶଙ୍ଖେ ଭଳି ହେଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ସରକାର ଏ ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ ନ କଲେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ନୂଆ ଟିପିଲେଇରେ ଚାରାରୋପଣ



**ଢେଙ୍କାନାଳ, ୧୩।୭ (ସମିସ):** ଭୁବନ ବ୍ଲକ ସୁରପ୍ରତାପପୁର ପଞ୍ଚଯାତ ନୂଆ ଟିପିଲେଇ ଗ୍ରାମରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ୱେଚ୍ଛାସେବୀ ପ୍ରସନ୍ନ କୁମାର ପାଳଙ୍କ ତତ୍ତ୍ୱାବଧାନରେ ଗ୍ରାମର ପବନସୁତ ପୂଜା କମିଟି ସଦସ୍ୟମାନଙ୍କ ଦ୍ୱାରା ମନ୍ଦିର ଓ ଗ୍ରାମ ପରିସରରେ ଶହେରୁ ଅଧିକ ବିଭିନ୍ନ ଫୁଲ, ଫଳ ଚାରା ରୋପଣ କରାଯାଇଥିଲା।

# ୧୧ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ

ଢେଙ୍କାନାଳ, ୧୩।୭ (ସମିସ)



ନିଖିଳ ଭାରତ ଓଡ଼ିଶା ଚେସ୍ ସଂଘ ଆନୁକୂଲ୍ୟରେ ଢେଙ୍କାନାଳ ଚେସ୍ ସଂଘ ଦ୍ୱାରା ସ୍ଥାନୀୟ ଟାଉନ୍ ହଲ୍‌ରେ ଚାଲିଥିବା ରାଜ୍ୟସ୍ତରୀୟ ୧୧ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଉଭୟ ଓପନ ବାଳିକା ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ୨୦ ଜିଲ୍ଲାରୁ ୨୫ ବାଳିକାଙ୍କ ସହ ମୋଟ୍ ୯୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଓପନ୍ ଓ ବାଳିକା ବର୍ଗରେ ଶ୍ରେଷ୍ଠ ୧୦ ଖେଳାଳିଙ୍କୁ ପୁରସ୍କାର ରାଶି ଏବଂ ଟ୍ରଫି ପ୍ରଦାନ କରାଯାଇଛି। ମନିଷ ମିଶ୍ର ପ୍ରଥମ, ସୟାଂଶ ଦାସ ଦ୍ୱିତୀୟ, ଶୁଭାଶିଷ ବାରିକ ତୃତୀୟ, ସାକେତ୍ କୁମାର ମାଇତି ଚତୁର୍ଥ, ସିଦ୍ଧାର୍ଥ ମଲ୍ଲିକ ପଞ୍ଚମ, ସୌଭିକ୍ ପାଢ଼ୀ ଷଷ୍ଠ, ଶ୍ରେୟାଂଶ ଦାସ ସପ୍ତମ, ରେୟାନ୍ସ ସାମଲ ଅଷ୍ଟମ, ଆର୍ୟାନ୍‌ସ୍ ମିଶ୍ର ନବମ ଏବଂ ଚୌଧୁରୀ ଶୁଭମ୍ ନନ୍ଦ ଦଶମ ସ୍ଥାନ ଅଧିକାର କରିଛନ୍ତି। ଢେଙ୍କାନାଳ ବେଷ୍ଟ ସାନ୍ ସାତିକ୍ ବେହେରା ପ୍ରଥମ, ଦେବଦତ୍ତ ଦାସ ଦ୍ୱିତୀୟ ଏବଂ ସୂର୍ଯ୍ୟାବିତ୍ ସାହୁ ତୃତୀୟ ସ୍ଥାନ ଗ୍ରହଣ କରିଛନ୍ତି। ସେହିପରି ବାଳିକା ବିଭାଗରେ ସମିନା ସ୍ୱାଇଁ ପ୍ରଥମ, ଶରଧାଭାଗ୍ୟ କାମିନୀ ଦ୍ୱିତୀୟ, ପ୍ରୀତିକା ପ୍ରଧାନ ତୃତୀୟ, ଆର୍ଶିକା ଦାସ ଚତୁର୍ଥ, ଅନିଷା ଆଚାର୍ଯ୍ୟ ପଞ୍ଚମ, ଯଶସ୍ୱୀ ବିବେକ ବାରୱେ ଷଷ୍ଠ, ସ୍ନେହସ୍ମିତା ରାମ ସପ୍ତମ, ବାହୁବାଳେନ୍ଦୁଶି କାମାକ୍ଷା ଅଷ୍ଟମ, ଅକ୍ଷତା ମିଶ୍ର ନବମ ଏବଂ ଅକ୍ଷରା ଅନ୍ନଗା ଦଶମ ସ୍ଥାନ ଅଧିକାରୀ କରିଛନ୍ତି। ବେଷ୍ଟ ଢେଙ୍କାନାଳରେ ଦିବ୍ୟଙ୍କା ମିଶ୍ର ଏବଂ ଜାନ୍‌ଭି ମିଶ୍ରଙ୍କୁ ଟ୍ରଫି ପ୍ରଦାନ କରାଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ଚେସ୍ ସଂଘ ସଭାପତି ନବୀନ ଚନ୍ଦ୍ର ନାରାୟଣ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏସ୍‌ପି ଅଭିନବ ସୋନ୍‌କର ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିରଞ୍ଚି ନାରାୟଣ ପାଇଁ, ଚାଟାର୍ଡ ଆକାଉଣ୍ଟାଣ୍ଟ୍ ରାଜନାରାୟଣ ତ୍ରିପାଠୀ, ଚେସ୍ ସଂଘ ଉପସଭାପତି ଅକ୍ଷୟ ମହାନ୍ତି ଏବଂ ସମ୍ପାଦକ ଦେବବ୍ରତ ଭଞ୍ଜ ଉପସ୍ଥିତ ଥିଲେ। ସଂଘ ସଦସ୍ୟ ସୁଶାନ୍ତ ସ୍ୱାଇଁ, ଅଶୋକ ମିଶ୍ର, ଆଶିଷ ମିଶ୍ର, ସୁଶାନ୍ତ ଦାସ, ରାଜେନ୍ଦ୍ର ସାମଲ ସହଯୋଗ କରିଥିଲେ। ଅନ୍ତର୍ଜାତୀୟ ଆର୍‌ବିଟର ସୁରେଶ ଚନ୍ଦ୍ର ସାହୁ, ତାପସ କୁମାର ମହାନ୍ତି, ସନ୍ତୋଷ କୁମାର ମହାପାତ୍ର ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ସତ୍ୟନାରାୟଣ କର ଧନ୍ୟବାଦ ଅର୍ପଣ ଏବଂ ମଞ୍ଚ ପରିଚାଳନା କରିଥିଲେ।

# ବେଉଷଣ ପାଇଁ ଚାଷୀ ତତ୍ପର



**ଭୁବନ, ୧୩।୭ (ସମିସ):** ଭୁବନରେ ଚଳିତବର୍ଷ ରଜ ସମୟରୁ ମୌସୁମୀ ଓ ଲଘୁଚାପ ପ୍ରଭାବରେ ସ୍ୱାଭାବିକ ବର୍ଷା ହୋଇଛି। ରଜଠାରୁ ପ୍ରାୟ ୧ମାସ ବ୍ୟାପୀ ଅଞ୍ଚଳରେ ଭଲ ବର୍ଷା ହୋଇଥିବାରୁ ଅଞ୍ଚଳର ଚାଷୀଙ୍କ ମନରେ ହସ ଭରିଛି। ଗତବର୍ଷ ରଜ ପରେ ବର୍ଷା ଅଭାବରୁ ଜମି ଶୁଖିଲା ପଡ଼ିଥିଲା। ଫଳରେ ଚାଷୀ ମନରେ ମରୁଡ଼ି ଆଶଙ୍କା ବଢ଼ିଥିଲା। ମାତ୍ର ଚଳିତବର୍ଷ ଏଭଳି ପରିସ୍ଥିତିରୁ ଚାଷୀ ମୁକ୍ତି ପାଇଛି। ଯେଉଁ ଜମିରେ ବୁଣାବୁଣି ସରିଥିଲା ସେହି ଜମିରେ ଏବେ ବିହୁଡ଼ା ଓ ବେଉଷଣ କାର୍ଯ୍ୟ କରିବାକୁ ଚାଷୀ ଅଣ୍ଟା ଭିଡ଼ିଲେଣି। ସେହିପରି ଯେଉଁ ଜମିରେ ବୁଣାବୁଣି କାର୍ଯ୍ୟ ହୋଇପାରି ନ ଥିଲା ଲଗାଣ ବର୍ଷାରେ ହୁଡ଼ାକୁ ପାଣି ଲାଗିବାରୁ ଚାଷୀ ଟ୍ରାକ୍ଟର ଯୋଗେ ହଳ କରି ଧାନ ରୋଇବା ପାଇଁ ପ୍ରସ୍ତୁତ ହେଲେଣି। ଅନେକ ଜମିରେ ଚାଷୀ ରୁଆପୋତା ମଧ୍ୟ ଆରମ୍ଭ କରିଛନ୍ତି। ତେବେ ଏକ ସମୟରେ ସମସ୍ତ ଜମି ଚାଷ ହୋଇ ରୁଆପୋତା ଆରମ୍ଭ ହୋଇଗଲେ ରୋଇବା ପାଇଁ ଶ୍ରମିକ ଅଭାବ ପରିଲକ୍ଷିତ ହେବ ବୋଲି ଚାଷୀମାନେ ଚିନ୍ତାରେ ଅଛନ୍ତି।

ସୂଚନାଯୋଗ୍ୟ, କୁମଦା, ବାଉଁଶକଣ, କୋହେଲସାହି, ବୋତଲଣ୍ଟନୂଆ କୁମଦା ଆଦି ଅଞ୍ଚଳର ବହୁ ମହିଳା ଶ୍ରମିକ ବର୍ଷାଦିନେ ଏଠାରେ କାମ ଅଭାବ ହେତୁ ରୁଆପୋତା କରିବା ପାଇଁ ଯାଜପୁର ସ୍ଥାନାନ୍ତରିତ ହୁଅନ୍ତି। ମାତ୍ର ଚଳିତ ବର୍ଷ ଅନୁକୂଳ ପରିସ୍ଥିତି ଚାଷୀଙ୍କୁ ଯେପରି ଖୁସି ଦେଉଛି ସେହିପରି ମଧ୍ୟ ମହିଳା ଶ୍ରମିକମାନେ କୃଷି କାର୍ଯ୍ୟ ପାଇଁ ବାହାର ଜିଲ୍ଲାକୁ ନ ଯାଇ ଭୁବନ ଅଞ୍ଚଳର ରୁଆପୋତା କରିବା ପାଇଁ ସୁଯୋଗ ସୃଷ୍ଟି ହୋଇଥିବା ଆଲୋଚନା କରିଛନ୍ତି। ମାତ୍ର ବିଡ଼ମ୍ବନାର ବିଷୟ କୃଷି କାର୍ଯ୍ୟକୁ ସଠିକ୍ ପରିଚାଳନା ପାଇଁ, ଚାଷୀଙ୍କୁ ସଠିକ୍ ପରାମର୍ଶ ଦେବା ପାଇଁ ଭୁବନରେ କୃଷି ଅଧିକାରୀ କାର୍ଯ୍ୟାଳୟରେ କର୍ମଚାରୀ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ପୁରୁଖା ଚାଷୀ, ଯୁବଚାଷୀ କିଛି ଜ୍ଞାନକୌଶଳ ପାଇଁ କୃଷି କାର୍ଯ୍ୟାଳୟକୁ ଯାଇ କାହାକୁ ସାକ୍ଷାତ କରି ନ ପାରି ଫେରୁଥିବା ଅଭିଯୋଗ ହେଉଛି।

# ଆଇପିଏସ୍ ସୋନାଲି ମିଶ୍ରା ଆର୍‌ପିଏଫ୍‌ର ପ୍ରଥମ ମହିଳା ଡିଜି



ନୂଆଦିଲ୍ଲୀ,୧୩।୭(ଏଜେନ୍ସି): ବରିଷ୍ଠ ଆଇପିଏସ୍ ଅଫିସର ସୋନାଲି ମିଶ୍ରା ରେଲୱେ ପ୍ରୋଟେକସନ ଫୋର୍ସ (ଆରପିଏଫ୍)ର ପ୍ରଥମ ମହିଳା ମହା ନିର୍ଦ୍ଦେଶକ (ଡିଜି) ଭାବେ ନିଯୁକ୍ତି ପାଇଛନ୍ତି। ଜୁଲାଇ ୩୧ରୁ ସେ ମନୋଜ ଯାଦବଙ୍କଠାରୁ ଏହି ଗୁରୁଦାୟିତ୍ୱ ବହନ କରିବେ। ଏହାକୁ ଆପଏଣ୍ଟମେଣ୍ଟ କମିଟି ଅଫ୍ ଦି କ୍ୟାବିନେଟ ଅନୁମୋଦନ ଦେଇଛି। ସୋନାଲି ହେଉଛନ୍ତି ମଧ୍ୟପ୍ରଦେଶ କ୍ୟାଡରର ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଫିସର। ଭାରତର ପ୍ରଥମ ମହିଳା ଭାବେ ସେ ଏହି ଦାୟିତ୍ୱ ବହନ କରିବେ। ସେ ଏବେ ମଧ୍ୟପ୍ରଦେଶ ପୁଲିସରେ ଆଡିସନାଲ ଡାଇରେକ୍ଟର ଜେନେରାଲ (ସିଲେକସନ) ଭାବେ କାର୍ଯ୍ୟରତ ଅଛନ୍ତି। ସୋନାଲି ପୂର୍ବରୁ ୨୦୨୧ ଜୁଲାଇରେ ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍ଏଫ୍)ର ପ୍ରଥମ ମହିଳା କମାଣ୍ଡର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ପଞ୍ଜାବର ଭାରତ- ପାକିସ୍ତାନୀ ସୀମାରେ ନିୟୋଜିତ ଥିଲେ। କଶ୍ମୀର ଉପତ୍ୟକାରେ ମଧ୍ୟ ସେ ଇନ୍ସପେକ୍ଟର ଜେନେରାଲ (ଆଇଜି) ଭାବେ ବିଏସ୍ଏଫ୍ ଗୁଇନ୍ଦା ବିଭାଗର ମୁଖ୍ୟ ଭାବେ ସଫଳତାର ସହ କାର୍ଯ୍ୟ କରିଥିଲେ। ସେ ମଧ୍ୟ ପିପିଏମ୍‌ଡିଏସ୍ (ପ୍ରେସିଡେଣ୍ଟ ପୁଲିସ ମେଡାଲ ଫର ଡିଷ୍ଟିଙ୍ଗୁଇସ୍ ସର୍ଭିସ) ଓ ପିଏମ୍ଏମ୍ଏସ୍ (ପୁଲିସ ମେଡାଲ ଫର୍ ମେରିଟୋରିୟସ ସର୍ଭିସ) ପୁରସ୍କାର ହାସଲ କରିଛନ୍ତି।

# ଆମେରିକାରେ ଗିରଫ ହେଲେ ୮ ଖଲିସ୍ତାନୀ ଆତଙ୍କବାଦୀ




ଜଳନ୍ଧର,୧୩।୭(ଏଜେନ୍ସି): ଭାରତରୁ ଫେରାର ହୋଇ ଆମେରିକା ଯାଇଥିବା କେତେଜଣ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ଦେଶର ଗୋଇନ୍ଦା ସଂସ୍ଥା ଏଫ୍‌ବିଆଇ ଗିରଫ କରିଛି। ଏଫ୍‌ବିଆଇ ଓ କେତେକ ସ୍ଥାନୀୟ ଏଜେନ୍ସି ଜୁଲାଇ ୧୧ରେ କାଲିଫର୍ଣ୍ଣିଆର ସେନ୍ ଜୋକ୍ୱିନ କାଉଣ୍ଟିରେ ବଡ଼ ଧରଣର ଚଢ଼ାଉ କରି ୮ ଜଣ ଖଲିସ୍ତାନୀ ଆତଙ୍କୀଙ୍କୁ ଗିରଫ କରିଛି। ଏହି ଆତଙ୍କୀମାନେ ହେଲେ ଦିଲପ୍ରୀତ ସିଂହ, ଅର୍ଶପ୍ରୀତ ସିଂହ, ଅମୃତପାଲ ସିଂହ, ବିଶାଳ, ପବିତ୍ର ସିଂହ ଓର୍ଫ ପବିତ୍ର ବାଟ୍‌ଲା, ଗୁରତାଜ ସିଂହ, ମନପ୍ରୀତ ରାନ୍ଧୱା ଓ ସରବଜିତ ସିଂହ। ଏମାନଙ୍କ ବିରୋଧରେ ଭିନ୍ନ ଭିନ୍ନ ଅପରାଧିକ ମାମଲା ରୁଜୁ କରାଯାଇଛି। ଖଲିସ୍ତାନ ନେଟ୍‌ୱର୍କକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗିରଫ୍ କରାଯିବା ପରେ ସମସ୍ତଙ୍କୁ ପଚରାଉଚରା କରାଯାଇଥିଲା ଓ ପରେ ସେମାନଙ୍କୁ ଜେଲ୍ ପଠାଇ ଦିଆଯାଇଛି। ଏମାନଙ୍କ ବିରୋଧରେ ଅପହରଣ, ନିର୍ଯାତନା, ଅପରାଧିକ ଷଡ଼ଯନ୍ତ୍ର, ସାକ୍ଷୀଙ୍କୁ ଭୟଭିତ କରାଇବା ଓ ଅନ୍ୟ ମାମଲା ରୁଜୁ କରାଯାଇଛି। ପବିତ୍ର ବାଟଲାକୁ ଗିରଫ କରାଯିବା ସବୁଠାରୁ ବଡ଼ ଘଟଣା ବୋଲି କୁହାଯାଇଛି। ସେ ବାବର ଖାଲସା ଇଣ୍ଟରନ୍ୟାସନାଲ ସହିତ ଜଡିତ ରହିଛି। ଏମାନେ ସବୁ ଅବୈଧ ଉପାୟରେ ଭାରତରୁ ଯାଇ ଆମେରିକାରେ ପ୍ରବେଶ କରିଥିଲେ ବୋଲି ଭାରତୀୟ ଏଜେନ୍ସିଗୁଡିକ ତରଫରୁ କୁହାଯାଇଛି।

■ ଇଣ୍ଡୋନେସିଆରେ ଅବୈଧ ଡ୍ରଗ୍ସ ଚାଲାଣ

# ୩ ଭାରତୀୟଙ୍କ ମୃତ୍ୟୁଦଣ୍ଡ ହାଇକୋର୍ଟରେ କାଏମ

ଜାକର୍ତ୍ତା,୧୩।୭(ଏଜେନ୍ସି): ଡ୍ରଗ୍ ତଥା ନିଶାଦ୍ରବ୍ୟ ଅବୈଧ ଚାଲାଣ ଅଭିଯୋଗରେ ୩ ଜଣ ଭାରତୀୟଙ୍କୁ ମିଳିଥିବା ମୃତ୍ୟୁ ଦଣ୍ଡାଦେଶକୁ ଇଣ୍ଡୋନେସିଆ ହାଇକୋର୍ଟ ବଜାୟ ରଖିଛନ୍ତି। ଏହି ୩ ଜଣ ଭାରତୀୟ ହେଲେ ରାଜୁ ମୁଥୁକୁମାରନ, ସେଲବଦୁରାଇ ଦିନାକରନ ଓ ଗୋବିନ୍ଦସ୍ୱାମୀ ବିମଲକନ୍ଦନ। ପୂର୍ବରୁ ଏହି ୩ ଜଣଙ୍କୁ ଗତ ଜୁନ୍ ୨୦ରେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା। ୨୦୨୪ ଜୁଲାଇ ୪ରେ ଏହି ୩ ଜଣଙ୍କୁ ଇଣ୍ଡୋନେସିଆର ରିୟାଉ ଦୀପରେ ଗିରଫ୍ କରାଯାଇଥିଲା। ତାଙ୍କୁ ବାଲାଇ କରିମୁନ ଡିଷ୍ଟ୍ରିକ୍ କୋର୍ଟ ଏମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ମୃତ୍ୟୁଦଣ୍ଡ ଆଦେଶ ଦେଇଥିଲା। ଏବେ ଏହାକୁ ହାଇକୋର୍ଟ ବଜାୟ ରଖିଛନ୍ତି। ଅବଶ୍ୟ ଭାରତ ଏହି ମାମଲାରେ ଆପତ୍ତି ଉଠାଇଛି। ଇଣ୍ଡୋନେସିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ସନ୍ଦୀପ ଚକ୍ରବର୍ତ୍ତୀ ଏ ନେଇ ନିଜର ମତ ରଖିଛନ୍ତି। ଇଣ୍ଡୋନେସିଆର ନ୍ୟାୟ ବ୍ୟବସ୍ଥା ଉପରେ ଆମର ବିଶ୍ୱାସ ଓ ଭରସା ରହିଛି। କିନ୍ତୁ ଏହି ମାମଲାରେ ପ୍ରମାଣଗୁଡିକୁ ଭଲ ଭାବେ ଯାଞ୍ଚ୍ କରାଯାଇନାହିଁ। ରେୟାର ଅଫ୍ ଦି ରେୟାରେଷ୍ଟ କେସ୍‌ରେ ମୃତ୍ୟୁଦଣ୍ଡ ଦିଆଯାଇଥାଏ। ତେଣୁ ଏ ନେଇ ପୁନର୍ବିଚାର କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ଅମରନାଥ ଯାତ୍ରାରେ ଅଘଟଣ

# ପରସ୍ପରକୁ ଧକ୍କାଦେଲେ ୩ ବସ୍; ୧୦ ଆହତ



ପହଲଗାମ,୧୩।୭(ଏଜେନ୍ସି): ଅମରନାଥ ଯାତ୍ରା ୧୦ମ ଦିବସରେ ପହଞ୍ଚିଛି। ଯାତ୍ରା ବେଳେ ୩ଟି ବସ୍ ପରସ୍ପରକୁ ଧକ୍କା ଦେବା ଫଳରେ ୧୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ବାଲଟାଲକୁ ଯାଉଥିବା ଥିବା ବେଳେ ୩ଟି ବସ ପରସ୍ପରକୁ ଧକ୍କା ଦେଇଥିଲେ। ଫଳରେ ତାଚଲୁ କ୍ରସିଂ ନିକଟ୍‌ରେ ଦୁର୍ଘଟଣା ହୋଇଥିଲା। ରବିବାର ଦଶମ ଦିବସରେ ମୋଟ୍ ୧୯,୦୨୦ ଶ୍ରଦ୍ଧାଳୁ ଅମରନାଥର ପବିତ୍ର ଗୁମ୍ଫାରେ ହିମ ଶିବଲିଙ୍ଗ ଦର୍ଶନ କରିଛନ୍ତି। ଏପର୍ଯ୍ୟନ୍ତ ଏକ ଲକ୍ଷ ୮୩ ହଜାର ଭକ୍ତ ଅମରନାଥ ଦର୍ଶନ କରିସାରିଛନ୍ତି। ଏହି ପବିତ୍ର ଯାତ୍ରା ଜୁଲାଇ ୩ରୁ ଆରମ୍ଭ ହୋଇଥିଲା ଓ ଏହା ଅଗଷ୍ଟ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ରବିବାର ୭,୦୪୯ ଯାତ୍ରୀଙ୍କୁ ନେଇ ଦ୍ୱାଦଶ ପର୍ଯ୍ୟାୟର ଯାତ୍ରା ଭଗବଦୀ ନଗର ବେସ୍ କ୍ୟାମ୍ପରୁ ଆରମ୍ଭ ହୋଇଥିଲା। ଯାତ୍ରାର ପ୍ରଥମ ଦିନ ଗୁରୁବାରରେ ୧୨୩୪୮, ଶୁକ୍ରବାର ୧୪୫୧୫, ଶନିବାର ୨୧୧୦୯, ରବିବାର ୨୧୫୧୨, ସୋମବାର ୨୩୮୫୭ ଭକ୍ତ ଦର୍ଶନ ପାଇଁ ଅମରନାଥ ପହଞ୍ଚିଥିଲେ।

କୋଟାରେ ଟ୍ରକ୍‌କୁ ପିଟିଲା ଟ୍ରାଭେଲର

# ଗୋଟିଏ ପରିବାରର ୪ ମୃତ, ୧୦ ଆହତ



କୋଟା,୧୩।୭(ଏଜେନ୍ସି): ରବିବାର ସକାଳେ ଦିଲ୍ଲୀ-ମୁମ୍ବଇ ଏକ୍ସପ୍ରେସ୍ ୱେରେ ଏକ ମର୍ମନ୍ତୁଦ ଦୁର୍ଘଟଣା ହୋଇଛି। ଠିଆ ହୋଇଥିବା ଏକ ଟ୍ରକ୍‌କୁ ଦ୍ରୁତଗତିରେ ଆସି ଏକ ମିନିବସ ତଥା ଟ୍ରାଭେଲର ଧକ୍କା ଦେଇଥିଲା। ଗ୍ରାମୀଣ କୋଟାର ବୁଦ୍ଧାଦିତ ଅଞ୍ଚଳରେ ଭୋର ୫ଟାରେ ଏହି ଦୁର୍ଘଟଣା ହୋଇଥିଲା। ଏଥିରେ ଗୋଟିଏ ପରିବାରର ୪ ଜଣ ସଦସ୍ୟ ଘଟଣାସ୍ଥଳେ ମୃତ୍ୟୁବରଣ କରିଥିବା ବେଳେ ୧୦ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୭ଜଣଙ୍କ ସ୍ଥିତି ଅତି ଗମ୍ଭୀର ବୋଲି କୁହାଯାଇଛି। ଚମ୍ବଲ ବ୍ରିଜ୍ ଉପରେ ଏହି ଟ୍ରକ୍ ଠିଆ ହୋଇଥିଲା। ଆହତଙ୍କୁ କୋଟାର ଏମ୍‌ବିଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତଦେହ ଗୁଡିକୁ ମଧ୍ୟ ଏହି ହସ୍ପିଟାଲରେ ରଖାଯାଇଛି। ମଧ୍ୟପ୍ରଦେଶରୁ ଇନ୍ଦୋରୁ ବସ୍‌ରେ ଏହି ପରିବାର ରାଜସ୍ଥାନର କାରୁଲି ଯାଉଥିଲେ। ଏକ ନିର୍ବନ୍ଧ ସମାରୋହରେ ଅଂଶଗ୍ରହଣ କରି ଏମାନେ ଘରକୁ ଫେରୁଥିଲେ। ରାତି ୯ଟାରେ ଏହି ବସ୍ ଇନ୍ଦୋରରୁ ବାହାରି ଥିଲା।

## ପାଟନାରେ ସ୍ୱଷ୍ଟ ଦିବାଲୋକରେ ଓକିଲଙ୍କୁ ଗୁଳି

# ୨୪ ଘଣ୍ଟାରେ ୪ ହତ୍ୟା

ପଟନା,୧୩।୭(ଏଜେନ୍ସି): ଅପରାଧୀଙ୍କ ଚରାଭୂଇଁ କୁହାଯାଉଥିବା ବିହାରରେ ଗତ ୨୪ ଘଣ୍ଟା ମଧ୍ୟରେ ୪ଜଣଙ୍କୁ ହତ୍ୟା କରାଯାଇଛି। ବିଧାନସଭା ନିର୍ବାଚନ ଆଉ କିଛି ମାସ ବାକିଥିବା ବେଳେ ଏଭଳି ଆଇନ ଶୃଙ୍ଖଳା ବିପର୍ଯ୍ୟୟକୁ ନେଇ ପ୍ରଶ୍ନ ଉଠିଛି ଓ ସାଧରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ସ୍ୱଷ୍ଟ ଦିବାଲୋକରେ ଜିତେନ୍ଦ୍ର କୁମାର ମାହତୋ ନାମକ ଜଣେ ଓକିଲଙ୍କୁ କେତେଜଣ ଅଜଣା ବନ୍ଧୁକଧାରୀ ଅତି ନିକଟରୁ ଗୁଳିକରି ହତ୍ୟା କରିଛନ୍ତି। ପାଟନା ଥାନାଠାରୁ ମାତ୍ର ୩୦୦ ମିଟର ଦୂରରେ ଏହି ହତ୍ୟାକାଣ୍ଡ ହୋଇଛି। ୫୮ ବର୍ଷୀୟ ଜିତେନ୍ଦ୍ର ଚା' ପିଇ ଫେରୁଥିବା ବେଳେ ତାଙ୍କୁ ଗୁଳି ହୋଇଥିଲା। ସଙ୍ଗେସଙ୍ଗେ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରତିଦିନ ସେହି ସ୍ଥାନକୁ ଚା ପିଇବାକୁ ଯାଉଥିବା ଜିତେନ୍ଦ୍ରଙ୍କୁ କିଏ ଓ କାହିଁକି ହତ୍ୟା କଲା ତାହା ଜଣାପଡ଼ିନାହିଁ। ପାଟନା ସିଟି ଏଏସ୍‌ପି ଅତୁଲେଶ ଝା ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ସୁଲତାନପୁର ପୁଲିସ ଏହି ଘଟଣା

**ଦୁର୍ବୃତ୍ତଙ୍କ ଶୀକାର ହେଲେ ପଶୁ ଡାକ୍ତର, ବ୍ୟବସାୟୀ**

ତଦନ୍ତ ଭାର ହାତକୁ ନେଇଛି। ତଦନ୍ତ ପାଇଁ ଫୋରେନସିକ ସାଇନ୍ସ ଲାବୋରେଟୋରୀକୁ ସୂଚନା ଦିଆଯାଇଛି। ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଅପରାଧୀମାନଙ୍କୁ ଚିହ୍ନଟ କରିବାକୁ ପ୍ରୟାସ ଜାରି ରଖିଛି।

ଏହାପୂର୍ବରୁ ଶନିବାର ସୀତାମାରି ଜିଲ୍ଲାର ବ୍ୟସ୍ତବହୁଳ ମେହସାଉଲ ଛକରେ ବ୍ୟବସାୟୀ ପୁଟୁ ଖାନ୍‌ଙ୍କୁ ଅତି ନିକଟରୁ ମୁଣ୍ଡକୁ ଗୁଳିକରି ହତ୍ୟା କରାଯାଇଛି।

ସେହିପରି ପାଟନା ଜିଲ୍ଲାର ଶେଖପୁରା ଗାଁରେ ପଶୁ ଡାକ୍ତର ସୁରେନ୍ଦ୍ର କୁମାରଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଚାଷ ଜମିରେ ପାଣି ଦେବା ବେଳେ ତାଙ୍କୁ ଦୁର୍ବୃତ୍ତମାନେ ଗୁଳି କରିଥିଲେ।

ଅନ୍ୟଏକ ଘଟଣାରେ ପାଟନାର ବିକ୍ରମ ଝା ନାମକ ଜଣେ ତେଜରାତି ଦୋକାନୀଙ୍କୁ ଅଜଣା ବନ୍ଧୁକଧାରୀ ଗୁଳିକରି ହତ୍ୟା କରିଛନ୍ତି। ରାମକୃଷ୍ଣ ନଗର ଅଞ୍ଚଳରେ ଏହି ଘଟଣା ଘଟିଛି। ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ୨୪ ଘଣ୍ଟାରେ ଏଭଳି ୪ଟି ହତ୍ୟାକାଣ୍ଡ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ତୈଳବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ

# ଜଳିଗଲା ୧୮ ବଗି



ଚେନ୍ନଇ,୧୩।୭(ଏଜେନ୍ସି): ତାମିଲନାଡୁର ଥିରୁଭାଲୁର ରେଲ ଷ୍ଟେସନ ନିକଟ୍‌ରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ଏହି ଟ୍ରେନ୍ ମନାଲୀରୁ ଜୋଲାରକେଟ ବାଟ ଦେଇ କର୍ଣ୍ଣାଟକ ଯାଉଥିଲା। ଡିଜେଲକୁ ନେଇ ଯାଉଥିବା ଏହି ମାଲଗାଡି ଲାଇନଚ୍ୟୁତ ହେବା ଫଳରେ ୧୮ଟି ବଗି ଜଳିଯାଇଛି। ୫୨ଟି ବଗିରେ ଡିଜେଲ ଥିଲା। ସେଥିମଧ୍ୟରୁ ୪୦ଟି ଅଲଗା କରାଯାଇଛି। ଷ୍ଟେଶନ ଓ ଆଖପାଖ ଅଞ୍ଚଳକୁ ଖାଲି କରାଯାଇଛି ଓ ଏଲ୍‌ପିଜି ସିଲିଣ୍ଡରଗୁଡିକୁ ଦୂରକୁ ନିଆଯାଇଛି। ସୌଭାଗ୍ୟବଶତଃ ଏଥିରେ କେହି ମୃତାହତ ହୋଇନାହାନ୍ତି। ରବିବାର ସକାଳ ୫.୩୦ରେ ଏହି ଦୁର୍ଘଟଣା ଘଟିଛି। ନିଆଁ ଲାଗିବା ନେଇ କାରଣ ସମ୍ପର୍କରେ ଏବେ କିଛି ସୂଚନା ମିଳିନାହିଁ। ଦମକଳର ଏକାଧିକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି। ଅପରାହ୍ଣ ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ୧୦ଟି ଦମକଳ ଗାଡି ସହାୟତାରେ ନିଆଁକୁ ନିୟନ୍ତ୍ରଣକୁ ଅଣାଯାଇଛି। ରେଳବାଇ ଓ ପୁଲିସ ରେଳ ଲାଇନ୍‌ରେ ଥିବା ଫାଟ ନେଇ ଯାଞ୍ଚ୍ କରୁଛି।

# ରାଜ୍ୟସଭାକୁ ୪ ସଦସ୍ୟଙ୍କୁ ମନୋନୀତ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୧୩।୭(ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟସଭାକୁ ୪ ଜଣ ସଦସ୍ୟଙ୍କୁ ପଠାଇବାକୁ ସୁପାରିସ କରିଛନ୍ତି। ଏମାନଙ୍କ ମଧ୍ୟରେ ପୂର୍ବତନ ସରକାରୀ ଓକିଲ ତଥା ଲୋକସଭା ନିର୍ବାଚନରେ ବିଜେପିର ପ୍ରାର୍ଥୀ ଉଜ୍ଜ୍ୱଳ ନିକମ୍ ସାମିଲ ରହିଛନ୍ତି। ନିକମ୍ ମୁମ୍ବଇ ୨୬/୧୧ ଆତଙ୍କବାଦୀ ଆକ୍ରମଣ ସମେତ ଏକାଧିକ ମାମଲାରେ ପବ୍ଲିକ ପ୍ରସିକ୍ୟୁଟର ଥିଲେ। ସେହିପରି କେରଳର ବରିଷ୍ଠ ସମାଜସେବୀ ତଥା ଶିକ୍ଷାବିତ୍ ସି. ଚିଦାନନ୍ଦ ମାଷ୍ଟର, ଭାରତର ପୂର୍ବତନ ବୈଦେଶିକ ସଚିବ ମୁମ୍ବଇର ହର୍ଷବର୍ଦ୍ଧନ ଶୃଙ୍ଗଲା ଏବଂ ଦିଲ୍ଲୀର ଇତିହାସକାର ତଥା ଶିକ୍ଷାବିତ୍ ମିନାକ୍ଷୀ ଜୈନ୍ ମଧ୍ୟ ରାଷ୍ଟ୍ରପତିଙ୍କ ସୁପାରିସ କ୍ରମେ ରାଜ୍ୟସଭା ଯିବା ନିଶ୍ଚିତ ହୋଇଛି। ଭାରତୀୟ ସମ୍ବିଧାନର ଧାରା ୮୦ (୩) ଅନୁସାରେ ରାଷ୍ଟ୍ରପତି ୧୨ଜଣଙ୍କୁ ରାଜ୍ୟସଭା ସଦସ୍ୟ ମନୋନୀତ କରିବାର ବ୍ୟବସ୍ଥା ରହିଛି।

# ଲଣ୍ଡନରେ ବିମାନ ଦୁର୍ଘଟଣା



ଲଣ୍ଡନ,୧୩।୭(ଏଜେନ୍ସି): ଲଣ୍ଡନର ଏସେକ୍ସସ୍ଥିତ ସାଉଥ୍‌ଏଣ୍ଡ ବିମାନ ବନ୍ଦରରେ ରବିବାର ଏକ ପ୍ୟାସେଞ୍ଜର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଉଡ଼ାଣ ଭରିବାର କିଛି ସେକେଣ୍ଡ ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। ବିମାନଟି ବିଚ୍ ବି-୨୦୦ ମଡେଲର ଥିଲା ଓ ଏହା ନେଦରଲାଣ୍ଡସର ଲେଲିଷ୍ଟାଡକୁ ଯାତ୍ରା କରୁଥିଲା। ଦୁର୍ଘଟଣାଗ୍ରସ୍ତ ହେବା ପରେ ବିମାନଟି ଆକାଶରେ ଏକ ନିଆଁଗୋଳା ଭଳି ଦେଖାଯାଉଥିଲା। ଦୁର୍ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଦୁର୍ଘଟଣାର କାରଣ ନେଇ କିଛି ସୂଚନା ମିଳିନାହିଁ। ସ୍ଥାନୀୟ ସମୟ ଅପରାହ୍ଣ ୪ ଟା ପୂର୍ବରୁ ହିଁ ଏହି ଦୁର୍ଘଟଣା ଘଟିଥିଲା।

ଅପରେସନ କାଳନେମୀ

# ୨୫୯ ନକଲି ବାବା ଗିରଫ



ଡେରାଡୁନ,୧୩।୭(ଏଜେନ୍ସି): ଅପରେସନ କାଳନେମୀ ଦ୍ୱାର ଉତ୍ତରାଖଣ୍ଡ ପୁଲିସ୍ ରାଜ୍ୟରେ ୨୫୯ ଜଣ ନକଲି ବାବାଙ୍କୁ ଗିରଫ କରିଛି। ଧର୍ମନାମରେ ଲୋକଙ୍କ ଧାର୍ମିକ ଭାବନା ଓ ବିଶ୍ୱାସ ସହ ଖେଳିବା ଅଭିଯୋଗରେ ଏମାନଙ୍କୁ ଗିରଫ କରାଯାଇଛି ବୋଲି ପୁଲିସ କହିଛି। ଉତ୍ତରାଖଣ୍ଡକୁ ଦେବଭୂମି ବୋଲି ଅଭିହିତ କରାଯାଇଥାଏ। ଏବେ ଶ୍ରାବଣ ମାସ ଚାଲିଥିବା ବେଳେ କାଉଡିଆଙ୍କୁ ଭ୍ରମିତ କରିବାକୁ ଏହି ବାବାମାନେ ପ୍ରୟାସ କରୁଥିଲେ। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ସାରା ରାଜ୍ୟରେ ଲୋକଙ୍କୁ ଠକୁଥିବା ଏହି ନକଲି ସାଧୁବାବାମାନଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଅପରେସନ କାଳନେମୀ ବୋଲି କୁହାଯାଉଛି। ଗିରଫ ହୋଇଥିବା ବାବାମାନଙ୍କ ମଧ୍ୟରୁ ଏକାଧିକ ରାଜ୍ୟ ବାହରର ଓ ଜଣେ ବାଂଲାଦେଶର ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, କାଳନେମୀ ହେଉଛି ହିନ୍ଦୁ ପୁରାଣର ଏକ ଅସୁର ତଥା ରାକ୍ଷସର ନାମ। ରାମାୟଣ ଓ ମହାଭାରତ ଭଳି ଗ୍ରନ୍ଥରେ ସେ ବିଭିନ୍ନ ରୂପରେ ଦେଖା ଦେଇଛି। ରାମାୟଣରେ ସେ ମାରିଚର ପୁଅ ଓ ରାବଣର ମାମୁଁ ଥିଲା। ହନୁମାନଙ୍କୁ ରୋକିବା ପାଇ ତାକୁ ପଠାଯାଇଥିଲା। ମହାଭାରତରେ ସେ ଜଣେ ଶକ୍ତଶାଳୀ ଅସୁର ଥିଲା ଓ ତାକୁ ଭଗବାନ ବିଷ୍ଣୁ ତାରକାମୟ ଯୁଦ୍ଧରେ ବଧ କରିଥିଲେ। ପରେ ସେ କଂସ ରୂପରେ ଜନ୍ମ ନେଇଥିଲା ଓ କୃଷ୍ଣ ତାକୁ ମାରିଥିଲେ।

■ ସ୍ୱଚ୍ଛତା ସର୍ବେକ୍ଷଣ ରିପୋର୍ଟ ୨୦୨୪

# ସୁପର୍ ଲିଗ୍‌ରେ ୧୫ ସହର

ନୂଆଦିଲ୍ଲୀ,୧୩।୭(ଏଜେନ୍ସି): ସ୍ୱଚ୍ଛତା ସର୍ବେକ୍ଷଣ ୨୦୨୪ର ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଶ୍ରେଷ୍ଠ ୧୫ଟି ସ୍ୱଚ୍ଛ ସହରକୁ 'ସ୍ୱଚ୍ଛତା ସୁପର ଲିଗ୍'ରେ ସାମଲ କରାଯାଇଛି। ମଧ୍ୟପ୍ରଦେଶର ଇନ୍ଦୋର, ସୁରତ, ନବୀ ମୁମ୍ବଇ ସମେତ ୧୫ଟି ସହରକୁ ସୁପର ଲିଗ୍‌ରେ ସାମିଲ କରାଯାଇଛି। ଜୁଲାଇ ୧୭ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱଚ୍ଛତା ସର୍ଭେ ପୁରସ୍କାର ପ୍ରଦାନ କରିବେ। ତେଣୁ ଖୁବ୍‌ଶୀଘ୍ର ଏ ନେଇ ଆନୁଷ୍ଠାନିକ ଘୋଷଣା କରାଯିବ। ଏହି ଲିଗ୍‌ରେ ସାମିଲ ହୋଇଥିବା ସହରଗୁଡିକର ର୍ୟାଙ୍କିଙ୍ଗ୍ ତଥା ମାନ୍ୟତା ପ୍ରଦାନ କରାଯାଇନଥାଏ। କିନ୍ତୁ ସହରଗୁଡିକୁ ୧୨,୫୦୦ ଅଙ୍କର ସ୍କିମ୍ ବାବଦରେ ଅଙ୍କ ମିଳିବ। ସ୍ୱଚ୍ଛତା ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏଥର ଗୁଜରାଟର ଅହମଦାବାଦ୍ ପ୍ରଥମ ଓ ଲକ୍ଷ୍ନୌ ଦ୍ୱିତୀୟ ସ୍ଥାନରେ ରହିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସର୍ଭେ କମିଟିରେ ସ୍ଥାନ ପାଇଥିବା ଅଧିକାରୀ କହିଛନ୍ତି। ତେବେ ଏ ନେଇ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ। ରାଷ୍ଟ୍ରପତି ପୁରସ୍କାର ଦେବା ଅବସରରେ ହିଁ ତାଲିକା ଘୋଷଣା କରାଯିବ ବୋଲି କୁହାଯାଇଛି।

# ସାମରିକ ମେଣ୍ଟ ନ କରିବାକୁ ଆମେରିକା, ଦ. କୋରିଆ ଓ ଜାପାନକୁ ରୁଷ୍‌ର ଚେତାବନୀ

ପୋଙ୍ଗୟାଙ୍ଗ୍,୧୩।୭(ଏଜେନ୍ସି): ରୁଷିଆ ବୈଦେଶିକ ମନ୍ତ୍ରୀ ସେର୍ଗେ ଲାଭରୋଭ ଶନିବାର ଆମେରିକା, ଦକ୍ଷିଣ କୋରିଆ ଓ ଜାପାନକୁ କଡ଼ା ଚେତାବନୀ ଦେଇଛନ୍ତି। ଉତ୍ତର କୋରିଆ ବିରୋଧରେ କୌଣସି ସାମରିକ ମେଣ୍ଟ ନ କରିବାକୁ ସେ ସତର୍କ କରାଇଦେଇଛନ୍ତି। ଲାଭରୋଭ ଉତ୍ତର କୋରିଆ ଯାତ୍ରା କରିଛନ୍ତି। ସେଠାରେ ସେ ରାଷ୍ଟ୍ରପତି କିମ୍ ଜଙ୍ଗଙ୍କୁ ସାକ୍ଷାତ କରି ତାଙ୍କୁ ଭ୍ଲାଡିମୀର ପୁଟିନଙ୍କ ତରଫରୁ ଶୁଭେଚ୍ଛା ଜଣାଇଛନ୍ତି। ଗତ କେତେବର୍ଷ ମଧ୍ୟରେ ରୁଷିଆ ଓ ଉତ୍ତର କୋରିଆ ମଧ୍ୟରେ ସମ୍ପର୍କ ବେଶ୍ ଦୃଢ଼ ହୋଇଛି। ୟୁକ୍ରେନ ବିରୋଧରେ ଯୁଦ୍ଧ ଚାଲିଥିବା ବେଳେ ଉତ୍ତର କୋରିଆ ରୁଷିଆକୁ ଅସ୍ତ୍ରଶସ୍ତ୍ର ଯୋଗାଉଛି। ବଦଳରେ ରୁଷିଆ ମଧ୍ୟ ଉତ୍ତର କୋରିଆକୁ ଅର୍ଥନୈତିକ ଓ ସାମରିକ ସହାୟତା ଯୋଗାଇ ଦେଉଛି। ଲାଭରୋଭ ଉତ୍ତର କୋରିଆ ବୈଦେଶିକ ମନ୍ତ୍ରୀ ଚୋଇ ସୋନଙ୍କୁ ମଧ୍ୟ ଭେଟିଛନ୍ତି। ଉତ୍ତର କୋରିଆର ଚାରିପଟେ ଜାପାନ, ଆମେରିକା ଓ ଦକ୍ଷିଣ କୋରିଆ ସେନା ଉପସ୍ଥିତିକୁ ଜୋରଦାର କରିଛି ଓ ସୈନ୍ୟ ସଂଖ୍ୟା ବଢାଇବାରେ ଲାଗିଛି ବୋଲି ସେ କହିଛନ୍ତି। ତେଣୁ ଏଥିରୁ ନିବୃତ୍ତ ରହିବାକୁ ସେ ଏହି ୩ଟି ଦେଶକୁ ସତର୍କ କରାଇଛନ୍ତି। ଇତିମଧ୍ୟରେ ୟୁକ୍ରେନ୍ ବିପକ୍ଷରେ ଚାଲିଥିବା ଯୁଦ୍ଧରେ ରୁଷିଆର ସମର୍ଥନ କରିବା ପାଇଁ ଉତ୍ତର କୋରିଆ ସୈନ୍ୟ ପଠାଇବାକୁ ନିଷ୍ପତ୍ତି ନେଇଛି। ରୁଷ ଓ ଉତ୍ତର କୋରିଆ ମଧ୍ୟରେ ଗତବର୍ଷ ଏକ ସାମରିକ ଚୁକ୍ତି ହୋଇଥିଲା।

# ଯମୁନା ନଦୀରୁ ନିଖୋଜ ତ୍ରିପୁରା ଛାତ୍ରୀଙ୍କ ମୃତଦେହ ଉଦ୍ଧାର



ନୂଆଦିଲ୍ଲୀ,୧୩।୭(ଏଜେନ୍ସି): ତ୍ରିପୁରାର ଜଣେ ୧୯ ବର୍ଷୀୟ ଝିଅ ଦିଲ୍ଲୀରେ ନିଖୋଜ ହେବା ୬ ଦିନପରେ ତାଙ୍କ ମୃତଦେହ ଯମୁନା ନଦୀରେ ମିଳିଛି। ଏହି ଝିଅ ହେଉଛନ୍ତି ଦକ୍ଷିଣ ତ୍ରିପୁରା ଜିଲ୍ଲାର ୧୯ ବର୍ଷୀୟା ସ୍ନେହା ଦେବନାଥ। ଉତ୍ତର ଦିଲ୍ଲୀର ଗୀତା କଲୋନ ଫ୍ଲାଏ ଓଭର ନିକଟରେ ଯମୁନା ନଦୀରୁ ତାଙ୍କୁ ମୃତହେହ ଉଦ୍ଧାର କରାଯାଇଛି ବୋଲି ପୁଲିସ କହିଛି। ସେ ଦକ୍ଷିଣ ଦିଲ୍ଲୀର ପର୍ଯ୍ୟାବରଣ କମ୍ପ୍ଲେକ୍ସରେ ରହୁଥିଲେ। ସ୍ନେହା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଆତ୍ମାରାମ୍ ସନାତନ ଧର୍ମ କଲେଜରେ ପଢୁଥିଲେ ଓ ଜୁଲାଇ ୭ରେ ଶେଷଥର ପାଇଁ ନିଜ ପରିବାର ସହ ଫୋନ୍‌ରେ କଥା ହୋଇଥିଲେ। ସେ ପିତୁଆନ ନାମକ ଜଣେ ବନ୍ଧୁ ସହ ସରାଇ ରୋହିଲା ରେଳ ଷ୍ଟେସନକୁ ଯାଉଛନ୍ତି ବୋଲି ଭୋର ୫.୫୬ରେ ମାଙ୍କୁ ଫୋନ କରି ଜଣାଇଥିଲେ। କିନ୍ତୁ ୮.୪୫ରେ ସ୍ନେହାଙ୍କ ମୋବାଇଲ ସ୍ୱିଚ୍‌ଅଫ୍ ହୋଇଥିଲା। କିନ୍ତୁ ସେ ପିତୁଆନାଙ୍କୁ ଦେଖା କରି ନଥିବା ପରେ ଜଣା ପଡିଥିଲା। ତେବେ ଜଣେ କ୍ୟାବ ଡ୍ରାଇଭର ସ୍ନେହାଙ୍କୁ ଦିଲ୍ଲୀର ସିଗ୍‌ନେଚର ବ୍ରିଜ୍‌ଠାରେ ଛାଡିଦେଇଥିବା କଥା ତାଙ୍କ ପରିବାର ଦାବି କରିଛନ୍ତି। କିନ୍ତୁ ଏହାପରେ ତାଙ୍କର କୌଣସି ଖବର ମିଳି ନ ଥିଲା। ଘଟଣାର ତଦନ୍ତ ଚାଲୁରହିଛି।

# ପ୍ରେମିକ ସହ ବାରମ୍ବାର ପଳାଉଥିଲେ ପତ୍ନୀ

**ବିବାହ ବିଚ୍ଛେଦ ପରେ ଖୁସିରେ ୪ ବାଲ୍ଟି କ୍ଷୀରରେ ଗାଧୋଇଲେ ଯୁବକ**



ଗୌହାଟୀ,୧୩।୭(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ଆସାମରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ବିବାହ ବିଚ୍ଛେଦ ପରେ ଜଣେ ଯୁବକ ଖୁସିରେ ଆତ୍ମହରା ହୋଇ ୪ ବାଲ୍ଟି କ୍ଷୀରରେ ସ୍ନାନ କରିବା ସହ ସାରା ରାଜ୍ୟରେ ଚର୍ଚ୍ଚା ସୃଷ୍ଟି କରିଛନ୍ତି। ଏବେ ମୁଁ ସମ୍ପୂର୍ଣ୍ଣ ରୂପେ ସ୍ୱାଧୀନ ଓ ବହୁତ ଆନନ୍ଦିତ ଅଛି ବୋଲି ସେ କହିଛନ୍ତି। ଏହି ଘଟଣାକୁ ସେ କ୍ୟାମେରାରେ ରେକର୍ଡିଂ କରିଛନ୍ତି ଓ ଏହାର ଭିଡିଓ ସୋସିଆଲ ମିଡିଆରେ ବେଶ ଭାଇରାଲ ହୋଇଛି। ତାଙ୍କ ପତ୍ନୀ ବାରମ୍ବାର ତା'ର ପ୍ରେମିକ ସହ ପଳାଇ ଯାଇଥିଲେ। କିନ୍ତୁ ପରିବାରରେ ଶାନ୍ତି ବଜାୟ ରଖିବା ପାଇଁ ଚୁପ୍ ରହୁଥିଲେ ବୋଲି ସେ କହିଛନ୍ତି। ଏହି ଯୁବକଙ୍କ ନାମ ହେଉଛି ମାନିକ ଅଲି। ତାଙ୍କ ପତ୍ନୀ ପୂର୍ବରୁ ମଧ୍ୟ ଦୁଇଥର ଘରଛାଡି ଚାଲିଯାଇଥିଲେ ବୋଲି ସ୍ଥାନୀୟ ଲୋକେ କୁହନ୍ତି। ଶେଷରେ ଆପୋସ ବୁଝାମଣାରେ ଦୁହେଁ ପରସ୍ପରକୁ ଛାଡପତ୍ର ଦେଇଛନ୍ତି। ଗତକାଲି ମୋ ଓକିଲ ଛାଡ଼ପତ୍ର ଫାଇନାଲ ହୋଇଛି ବୋଲି କହିଥିଲେ। ତେଣୁ ଆଜି କ୍ଷୀରରେ ସ୍ନାନ କରି ଖୁସି ମନାଉଛି ବୋଲି ମାନିକ କହିଛନ୍ତି। ଭାଇରାଲ ଭିଡିଓରେ ମାନିକ ନିଜ ଘର ବାହାରେ ଏକ ପ୍ଲାଷ୍ଟିକ୍ ସିଟ୍ ଉପରେ ଠିଆ ହୋଇଥିବାର ଦେଖାଯାଇଛି। ତାଙ୍କ ପାଖରେ ୪ ବାଲ୍ଟି କ୍ଷୀର ରଖାଯାଇଛି। ସେ ଗୋଟିଏ ପରେ ଗୋଟିଏ ବାଲ୍ଟିରୁ କ୍ଷୀର ଆଣି ଭିଡିଓରେ ସ୍ନାନ କରୁଥିବାର ଦେଖାଯାଇଛି। ସୋସିଆଲ ମିଡିଆରେ କେତେକ ୟୁଜର୍ସ ଏହାକୁ 'ସ୍ୱତନ୍ତ୍ରତା ଅର୍ଥାତ ସ୍ୱାଧୀନତା ଘୋଷଣା' କହୁଥିବା ବେଳେ ଆଉ କେତେକ ଏହାକୁ ନାଟକ ବୋଲି କହିଛନ୍ତି। ତେବେ ଏହି ଘଟଣାକୁ ନେଇ ରାଜ୍ୟ ଓ ଦେଶରେ ଚର୍ଚ୍ଚା ସୃଷ୍ଟି କରିଛି।

## ଆଜିର ରାଶିଫଳ

**ମେଷ:** ଚାକିରିରେ ସଫଳତା ମିଳିବ। ଅର୍ଥ ନିବେଶ କରିବା ପାଇଁ ଭଲ ସମୟ। ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ। ଧାର୍ମିକ ଯାତ୍ରା ଯୋଗ ଅଛି। କର୍ମ ଅନୁସାରେ ଫଳ ମିଳିପାରେ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଦିନଟିରେ ସଫଳତା ପ୍ରାପ୍ତି ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଆଶା କରିଥିବା ଦିଗରୁ ଧନ ପ୍ରାପ୍ତି ହେବ। ବନ୍ଧୁଙ୍କ ସହଯୋଗ ମିଳିବ। ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ।

**ମିଥୁନ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ରାଜନୀତିରେ ସକ୍ରିୟ ହେବେ। ଅତିଥି ସତ୍କାରରେ ସମୟ ବିତିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି କରିବେ।

**କର୍କଟ:** ବ୍ୟବସାୟରୁ ଲାଭ ମିଳିବ। ଅର୍ଥ ନିବେଶରୁ ଦୂରେଇ ରୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆଣ୍ଠୁଗଣ୍ଠି ସମସ୍ୟା ବଢ଼ିପାରେ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ବଞ୍ଚିତ ରହିବେ। ମନ ଖୁସି ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିବେ।

**କନ୍ୟା:** ଆର୍ଥିକ ସ୍ଥିତି ଭଲ ରହିବ। ସୁଖଦ ଯାତ୍ରା ଯୋଗ ଅଛି। ବହୁ ଦିନର ଆଶା ପୂରଣ ହେବ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଭାଇ, ଭଉଣୀଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ତୁଳା:** ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଛାତ୍ରଛାତ୍ରୀ କର୍ମଚଞ୍ଚଳ ହେବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଘରକୁ ଅତିଥି ଆଗମନ ହେବ। ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ।

**ବିଛା:** ଘରେ ଧନଧାନ୍ୟ ବୃଦ୍ଧି ହେବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ। ପତି-ପତ୍ନୀଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇପାରେ।

**ଧନୁ:** ଅଫିସ୍‌ରେ ମାନସମ୍ମାନ ବଢ଼ିବ। ଅନ୍‌ଲାଇନ କାର୍ଯ୍ୟରୁ ଲାଭ ମିଳିବ। ନିବେଶ ପୂର୍ବରୁ ଅଭିଜ୍ଞ ଲୋକଙ୍କ ପରାମର୍ଶ ନିଅନ୍ତୁ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଅନୁକୂଳ ସମୟ। ପ୍ରେମ ବ୍ୟାପାରରେ ସଫଳ ହେବେ।

**ମକର:** ଚାକିରି ନିଷ୍ପତ୍ତି ପାଇଁ ଦ୍ୱନ୍ଦ୍ୱରେ ରହିବେ। ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାନ ଧର୍ମ କରନ୍ତୁ।

**କୁମ୍ଭ:** କାର୍ଯ୍ୟରେ ବାଧା ଆସିବ। ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ। ଭାବିଚିନ୍ତି ଖର୍ଚ୍ଚ କରନ୍ତୁ। କିଛି କଥାକୁ ନେଇ ଚିନ୍ତାରେ ରହିପାରନ୍ତି। ହଜିଯାଇଥିବା ଜିନିଷ ଫେରିପାଇବେ। ମାନସମ୍ମାନ ବୃଦ୍ଧି ପାଇବ।

**ମୀନ:** ଘରେ ପୂଜାପାଠ ଆୟୋଜନ କରିବେ। ନିଜ ପସନ୍ଦର କାର୍ଯ୍ୟ କରି ଖୁସି ହେବେ। ପାରିବାରିକ ଜୀବନ ସୁଖମୟ ହେବ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ।

## ଆଜିର ଇତିହାସ

- ୧୭୮୯- ଫ୍ରାନ୍ସ ବିପ୍ଳବ ଆରମ୍ଭ।
- ୧୮୫୦- ମେସିନ୍ ଦ୍ୱାରା ସୃଷ୍ଟି କରାଯାଇଥିବା ବରଫକୁ ସର୍ବସାଧାରଣରେ ପ୍ରଦର୍ଶନ କରାଗଲା।
- ୧୯୬୯- ଜୟପୁରରେ ମାଲବାହୀ ଓ ଯାତ୍ରୀବାହୀ ଟ୍ରେନ୍ ପରସ୍ପରକୁ ଧକ୍କା ଦେବାରୁ ପାଖାପାଖି ୮୫ ଲୋକଙ୍କ ମୃତ୍ୟୁ।
- ୧୯୭୬-କାନାଡ଼ାରେ ମୃତ୍ୟୁଦଣ୍ଡକୁ ଉଚ୍ଛେଦ କରାଗଲା।
- ୧୯୮୭- ତାଇୱାନ୍‌ରେ ଦୀର୍ଘ ୩୭ ବର୍ଷ ଧରି ଚାଲିଥିବା ମିଲିଟାରୀ ଶାସନର ଅନ୍ତ ଘଟିଲା।

# ରାଜ୍‌ଙ୍କ ସହ ସମ୍ପର୍କକୁ ସ୍ୱୀକାର କଲେ ସାମନ୍ଥା



ସାଉଥ୍ ସିନେମା ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ତାଙ୍କ ବୃତ୍ତିଗତ ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି। ସେ ସୋସିଆଲ ମିଡିଆରେ ମଧ୍ୟ ବେଶ୍ ସକ୍ରିୟ। ସେ ଏବେ ତାଙ୍କର ଏକ ସୋସିଆଲ ମିଡିଆ ପୋଷ୍ଟ ଯୋଗୁଁ ପୁଣି ଥରେ ଚର୍ଚ୍ଚାରେ। ନିକଟରେ ସେ ଆମେରିକାରେ ଛୁଟି କାଟୁଥିବାର ଫଟୋ ସେୟାର୍ କରିଥିଲେ। ଏହି ଫଟୋଗୁଡ଼ିକରେ ସେ ରାଜ୍ ଓ ଅନ୍ୟ ସାଙ୍ଗମାନଙ୍କ ସହ ମଜାମସ୍ତି କରୁଥିବାର ନଜର ଆସିଛନ୍ତି। କିନ୍ତୁ ଏହି ଫଟୋ ମଧ୍ୟରେ ଗୋଟିଏ ଫଟୋ ସୋସିଆଲ ମିଡିଆ ୟୁଜର୍ସଙ୍କ ଧ୍ୟାନ ଆକର୍ଷଣ କରିଥିଲା। ଏହି ଫଟୋରେ ସାମନ୍ଥା ରାଜ୍ ନିଦିମୋରୁଙ୍କ ସହ ଆମେରିକାର ଏକ ରାସ୍ତାରେ ବୁଲୁଥିବାର ଦେଖାଯାଇଥିଲେ। ତେବେ ଏହି ଫଟୋ ମାଧ୍ୟମରେ ସାମନ୍ଥା ରାଜ୍‌ଙ୍କ ସହ ତାଙ୍କ ସମ୍ପର୍କକୁ ଆଉ ଲୁଚାଇବାକୁ ଚାହୁଁ ନ ଥିବା ଚର୍ଚ୍ଚା ହେଉଛି। ଅବଶ୍ୟ ଏନେଇ ସାମନ୍ଥା କି ରାଜ୍ ଏଯାଏଁ କିଛି କହି ନାହାନ୍ତି। ସାମନ୍ଥାଙ୍କ କାମ କଥା କହିବାକୁ ଗଲେ ସେ ଶେଷ ଥର ପାଇଁ 'ସିଟାଡେଲ: ହନିବନି'ରେ ଦେଖାଯାଇଥିଲେ।

# ଜନସଂଖ୍ୟା ପ୍ରତି ବିପଦ ଏଆଇ

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତା ଚାକିରି ପ୍ରତି ବିପଦ ସୃଷ୍ଟି କରିବା ସମସ୍ତେ ଜାଣନ୍ତି। ତେବେ ଆଗାମୀ ଦିନରେ ଏଆଇର ପ୍ରଭାବ ମଣିଷ ଅସ୍ତିତ୍ୱ ଉପରେ ପଡ଼ିପାରେ ବୋଲି କୁହାଯାଉଛି। ଓକଲାହୋମା ଷ୍ଟେଟ୍ ୟୁନିଭର୍ସିଟିର କମ୍ପ୍ୟୁଟର ସାଇନ୍ସ ପ୍ରଫେସର ସୁଭାଷ କାକଙ୍କ ମତରେ, ଯଦି କୃତ୍ରିମ ବୁଦ୍ଧିମତ୍ତାର ଅଭିବୃଦ୍ଧି ଏହି ଗତିରେ ଜାରି ରହିବ, ତେବେ ୨୩୦୦ ମସିହା ସୁଦ୍ଧା ବିଶ୍ୱ ଜନସଂଖ୍ୟା ୧୦ କୋଟିକୁ ହ୍ରାସ ପାଇପାରେ। ସେହିପରି ଏହି ଧାରା ଯଦି ବଳବତ୍ତର ରହିବ, ଆଗାମୀ ଦିନରେ ଦୁନିଆର ବଡ଼ ବଡ଼ ସହର ନିଶ୍ଚିହ୍ନ ବା ଜନଶୂନ୍ୟ ହୋଇପାରେ। କାକ ଏହାକୁ ଅତ୍ୟନ୍ତ ଭୟାନକ ବୋଲି କହିଛନ୍ତି। ଏହାବାଦ୍ ଲୋକ ଏକଥା ବି ଜାଣିପାରୁ ନାହାନ୍ତି, ଏଆଇ କିଭଳି ଭାବେ ପ୍ରଭାବ ପକାଇବାକୁ ଯାଉଛି। ଏଆଇ ଆସିବା ଦ୍ୱାରା



କାମଧନ୍ଦା ସ୍ୱୟଂଚାଳିତ ହୋଇଯିବ। ଫଳରେ ଲୋକଙ୍କ ଆବଶ୍ୟକତା କମିବ। ଚାକିରି ସଂଖ୍ୟା ହ୍ରାସ ପାଇବ ଏବଂ ଲୋକେ ପରିବାରକୁ ଆଗକୁ ବଢ଼ାଇବାକୁ ପଛଘୁଞ୍ଚା ଦେବେ। ଯେତେବେଳେ ଏଆଇ ଲୋକଙ୍କ ସ୍ଥାନରେ କାମ କରିବା ଆରମ୍ଭ କରିବ, ସେତେବେଳେ ମଣିଷର ଆବଶ୍ୟକତା କେତେ ରହିବ ବୋଲି କାକ କହିଛନ୍ତି। ସେହିପରି ବିଶ୍ୱର କେତେକ ସ୍ଥାନରେ ଜନ୍ମସଂଖ୍ୟା ପୂର୍ବତୁଳନାରେ ହ୍ରାସ ପାଇବାରେ ଲାଗିଛି। ବିଶେଷକରି ଜାପାନ, ଚୀନ୍, ୟୁରୋପ ଏବଂ ଦକ୍ଷିଣ କୋରିଆରେ ଜନସଂଖ୍ୟା ହ୍ରାସ ପାଇ ଚାଲିଛି। ଯଦି ସାରା ବିଶ୍ୱର ଜନସଂଖ୍ୟା ୧୦ କୋଟି ହୋଇଯିବ, ତେବେ ଲଣ୍ଡନ, ନ୍ୟୁୟର୍କ ଭଳି ସହର ଖାଲି ହୋଇଯିବ ଏବଂ ଧାତୁ ଓ ଯନ୍ତ୍ରପାତିରେ ପରିପୂର୍ଣ୍ଣ ହୋଇଯିବ। ଅନ୍ୟପଟେ କାକଙ୍କ କହିବାର ଅର୍ଥ ହେଉଛି, ଏଆଇର ପ୍ରଭାବ କେବଳ କାମ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ଏହା ସମାଜ, ପରିବାର, ମାନବ ଅସ୍ତିତ୍ୱ ଉପରେ ମଧ୍ୟ ପ୍ରଭାବ ପକାଇବ। ଏଆଇର ପ୍ରଭାବ ଆରମ୍ଭ ହୋଇଯାଇଥିଲେ ସୁଦ୍ଧା ଆମେ କିନ୍ତୁ ଏହାକୁ ଧ୍ୟାନ ଦେଉ ନାହାନ୍ତି।

# ୩୦ କୋଟି ଟଙ୍କା ଦରମା ପାଇଁ ମିଳୁନାହାନ୍ତି କର୍ମଚାରୀ

ସାଧାରଣତଃ ଅଧିକାଂଶ ଲୋକ ଏମିତି ଚାକିରି ଚାହାନ୍ତି, ଯେଉଁଥିରେ ସେମାନଙ୍କୁ କମ୍ ପରିଶ୍ରମ କରିବାକୁ ପଡୁଥିବ ଏବଂ ଅଧିକ ଦରମା ମିଳୁଥିବ। ଏହି କ୍ରମରେ ଏମିତି ବି ଏକ ଚାକିରି ଅଛି, ଯେଉଁଥିରେ ଲୋକଙ୍କୁ ବର୍ଷକୁ ୩୦ କୋଟି ଟଙ୍କା ମିଳିବ। ହେଲେ ବିଡମ୍ବନାର ବିଷୟ ହେଉଛି, ଚାକିରି ପାଇଁ ଲୋକ ମିଳୁ ନାହାନ୍ତି। ଅବଶ୍ୟ ଏହା ଏମିତି ଏକ ଚାକିରି ଯେଉଁଥିରେ କର୍ମଚାରୀଙ୍କୁ ବେଶୀ କିଛି କରିବାକୁ ପଡ଼ିବ ନାହିଁ। ଏହା ସତ୍ତ୍ୱେ ବି ଏହାକୁ ବିଶ୍ୱର ସବୁଠୁ କଷ୍ଟକର କାମ ବୋଲି କୁହାଯାଉଛି। ଏହି ଚାକିରିଟି ଇଜିପ୍ଟର ଫାରୋସ୍



ଦ୍ୱୀପରେ ଥିବା ଆଲେକଜାଣ୍ଡ୍ରିଆ ଲାଇଟ୍ ହାଉସ୍‌ରେ ଅଛି। ଏଠାରେ ବତିଘରର କିପର୍ ଭାବେ କାମ କରିବାକୁ ହେବ। ଏହି ଚାକିରି ଲାଗି ବର୍ଷକୁ ୩୦ କୋଟି ଟଙ୍କା ମିଳିବ। ଚାକିରିର ବିଶେଷତ୍ୱ ହେଉଛି, ଏଠାରେ ନିଯୁକ୍ତ କର୍ମଚାରୀ ଜଣକ ନିଜ ଇଚ୍ଛା ଅନୁସାରେ ଶୋଇପାରିବେ। କିନ୍ତୁ ଗୋଟିଏ କଥା ଉପରେ ଦୃଷ୍ଟି ଦେବାକୁ ହେବ ଯେ, ଲାଇଟ୍ ହାଉସ୍‌ର ଲାଇଟ୍ ଯେମିତି ଜଳୁଥିବ। ସେହିପରି ବତିଘରେ କାମ କରୁଥିବା କର୍ମଚାରୀଙ୍କୁ ଏଠାରେ ଏକୁଟିଆ ହିଁ ରହିବାକୁ ପଡ଼ିବ। କାରଣ ଏହି ବତିଘର ସମୁଦ୍ର ମଝିରେ ରହିଛି। ତେଣୁ ଏଠାରେ ଦୂର ଦୂରାନ୍ତରୁ କୌଣସି ଲୋକ ନଜର ଆସନ୍ତି ନାହିଁ। ଏହାବାଦ୍ ଏଠାରେ ବଡ଼ ଧରଣର ଝଡ଼ ତୋଫାନ ଆସିଲେ କିପର୍‌ଙ୍କ ଜୀବନକୁ ବିପଦ ମଧ୍ୟ ରହିଛି। ଏହି ଚାକିରି ଲାଗି ଶିକ୍ଷାଗତ ଯୋଗ୍ୟତା ଦଶମ ହୋଇଥିଲେ ହେଁ, ଯାନ୍ତ୍ରିକ ଜ୍ଞାନ କୌଶଳ ଜାଣିଥିବା ଦରକାର। ଅନ୍ୟପକ୍ଷରେ ବଡ଼ ବଡ଼ ଜାହାଜକୁ ବାଟ ଦେଖାଇବା ପାଇଁ ଏହି ବତିଘରକୁ ନିର୍ମାଣ କରାଯାଇଥିଲା।

# ଶ୍ରାବଣରେ ଶିବ ଉପାସନା



**ଆଜି ହେଉଛି ଶ୍ରାବଣ ମାସର ପ୍ରଥମ ସୋମବାର। ଭଗବାନ ଶିବଙ୍କ ପୂଜା ଆରାଧନା କରିବା ଲାଗି ଏହା ହେଉଛି ଉତ୍କୃଷ୍ଟ ସମୟ। ଏହି ମାସରେ ଶିବଙ୍କ କୃପା ଲାଭ ପାଇଁ ଶିବଭକ୍ତମାନେ ବ୍ରତ ରଖି ବୋଲବମ୍ ଯାତ୍ରା କରିଥାନ୍ତି।**

**ମାତା ପାର୍ବତୀ ରଖିଥିଲେ ବ୍ରତ:** ହିନ୍ଦୁ ପଞ୍ଜାଙ୍ଗରେ ପଞ୍ଚମ ମାସ ହେଉଛି ଶ୍ରାବଣ। ତେବେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଯେଉଁ ନକ୍ଷତ୍ରରେ ରହନ୍ତି, ସେହି ଅନୁସାରେ ମାସର ନାଁ ରଖାଯାଏ। ଏହିପ୍ରକାରେ ଏହି ମାସ ଯେତେବେଳେ ଆରମ୍ଭ ହୁଏ, ସେତେବେଳେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଶ୍ରବଣା ନକ୍ଷତ୍ରରେ ବିରାଜମାନ ହୋଇଥାନ୍ତି। ସେଥିପାଇଁ ଏହି ମାସ ଶ୍ରାବଣ ନାଁରେ ପରିଚିତ। ଭଗବାନ ଶିବଙ୍କୁ ବିଭିନ୍ନ କାରଣ ପାଇଁ ଶ୍ରାବଣ ମାସ ବେଶ୍ ପ୍ରିୟ। କୁହାଯାଏ, ଏହି ମାସରେ ମାତା ପାର୍ବତୀ ବର ଭାବେ ଶିବଙ୍କୁ ପାଇବା ପାଇଁ ବ୍ରତ ରଖିଥିଲେ ଓ ତପସ୍ୟା ବି କରିଥିଲେ। ସେଥିପାଇଁ ଏହି ମାସ ଭଗବାନ ଶିବଙ୍କର ଅତି ପ୍ରିୟ।

**ଜଳବର୍ଷା:** ସମୁଦ୍ର ମନ୍ଥନରୁ ବାହାରିଥିବା ହଳାହଳ ବିଷକୁ ଯେତେବେଳେ ମହାଦେବ ପାନ କଲେ ସେତେବେଳେ ତାଙ୍କ ଶରୀରର ତାପ ବଢ଼ିଲା ଏବଂ ଏହି ତାପକୁ କମ୍ କରିବା ପାଇଁ ଭଗବାନ ଶିବଙ୍କ ଉପରେ ଦେବତାମାନେ ଜଳ ବର୍ଷା କଲେ। ଏହଦ୍ୱାରା ଶିବଙ୍କୁ ଶୀତଳତା ମିଳିଥିଲା। ସେହିପରି ଶ୍ରାବଣ ମାସରେ ବର୍ଷା ହୁଏ। ଏ ଦୃଷ୍ଟିରୁ ଏହା ହେଉଛି ଭଗବାନ ଶିବଙ୍କ ପ୍ରିୟ।

**ପ୍ରସନ୍ନ ମୁଦ୍ରାରେ ମହାଦେବ:** ଅନ୍ୟପଟେ ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଥିବାରୁ ସୃଷ୍ଟିର କାର୍ଯ୍ୟଭାର ଭଗବାନ ଶିବ ସମ୍ଭାଳିଥାନ୍ତି। ଏହି ତମାମ ମାସ ଶିବ ପ୍ରସନ୍ନ ମୁଦ୍ରାରେ ରହନ୍ତି। ଏଣୁ ଏହି ସମୟରେ ରୁଦ୍ରାଭିଷେକ କରିବା ଶୁଭ ବୋଲି ବିବେଚନା କରାଯାଏ। ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସରଳ ଜୀବନ ଅତିବାହିତ କରିବା ଭଲ। ଏହି ମାସରେ ତାମସିକ ଭୋଜନକୁ ତ୍ୟାଗ କରି ଶିବ ମନ୍ତ୍ରକୁ ଜପ କରିବା ଦରକାର। ସୋମବାର ବ୍ରତ ରଖିବା ଉତ୍ତମ। ଶ୍ରାବଣ ମାସରେ ଶିବଲିଙ୍ଗରେ କ୍ଷୀର, ବେଲପତ୍ର, କେତକୀ ଫୁଲ ଅର୍ପଣ କଲେ ସମସ୍ତ ମନସ୍କାମନା ପୂରଣ ହୁଏ।

## ସ୍ୱସ୍ତି

# ରୁପା କଇଁଛ ମୁଦି ଧାରଣର ଲାଭ



**ବାସ୍ତୁ ଶାସ୍ତ୍ର ଏବଂ ଫେଙ୍ଗସୁଇରେ କଇଁଛକୁ ସୁଖ-ସମୃଦ୍ଧିର ପ୍ରତୀକ ଭାବେ ବିବେଚନା କରାଯାଇଛି। କିଛି ଲୋକେ ଘରେ କଇଁଛ ମୂର୍ତ୍ତି ରଖୁଥିବା ବେଳେ ଆଉ କେହି କେହି କଇଁଛ ମୁଦି ହାତରେ ପିନ୍ଧୁଛନ୍ତି। ହିନ୍ଦୁ ଧାର୍ମିକ ମାନ୍ୟତାନୁସାରେ, କଇଁଛ ମୁଦି ପିନ୍ଧୁଥିବା ଲୋକଙ୍କ ଉପରେ ମା' ଲ'କ୍ଷ୍ମୀଙ୍କ କୃପା ପ୍ରାପ୍ତ ହୁଏ। ତେବେ ରୁପା କଇଁଛ ମୁଦି ଧାରଣର କ'ଣ ରହିଛି ନିୟମ ଓ କେଉଁ ରାଶିଙ୍କ ପାଇଁ ଏହା ଶୁଭ, ସେ ସମ୍ପର୍କରେ ଜାଣିବା।**

### ଧାରଣର ନିୟମ

- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ସବୁବେଳେ ରୁପା କଇଁଛ ମୁଦି ଧାରଣ କରିବା ଉଚିତ।
- କଇଁଛ ପିଠିରେ 'ଶ୍ରୀ' ଚିହ୍ନ ଥିବା ଭଲ।
- ଧାରଣ ପୂର୍ବରୁ ଏହାକୁ ଗଙ୍ଗାଜଳ କିମ୍ବା ପଞ୍ଚାମୃତରେ ବିଶୁଦ୍ଧ କରନ୍ତୁ।
- ହାତର ମଝି ଅଙ୍ଗୁଳିରେ ଏହାକୁ ପିନ୍ଧିବା ଦରକାର।
- କଇଁଛ ମୁଦିକୁ ସବୁବେଳେ ସଫା କରିବା ଉଚିତ।
- ଶୌଚାଳୟ ଯିବା ପୂର୍ବରୁ ଏହାକୁ ଅଙ୍ଗୁଳିରୁ ବାହାର କରିବା ଉଚିତ।
- କୌଣସି ଅଶୁଦ୍ଧ ସ୍ଥାନକୁ ଏହାକୁ ପିନ୍ଧିକି ଯାଆନ୍ତୁ ନାହିଁ।

**କେଉଁ ରାଶି ପାଇଁ ଶୁଭ:** ରତ୍ନ ଶାସ୍ତ୍ର ଅନୁସାରେ, ବୃଷ ଓ ମକର ରାଶି ବ୍ୟକ୍ତିବିଶେଷଙ୍କ ପାଇଁ କଇଁଛ ମୁଦି ପିନ୍ଧିବା ଶୁଭ। ଏହାକୁ ଧାରଣ କରିବା ଦ୍ୱାରା ଅନେକ ଲାଭ ଏହି ରାଶି ଦ୍ୱୟକୁ ମିଳେ। ଧନ, ସୁଖ, ସମୃଦ୍ଧି, ଆତ୍ମବିଶ୍ୱାସ ବୃଦ୍ଧି ପାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ମେଷ, ମୀନ, କନ୍ୟା ଏବଂ ବିଛା ରାଶି ଲୋକେ କଇଁଛ ମୁଦି ପିନ୍ଧିବା ଅନୁଚିତ। ଏହା ସେମାନଙ୍କ ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପକାଏ।

# ଜାଣନ୍ତୁ



ଶ୍ରୀମନ୍ଦିର ରୀତିନୀତିରେ ଅନେକ ନିଆରା ଶବ୍ଦ ବ୍ୟବହାର ହୁଏ। ସେମିତି ଏକ ଶବ୍ଦ ହେଉଛି **'ଡାକୁଆ'**। ମନ୍ଦିରରେ ପାଳି ଖଟୁଥିବା ସେବକମାନଙ୍କୁ ଡାକି ସେମାନଙ୍କୁ ନିଜ କାର୍ଯ୍ୟରେ ହାଜର କରାଉଥିବା ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ। ଅର୍ଥାତ୍ ସେବକମାନଙ୍କୁ ଡାକି କାର୍ଯ୍ୟରେ ମୁତୟନ କରାଉଥିବା ବ୍ୟକ୍ତିଙ୍କୁ **ଡାକୁଆ** କୁହାଯାଏ।

# ବାସି ରୁଟି ଦାନ କରୁଥିଲେ...

**ଜ୍ୟୋତିଷ ଶାସ୍ତ୍ରରେ ଦାନର ଖୁବ୍ ମହତ୍ତ୍ୱ ଅଛି। ଏହି କ୍ରମରେ ଅନେକ ବାସି ଖାଦ୍ୟ ମଧ୍ୟ ଦାନ କରନ୍ତି। ତେବେ ବାସି ରୁଟି ଦାନ କରିବା ଠିକ୍ ନା ଭୁଲ, ସେ ସମ୍ପର୍କରେ ନିମ୍ନରେ ପ୍ରଦତ୍ତ କରାଗଲା।**

- ଖାଦ୍ୟ ଦାନ କରିବା ଶୁଭ କଥା। ହେଲେ କାହାକୁ ଅଇଁଠା କିମ୍ବା ବାସି ଖାଦ୍ୟ ଦାନ କରିବା ଅନୁଚିତ। ଏହାଦ୍ୱାରା ପୁଣ୍ୟ ପ୍ରାପ୍ତି ହୋଇ ନ ଥାଏ
- ବାସି ରୁଟି ଦାନ କରିବା ଦ୍ୱାରା ଜୀବନରେ ସକାରାତ୍ମକ ଶକ୍ତି ନାଶ ହୁଏ।
- ବାସି ରୁଟି ଦାନ ଦ୍ୱାରା ଆର୍ଥିକ ସମସ୍ୟା ଦେଖା ଦିଏ। ଘରର ସଦସ୍ୟ ଅସୁସ୍ଥ ରହନ୍ତି।
- ଅଇଁଠା ବା ବାସି ଖାଦ୍ୟ ଦାନ କରନ୍ତୁ ନାହିଁ କି ଏହାକୁ ଫିଙ୍ଗନ୍ତୁ ନାହିଁ। ଏଭଳି କରିବା ଦ୍ୱାରା ଅନ୍ନ ପ୍ରତି ଅପମାନ ହୁଏ।
- ବାସି ରୁଟିରେ ଚିନି ମିଶାଇ ପିମ୍ପୁଡ଼ିକୁ ଖାଇବାକୁ ଦିଅନ୍ତୁ। ପିମ୍ପୁଡ଼ିକୁ ଖାଇବାକୁ ଦେବା ଦ୍ୱାରା ପୁଣ୍ୟ ପ୍ରାପ୍ତି ହୁଏ।
- ବାସି ରୁଟିକୁ ଗାଈକୁ ଦିଅନ୍ତୁ। ଗୋ ସେବା ଦ୍ୱାରା ଜୀବନରେ ସୁଖ-ସମୃଦ୍ଧି ଆସେ।

ବାସି ରୁଟିରେ ତେଲ ଲଗାଇ କୁକୁରକୁ ଖାଇବାକୁ ଦିଅନ୍ତୁ। ଶନି ଦୋଷ ଦୂର ହେବ।

- ବାସି ରୁଟି ଖଣ୍ଡକୁ ପକ୍ଷୀ ଦାନ କରିବା ବି ଶୁଭ।



# ସିରିଜ୍ ଜିତିଲେ ମହିଳା




**ବର୍ମିଂହାମ, ୧୩।୭ (ଏଜେନ୍ସି):** ଭ୍ରମଣକାରୀ ଭାରତ ବିପକ୍ଷରେ ଅନୁଷ୍ଠିତ ଅନ୍ତିମ ତଥା ୫ମ ଟି-୨୦ ମ୍ୟାଚ୍‌କୁ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ରୋମାଞ୍ଚକ ଭାବେ ଶେଷ ବଲ୍‌ରେ ଜିତିନେଇଛି। ଭାରତୀୟ ମହିଳା ଦଳ ଏହି ମ୍ୟାଚରେ ପରାଜିତ ହୋଇଥିଲେ ମଧ୍ୟ ଟି-୨୦ ସିରିଜ ୩-୨ରେ ବିଜୟୀ ହୋଇଛି। ପୂର୍ବରୁ ଭାରତ ପ୍ରଥମ ଦୁଇ ମ୍ୟାଚକୁ ଯଥାକ୍ରମେ ୯୭ ରନ ଓ ୨୪ ରନ ଏବଂ ୪ର୍ଥ ମ୍ୟାଚକୁ ୬ ୱିକେଟ୍‌ରେ ଜିତିଥିଲା। ସେହିଭଳି ଇଂଲଣ୍ଡ ମଧ୍ୟ ୩ୟ ଟି-୨୦କୁ ୫ ରନରେ ଜିତିଥିଲା। ଶନିବାର ରାତିରେ ଖେଳାଯାଇଥିବା ୫ମ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଓପନର୍ ଶେଫାଳି ବର୍ମାଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ୭ ୱିକେଟ୍‌ରେ ୧୬୭ ରନ କରିଥିଲା। ଶେଫାଳି ୪୧ ବଲରେ ୭୫ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଚା ଘୋଷ ୨୪, ଅଧିନାୟିକା ହରମନପ୍ରୀତ୍ କୌର ୧୫, ରାଧା ଯାଦବ ୧୪, ସ୍ମୃତି ମନ୍ଧାନା ୮ ରନ କରିଥିଲେ। ଇଂଲଣ୍ଡର ଚାର୍ଲି ଡିନ ୩ ଓ ସୋଫି ଇକଲେଷ୍ଟୋନ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଇଂଲଣ୍ଡ ଦୁଇ ଓପନର୍ ସୋଫି ଡଙ୍କଲେ (୪୬), ଡାନିଏଲ୍ ୱେଟ୍ (୫୬) ଓ ଅଧିନାୟିକା ଟାମି ବିଉମଣ୍ଟ (୩୦)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୫ ୱିକେଟ୍ ହରାଇ ୨୦ ଓଭରର ଶେଷ ବଲରେ ବିଜୟୀ ହୋଇଥିଲା। ଶେଷ ଓଭରରେ ଜିତିବାକୁ ୬ ରନ ଆବଶ୍ୟକ ହେଉଥିବାବେଳେ ଅରୁନ୍ଧତୀ ରେଡ୍ଡୀ ୨ଟି ୱିକେଟ୍ ନେଇ ମ୍ୟାଚରେ ରୋମାଞ୍ଚ ଆଣିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ବୁଧବାରଠାରୁ ଆରମ୍ଭ ହେବ।

**୫ମ ଟି-୨୦ରେ ଇଂଲଣ୍ଡର ରୋମାଞ୍ଚକ ବିଜୟ**

# ଟାର୍ଗେଟ୍ ୧୯୩; ଭାରତ ୫୮/୪

**ଘାତକ ସାଜିଲା ପିଚ୍; ଗୋଟିଏ ଦିନରେ ୧୪ ୱିକେଟର ପତନ**

**ଲର୍ଡ୍ସ, ୧୩।୭ (ଏଜେନ୍ସି):** ଅଫ୍‌ସ୍ପିନର ୱାଶିଂଟନ ସୁନ୍ଦର (୪/୨୨)ଙ୍କ ସୁନ୍ଦର ବୋଲିଂ ବଳରେ ଏଠାରେ ଚାଲିଥିବା ଭାରତ ବିପକ୍ଷ ତୃତୀୟ ଟେଷ୍ଟରେ ଇଂଲଣ୍ଡର ଦ୍ୱିତୀୟ ଇନିଂସ ୧୯୨ ରନ୍‌ରେ ଶେଷ ହୋଇଛି। ପୂର୍ବରୁ ଉଭୟ ଦଳ ପ୍ରଥମ ଇନିଂସରେ ସମାନ ୩୮୭ ରନ୍ ସଂଗ୍ରହ କରିଥିଲେ। ଏହା ଫଳରେ ତୃତୀୟ ଟେଷ୍ଟ ଜିତିବାକୁ ଭାରତ ଆଗରେ ୧୯୩ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇ ମାତ୍ର ୫୮ ରନ୍ ଭରଣା କରିଛି। ଏହା ଫଳରେ ଆସନ୍ତାକାଲି ଶେଷ ଦିନରେ ଭାରତକୁ ମ୍ୟାଚ୍ ଜିତିବା ଲାଗି ବାକିଥିବା ୬ ୱିକେଟ ବିନିମୟରେ ଆଉ ୧୩୫ ରନ୍ ଆବଶ୍ୟକ ହେଉଛି। ଷ୍ଟମ୍ପ୍ ଅପସାରଣ ବେଳକୁ ଲୋକେଶ ରାହୁଲ ୩୩ ରନ୍‌ରେ ବ୍ୟାଟିଂ କରୁଥିଲେ। ଆଉଟ ହୋଇଥିବା ଖେଳାଳିଙ୍କ ମଧ୍ୟରେ ଯଶସ୍ୱୀ ଜୟସ୍ୱାଲ ୦, କରୁନ ନାୟାର ୧୬, ଅଧିନାୟକ ଶୁବମନ ଗିଲ୍ ୬ ଓ ନାଇଟ୍‌ୱାଚ୍‌ମ୍ୟାନ୍ ଆକାଶଦୀପ ୧ ରନ୍ କରି ଭାରତକୁ ବିପଦ ମଧ୍ୟକୁ ଠେଲି ଦେଇଛନ୍ତି। ଇଂଲଣ୍ଡର ଯୁବ ଫାଷ୍ଟ ବୋଲର ବ୍ରାଇଡନ କାର୍ସ ୨ଟି, ଜୋଫ୍ରା ଆର୍ଚର ଓ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏଁ ୱିକେଟ ପାଇଛନ୍ତି। ଲର୍ଡ୍ସ ପିଚ୍ ଘାତକ ସାଜିବା ଫଳରେ ମ୍ୟାଚ୍‌ର ଚତୁର୍ଥ ଦିନରେ ୧୪ ୱିକେଟର ପତନ ଘଟିଛି। ଏହା ମଧ୍ୟରୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ସମସ୍ତ ୧୦ଟି ଓ ଭାରତ ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇଛି। ପୂର୍ବରୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ସୁନ୍ଦର ୪ଟି, ସିରାଜ ଓ ବୁମ୍‌ରା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିବା ଫଳରେ ଦଳ ୧୯୨ ରନ୍ କରିଥିଲା। ଘରୋଇ ଦଳପକ୍ଷରୁ ଜୋ ରୁଟ୍ ସର୍ବାଧିକ ୪୦, ଅଧିନାୟକ ବେନ୍ ଷ୍ଟୋକ୍ସ ୩୩, ହ୍ୟାରୀ ବ୍ରୁକ୍ ୨୩ ଓ ଜ୍ୟାକ୍ କ୍ରଲୀ ୨୨ ରନ୍ କରିଥିଲେ। ଏହି ସିରିଜ୍‌ର ହେଡିଂଲେରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଇଂଲଣ୍ଡ ଓ ଏଜ୍‌ବାଷ୍ଟନରେ ଭାରତ ବିଜୟ ହାସଲ କରିଥିଲା। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି।




**ରୁଟ୍-ଷ୍ଟୋକ୍ସଙ୍କ ଲଢୁଆ ପାର୍ଟନରସିପ୍**

ଏହି ମ୍ୟାଚ୍‌ର ଚତୁର୍ଥ ଦିନ ସକାଳେ ଇଂଲଣ୍ଡ ତାହାର ଦ୍ୱିତୀୟ ଇନିଂସ ଅତି ସତର୍କତାର ସହ ଖେଳିଥିଲା। କିନ୍ତୁ ଭାରତୀୟ ଫାଷ୍ଟ ବୋଲରଙ୍କ ସଫଳତା ବଳରେ ଇଂଲଣ୍ଡ ୮୭ ରନ୍‌ରେ ୪ ୱିକେଟ ହରାଇ ବିପଦରେ ପଡ଼ିଥିଲା। କିନ୍ତୁ ୫ମ ୱିକେଟ ଭାଗୀଦାରିରେ ୧୨୮ ବଲ୍‌ରୁ ୬୭ ରନ୍ କରି ଇଂଲଣ୍ଡର ସମ୍ମାନ ରଖିଥିଲେ। ରୁଟ୍‌ଙ୍କୁ ୪୦ ରନ୍‌ରେ ବୋଲ୍ଡ କରି ସୁନ୍ଦର ଏହି ଯୋଡିକୁ ଭାଙ୍ଗିଦେଇଥିଲେ। ଏହି ସମୟରେ ସେ ଚମତ୍କାର ବୋଲିଂ କରି ଜେମି ସ୍ମିଥ୍ (୮) ଓ ଅଧିନାୟକ ବେନ୍ ଷ୍ଟୋକ୍ସ (୩୩)ଙ୍କୁ ବୋଲ୍ଡ ଆଉଟ କରିଥିଲେ। ଏହା ଫଳରେ ଦଳର ଶେଷ ୫ ୱିକେଟ ମାତ୍ର ୩୮ ରନ୍‌ରେ ହରାଇଥିଲା। ଶେଷ ଖେଳାଳି ସୋଏବ ବସିରଙ୍କୁ ବୋଲ୍ଡ କରି ସୁନ୍ଦର ଇଂଲଣ୍ଡ ଇନିଂସ ଶେଷ କରିଥିଲେ। ଇନିଂସ ଆରମ୍ଭରେ ମହମ୍ମଦ୍ ସିରାଜ ଓ ଶେଷ ଭାଗରେ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୦ଜଣଙ୍କ ମଧ୍ୟରୁ ୮ଜଣ ବୋଲ୍ଡ ହୋଇଥିଲେ। ଭାରତ ଅତିରିକ୍ତରୁ ୩୨ ରନ୍ ବ୍ୟୟ କରିଥିଲା। ଏହା ମଧ୍ୟରେ ବାଇରୁ ୨୫ ରନ୍ ଦେଇଥିଲା। ନିୟମିତ ୱିକେଟ ରକ୍ଷକ ପନ୍ତଙ୍କ ସ୍ଥାନରେ ଧ୍ରୁବ ଜୁରେଲ ୨ଟି କ୍ୟାଚ୍ ହାତଛଡ଼ା କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ : ୩୮୭/୧୦, ୧୧୨.୩ ଓଭର** (ରୁଟ୍- ୧୦୪, କାର୍ସ-୫୮, ସ୍ମିଥ-୫୧, କାର୍ସ-୫୬, ଷ୍ଟୋକ୍ସ- ୪୪, ପୋପ୍-୪୪, ବୁମ୍‌ରା-୫/୭୪, ସିରାଜ-୨/୮୫, ରେଡ୍ଡୀ-୨/୬୨)।

**ଭାରତ ପ୍ରଥମ ଇନିଂସ : ୩୮୭/୧୦, ୧୧୯.୨ ଓଭର** (ରାହୁଲ-୧୦୦, ପନ୍ତ-୭୪, ଜାଡେଜା-୭୨, ନାୟାର-୪୦, ରେଡ୍ଡି-୩୧, ସୁନ୍ଦର-୨୩, ଓକ୍ସ-୩/୮୪, ଷ୍ଟୋକ୍ସ-୨/୬୩, ଆର୍ଚର-୨/୫୨)।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ : ୧୯୨/୧୦, ୬୨.୧ ଓଭର** (ରୁଟ୍- ୪୦, ଷ୍ଟୋକ୍ସ-୩୩, ବ୍ରୁକ୍-୨୩, କ୍ରଲୀ-୨୨, ସୁନ୍ଦର-୪/୨୨, ସିରାଜ-୨/୩୧, ବୁମ୍‌ରା-୨/୩୮)।

**ଭାରତ ଦ୍ୱିତୀୟ ଇନିଂସ : ୫୮/୪, ୧୭.୪ ଓଭର** (ରାହୁଲ-୩୩*, ଗିଲ୍-୬, ନାୟାର-୧୪, ଜୟସ୍ୱାଲ-୦, କାର୍ସ-୨/୭, ଷ୍ଟୋକ୍ସ-୧/୧୫, ଆର୍ଚର-୧/୧୮)।

**୧୮ ବର୍ଷରୁ କମ୍ ଜାତୀୟ ରଗବୀ**

# ଓଡ଼ିଶା ବାଳକ ରନର୍ସ ଅପ୍



**ଭୁବନେଶ୍ୱର, ୧୩।୭ (ସମିସ):** ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ବାଳକ ଦଳ ଉତ୍ତରାଖଣ୍ଡରେ ଆଜି ଶେଷ ହୋଇଥିବା ୧୮ ବର୍ଷରୁ କମ୍ ଜାତୀୟ ରଗ୍‌ବୀ ଚାମ୍ପିଅନସିପ୍‌ରେ ରନର୍ସ ଅପ୍ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବିହାର ୧୭-୧୫ରେ ଓଡ଼ିଶାକୁ ପରାସ୍ତ କରି ଜାତୀୟ ରଗ୍‌ବୀରେ ପ୍ରାଧାନ୍ୟ ବିସ୍ତାର ଆରମ୍ଭ କରିଛି। ବାଳିକା ବିଭାଗରେ ମଧ୍ୟ ଓଡ଼ିଶା ରନର୍ସ ଅପ୍ ହୋଇଥିଲାବେଳେ ବିହାର ଚାମ୍ପିଅନ ହୋଇଥିଲା। କ୍ରମାଗତ ଭାବେ ବିହାର ଦଳ ରଗ୍‌ବୀରେ ଉନ୍ନତି କରି ଚାଲିଛି। ପୂର୍ବରୁ ଖେଳାଯାଇଥିବା ବାଳକ ବିଭାଗ ସେମିଫାଇନାଲରେ ଓଡ଼ିଶାଠାରୁ ୨୨-୦ ଗୋଲରେ ଦିଲ୍ଲୀ ଓ ସେମିଫାଇନାଲରେ ୫୯-୦ ପଏଣ୍ଟରେ ତେଲଙ୍ଗାନା ପରାସ୍ତ ହୋଇଥିଲା। ଦୁର୍ବଳ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଭଲ ଖେଳିଥିଲେ ମଧ୍ୟ ଟାଣୁଆ ଦଳକୁ ହରାଇବାରେ ଓଡ଼ିଶା ବିଫଳ ହୋଇଥିଲା। ରନର୍ସ ଅପ୍ ଓଡ଼ିଶା ଦଳରେ ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍, ରାହୁଲ ମାଝୀ, ଚିନ୍ମୟ କୁମାର ନାୟକ, ସୁରଜ କୁମାର ଦୋରା, ଇଶ୍ୱର ପୂଝାରୀ, ମଣ୍ଟୁ ଟୁଡୁ, ଶିବ ସୋରେନ୍, ଭରତ କିସାନ, ଆମ୍ରି ମୁର୍ମୁ, ସୁଭାଷ ହାଁସ୍‌ଦା ଓ ଶୁଭପତି ନାଏକ ସାମିଲ ଥିଲେ। ଧୀରେନ ରାଉତ ଏହି ଟିମ୍‌ର ମ୍ୟାନେଜର ଓ ମୁନା ମୁର୍ମୁ ମ୍ୟାନେଜର ରହିଥିଲେ। ଓଡ଼ିଶା ଦଳକୁ ରାଜ୍ୟ ସଂଘ ସମ୍ପାଦକ ଉପେନ୍ଦ୍ର ମହାନ୍ତି ଓ ସଭାପତି ପ୍ରିୟଦର୍ଶୀ ମିଶ୍ର ଅଭିନନ୍ଦନ ଜଣାଇଛନ୍ତି।

# ପ୍ରଥମ ଯୁଥ୍ ଟେଷ୍ଟରେ ଭାରତର ବିଶାଳ ସ୍କୋର

**ବେକେନହାମ୍, ୧୩।୭ (ଏଜେନ୍ସି):** ଘରୋଇ ଇଂଲଣ୍ଡ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଯୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟରେ ଭାରତ ପ୍ରଥମ ପାଳିରେ ୫୪୦ ରନର ବିଶାଳ ସ୍କୋର କରିଛି। ପ୍ରଥମ ଦିନରେ ୭ ୱିକେଟ୍‌ରେ ୪୪୨ ରନ କରିଥିବା ଭାରତ ରବିବାର ଦ୍ୱିତୀୟ ଦିବସରେ ଆଉ ୯୮ ରନ ଯୋଡ଼ି ବଳକା ୩ ୱିକେଟ୍ ହରାଇଥିଲା। ଭ୍ରମଣକାରୀ ଭାରତ ପକ୍ଷରୁ ଅଧିନାୟକ ଆୟୂଷ ମହାତ୍ରେ ସର୍ବାଧିକ ୧୦୨ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ଏସ୍ ଆମ୍ବ୍ରିସ ୭୦, ଅଭିଜ୍ଞ କୁଣ୍ଡୁ ୯୦, ରାହୁଲ କୁମାର ୮୫, ହେନିଲ ପଟେଲ ୩୮ ରନ କରିଥିଲେ। ବୋଲିଂରେ ଘରୋଇ ଇଂଲଣ୍ଡ ଯୁଥ୍ ଦଳ ପକ୍ଷରୁ ଆଲେକ୍ସ ଗ୍ରୀନ ଓ ରାଲଫି ଆଲବର୍ଟ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଇଂଲଣ୍ଡ ଶେଷ ଖବର ସୁଦ୍ଧା ୬୦ ଓଭରରେ ୫ ୱିକେଟ୍ ହରାଇ ୨୩୦ ରନ କରିଛି। ହମ୍‌ଜା ଶେଖ ୮୪ ଓ ରକି ଫ୍ଲିଣ୍ଟଫ ୯୩ ରନ କରି ଆଉଟ୍ ହୋଇଛନ୍ତି। ହମ୍‌ଜା ଅର୍ଦ୍ଧଶତକୀୟ ପାଳିରେ ୧୦ ଚୌକା ଓ ଗୋଟିଏ ଛକା ସହାୟତାରେ ଭାରତକୁ ଲଢୁଆ ଜବାବ ଦେବାରେ ସମର୍ଥ ହୋଇଛନ୍ତି। ହେନିଲ ପଟେଲଙ୍କୁ ୨ଟି ୱିକେଟ୍ ମିଳିଛି।

**■ ସର୍ବଭାରତୀୟ ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ**

# କ୍ୱାର୍ଟରରେ ରଘୁ ଓ ମାନସୀ



**ଭୁବନେଶ୍ୱର, ୧୩।୭ (ସମିସ):** ପୁରୁଷ ବିଭାଗ ଟପ୍ ସିଡ୍ କର୍ଣ୍ଣାଟକର ରଘୁ ଏମ୍ ଓ ମହିଳା ବିଭାଗରେ ଉତ୍ତରପ୍ରଦେଶର ଟପ୍ ସିଡ୍ ମାନସୀ ସିଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏସନର ମିଳିତ ସହଯୋଗରେ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ନ୍ୟାସନାଲ ସିନିୟର ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏମାନଙ୍କ ସହ ଅନ୍ୟ ସିଡେଡ୍ ଖେଳାଳି ମଧ୍ୟ ଶେଷ-୮ରେ ସ୍ଥାନ ସୁରକ୍ଷିତ କରିଛନ୍ତି। ପୁରୁଷ ବିଭାଗ ଏକକରେ ତୃତୀୟ ସିଡ୍ ମହାରାଷ୍ଟ୍ରର କୌଶଳ ଧର୍ମମେର, ହରିୟାଣାର ମନରାଜ ସିଂ, ପଞ୍ଜାବର ଅଭିନବ ଠାକୁର, ମଣିପୁରର ଅଣସିଡେଡ ଖେଳାଳି ମଇସ୍‌ନାମ ମେଇରବା, ୯ମ ସିଡ୍ ହରିୟାଣାର ରବି, ଦିଲ୍ଲୀର ଏସ୍ ଜିନପଲ ମଧ୍ୟ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ପୁରୁଷ ବିଭାଗର ଦ୍ୱିତୀୟ ସିଡ୍ ହରିୟାଣାର ଗୌତମ ଅରୋରା, ୫ମ ସିଡ୍ କର୍ଣ୍ଣାଟକର ତୁଷାର ସଭୀର ପ୍ରି-କ୍ୱାର୍ଟରରେ ପରାଜିତ ହୋଇଛନ୍ତି। ମହିଳା ଏକକରେ ଟପ୍ ସିଡ୍ ମାନସୀ ସିଂଙ୍କ ସହ ଦ୍ୱିତୀୟ ସିଡ୍ ଗୁଜରାଟର ଶ୍ରେୟା ଲେଲେ, ୫ମ ସିଡ୍ ଆନ୍ଧ୍ରର ସୂର୍ଯ୍ୟା ଚାରିସ୍ମା ତାମିରି, ଗୁଜରାଟର ଆୟେଷା ଗାନ୍ଧି, ମହାରାଷ୍ଟ୍ରର ଦିଲ୍ଲୀର ଦିଆଙ୍କା ୱାଲଦିଆ, ରାଜସ୍ଥାନର ସାକ୍ଷୀ ଫୋଗତ, କର୍ଣ୍ଣାଟକର ଇଲିଶା ପଲ୍ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ସମସ୍ତ ବିଭାଗର ସେମିଫାଇନାଲ ଓ ୧୫ରେ ଫାଇନାଲ ମ୍ୟାଚ୍ ଖେଳାଯିବ।

# ଇଣ୍ଡିଆନ୍ ଓପନ୍ ଆଥ୍‌ଲେଟିକ୍ ମିଟ୍‌ରେ ଓଡ଼ିଆଙ୍କ ଚମକ





**ଭୁବନେଶ୍ୱର, ୧୩।୭ (ସମିସ):** ପୁନେର ସାବିତ୍ରୀବାଇ ଫୁଲେ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକଦିବସୀୟ ଇଣ୍ଡିଆନ୍ ଓପନ୍ ଆଥ୍‌ଲେଟିକ୍ସ ମିଟ୍‌ରେ ଓଡ଼ିଆ ପ୍ରତିଯୋଗୀଙ୍କ ଚମକ ଦେଖିବାକୁ ମିଳିଛି। ପୁରୁଷ ୧୦୦ ମିଟର ରେସ୍-ଏ'ରେ ଭେଟେରାନ ଅମୀୟ ମଲ୍ଲିକ ୧୦.୬୩ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ୧୦୦ ମିଟର ରେସ୍-ବି'ରେ ଅବିନାଶ ସାହୁ ୧୦.୭୭ ସେକେଣ୍ଡ ସମୟ ନେଇ ପୋଡିୟମର ୨ୟ ସ୍ଥାନରେ ରହିଥିଲେ। ମହିଳା ୮୦୦ ମିଟର ଲକ୍ଷ୍ମୀପ୍ରିୟା କିଶାନ ବାଜିମାତ୍ କରିନେଇଛନ୍ତି। ସେ ୨ ମିନିଟ୍ ୧୩.୭୧ ସେକେଣ୍ଡରେ ରେସ୍ ଶେଷ କରି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ମହିଳା ଲଙ୍ଗଜମ୍ପରେ ମଧ୍ୟ ପ୍ରଥମ ଦୁଇ ସ୍ଥାନରେ ଓଡ଼ିଆ ଖେଳାଳି ରହିଛନ୍ତି। ସେମାନେ ହେଲେ ମନୀଷା ମେରେଲ ଓ ଅନନ୍ୟା ସିଂ। ମନୀଷା ୫.୭୨ ମିଟର ଡେଇଁ ପ୍ରଥମ ଓ ଅନନ୍ୟା ୫.୧୨ ମିଟର ଡେଇଁ ୨ୟ ସ୍ଥାନରେ ରହିଥିଲେ। ସେହିଭଳି ପୁରୁଷ ହାଇଜମ୍ପରେ ସ୍ୱାଧୀନ କୁମାର ମାଝୀ (୨.୧୦ ମିଟର) ଓ ଲଙ୍ଗ ଜମ୍ପରେ ସରୁନ ପୟାସିଂହ (୭.୬୮ ମିଟର) ମଧ୍ୟ ପୋଡିୟମର ଦ୍ୱିତୀୟ ସ୍ଥାନରେ ରହି ରାଜ୍ୟ ପାଇଁ ସଫଳତା ଆଣିଛନ୍ତି।

# ସ୍କୁଲ ଓପନ ଚେସ୍: ବିନୀତ ଚାମ୍ପିଅନ




**ଭୁବନେଶ୍ୱର, ୧୩।୭ (ସମିସ):** ଭୁବନେଶ୍ୱର ବିଜେଇଏମ୍ ସ୍କୁଲ-୧'ର ବିନୀତ ନାୟକ ତୃତୀୟ ରାଜ୍ୟସ୍ତରୀୟ ସ୍କୁଲ ଚେସ୍‌ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବିଜେଇଏମ୍ ସ୍କୁଲ ଓ ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ଆୟୋଜିତ ୫ ରାଉଣ୍ଡ ବିଶିଷ୍ଟ ଖେଳରେ ବିନୀତ ୫ ରାଉଣ୍ଡରୁ ୫ ପଏଣ୍ଟ ସଂଗ୍ରହ କରିଥିଲେ। ତାଙ୍କ ପଛକୁ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ରନର୍ସ ଅପ୍, ଏପିଜେ ସ୍କୁଲ୍‌ର ପ୍ରାଂଶୁ ଦାସ ତୃତୀୟ, ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଆଦ୍ୟା ଅଦ୍ୱୈତ ଦାସ ଚତୁର୍ଥ ଓ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶ ନନ୍ଦ ଗୋସ୍ୱାମୀ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଆୟୋଜକ ସ୍କୁଲ୍‌ର ଭାଇସ୍ ପ୍ରିନ୍ସିପାଲ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତା ଶେଷରେ ପ୍ରିନ୍ସିପାଲ ସନ୍ଧ୍ୟାରାଣୀ ଜେନା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

## ଏପ୍‌ସିଲନ୍ ଫାଉଣ୍ଡେସନ ପକ୍ଷରୁ କୋର୍ଟ ଓ ପିଚ୍ ଉଦ୍‌ଘାଟିତ



**ଭୁବନେଶ୍ୱର, ୧୩।୭ (ସମିସ):** ଏପସିଲନ କାର୍ବନ ପ୍ରାଇଭେଟ୍ ଲିମିଟେଡର ସିଏସ୍‌ଆର୍ ଶାଖା, ଏପ୍‌ସିଲନ ଫାଉଣ୍ଡେସନ ଝାରସୁଗୁଡ଼ାର ବେରୁଣପଦି ଅଞ୍ଚଳରେ ନବନିର୍ମିତ ସ୍ପୋର୍ଟ୍ସ କୋର୍ଟ ଓ କ୍ରିକେଟ୍ ପିଚ୍ ଉଦ୍‌ଘାଟନ କରିଛି। ଅବହେଳିତ ପିଲାମାନଙ୍କୁ ସେବା ଯୋଗାଉଥିବା ଏକ ଅଣଲାଭକାରୀ ଦାତବ୍ୟ ବିଦ୍ୟାଳୟ ଉତ୍କଳ ଗୌରବ ଇଣ୍ଟରନ୍ୟାସନାଲ ସ୍କୁଲରେ ଏହି କ୍ରୀଡ଼ା ଭିତ୍ତିଭୂମି ଉଦ୍‌ଘାଟିତ ହୋଇଛି। ଏହି କ୍ରୀଡ଼ା କମ୍ପ୍ଲେକ୍ସ ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଉପକୃତ କରିବା ସହ କ୍ରିକେଟ୍, ହକି ତୀରନ୍ଦାଜ କ୍ରୀଡ଼ା କ୍ଷେତ୍ରରେ ଢାଞ୍ଚାଗତ ପ୍ରଶିକ୍ଷଣ ପାଇଁ ସୁବିଧା ପ୍ରଦାନ କରିବ। ଏହି ଉଦ୍‌ଘାଟନ ଅବସରରେ ଏପସିଲନ୍ ଫାଉଣ୍ଡେସନର ନିର୍ଦ୍ଦେଶକ ବିକ୍ରମ ହାଣ୍ଡା କହିଛନ୍ତି, 'ଗ୍ରାମାଞ୍ଚଳ କ୍ରୀଡ଼ା ଭିତ୍ତିଭୂମି କ୍ଷେତ୍ରରେ ନିବେଶ କରି ଆମେ ପିଲାମାନଙ୍କୁ ଜୀବନ କୌଶଳ, ନେତୃତ୍ୱ ଗୁଣବତା ଓ ଏକ ସୁସ୍ଥ ଭବିଷ୍ୟତ ପାଇଁ ମାର୍ଗ ପ୍ରଦାନ କରି ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛୁ।' ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ, ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ହାରିଲେ ଆଲ୍‌କାରାଜ; ସିନ୍ନର ନୂଆ ଚାମ୍ପିଅନ

**ୱିମ୍ବଲଡନ**

**ଲଣ୍ଡନ, ୧୩।୭ (ଏଜେନ୍ସି)**

ବିଶ୍ୱର ନଂ-୧ ଖେଳାଳି ଇଟାଲୀର ଜାନିକ୍ ସିନ୍ନର ପୁରୁଷ ସିଙ୍ଗଲ୍ସରେ ନୂଆ ୱିମ୍ବଲଡନ ଚାମ୍ପିଅନ ହୋଇଛନ୍ତି। ଏଠାରେ ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ସେ ଗତ ଦୁଇ ବର୍ଷର ଚାମ୍ପିଅନ ତଥା ବିଶ୍ୱର ନଂ-୨ ଖେଳାଳି ସ୍ପେନ୍‌ର କାର୍ଲୋସ୍ ଆଲକାରାଜଙ୍କୁ ୪-୬, ୬-୪, ୬-୪, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଏହା ଫଳରେ ସିନ୍ନର ଚତୁର୍ଥଥର ଗ୍ରାଣ୍ଡସ୍ଲାମ୍ ଟାଇଟଲ କବ୍‌ଜା କରିଛନ୍ତି। ପୂର୍ବରୁ ସେ ଦୁଇଥର ଫ୍ରେଞ୍ଚ୍ ଓପନ, ଥରେ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଛନ୍ତି। ଚଳିତବର୍ଷ ମଧ୍ୟ ସେ ଫ୍ରେଞ୍ଚ ଓପନରେ ରନର୍ସ ଅପ୍ ହୋଇଥିଲେ। ବିଶ୍ୱର କିଂବଦନ୍ତୀ ଖେଳାଳି ନୋଭାକ୍ ଜୋକୋଭିଚ୍‌ଙ୍କୁ ପରାସ୍ତ କରି ସେ ପ୍ରଥମଥର ୱିମ୍ବଲଡନ ଫାଇନାଲରେ ପ୍ରବେଶ କରିବା ସହ ପ୍ରଥମ ଟାଇଟଲ ଜିତିନେଇଥିଲେ। ଅନ୍ୟ ପକ୍ଷରେ ଆଲକାରାଜ ୫ଥର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ହୋଇଥିଲାବେଳେ ପ୍ରଥମଥର ଫାଇନାଲରେ ପରାଜିତ ହୋଇଛନ୍ତି। ପୂର୍ବରୁ ଗତକାଲି ରାତିରେ ପୋଲାଣ୍ଡର ଇଗା ସ୍ୱିଆଟେକ୍ ଏକତରଫା ଭାବେ ମାତ୍ର ୫୭ ମିନିଟ୍‌ରେ ମହିଳା ଏକକ ଟାଇଟଲ ଜିତିନେଇଥିଲେ। ଶନିବାର ଅନୁଷ୍ଠିତ ଫାଇନାଲରେ ସେ ୧୩ଶ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କୁ ୬-୦, ୬-୦ ସିଧାସଳଖ ସେଟ୍‌ରେ ହରାଇଥିଲେ। ଏହା ଫଳରେ ୧୯୮୮ ଫ୍ରେଞ୍ଚ ଓପନ ଫାଇନାଲର ପୁନରାବୃତ୍ତି ହୋଇଥିଲା। ୮ମ ସିଡ୍ ବେଲଜିୟମର ଏଲିସେ ମେର୍ଟେନ୍ସ ଓ ଭେରୋନିକା କୁଦେରମେଟୋଭା ୱିମ୍ବଲଡନ ମହିଳା ଯୁଗଳ ଟାଇଟଲ ବିଜୟୀ ହୋଇଛନ୍ତି। ରବିବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ମେର୍ଟେନ୍ସ ଓ କୁଦେରମେଟୋଭାଙ୍କ ଯୋଡି ଚତୁର୍ଥ ସିଡ୍ ଲାଟଭିଆର ସି ସୁ-ୱେଇ ଓ ଲାଟଭିଆର ଜେଲେନା ଓଷ୍ଟାପେଙ୍କୋଙ୍କୁ ୨-୧ ସେଟ୍‌ରେ ପରାସ୍ତ କରି ଏହି ଟାଇଟଲ ଜିତିଥିଲେ। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଏହି ମୁକାବିଲାରେ ଓଷ୍ଟାପେଙ୍କୋ-ସୁ-ୱେଇ ପ୍ରଥମ ସେଟ୍‌କୁ ୬-୩ରେ ଜିତିନେଇଥିଲେ। କିନ୍ତୁ ମେର୍ଟେନ୍ସ ଓ କୁଦେରମେଟୋଭାଙ୍କ ଯୋଡି ପରବର୍ତ୍ତୀ ଦୁଇଟି ସେଟ୍‌କୁ ୬-୨, ୬-୪ରେ ଜିତିବା ସହ ଟାଇଟଲ କବ୍‌ଜା କରିନେଇଥିଲେ।



ନନ୍ଦିଘୋଷ

CAREER Opportunities

Nandighosha Network Pvt. Ltd., a leading & fast-growing Odia News Channel invites applications for its

IT Department.

Candidates having requisite qualifications and experience may send their CV.

| Name of the Post | Experience |
| --- | --- |
| IT Executive | 1. Diploma/Degree in Hardware & Networking / MCA from a recognized institute/University.<br>2. Key Responsibilities:<br>• Manage and maintain all IT infrastructure including systems, networks, and broadcast equipment.<br>• Provide technical support to newsroom, production, and editorial teams.<br>• Ensure the smooth operation of broadcasting software, editing systems, and studio setups.<br>• Troubleshoot hardware/software/network issues and ensure minimal downtime.<br>3. 3 to 5 years of experience in information technology. Priority will be given to electronic / digital media experience. |

Please apply along with your detailed CV with recent passport size photo via e-mail: hr@nandighoshatv.com by 15th July, 2025.
Only shortlisted candidates will be called for Personal Interview.

Contact No. 9437016499
HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS